ମଣିଷର କାହାଣୀ

ରାହୁଲ ସାଂକୃତ୍ୟାୟନ

ଓଡ଼ିଆ ଅନୁବାଦ:

କୁମୁଦିନୀ ଗୁରୁ

Digitized by srujanika@gmail.com

ମଣିଷର କାହାଣୀ

ଲେଖକ

ରାହୁଲ ସାଂକୃତ୍ୟାୟନ

ଅନୁବାଦ

କୁମୁଦିନୀ ଗୁରୁ

ନବପଲ୍ଲବ, ଭୁବନେଶ୍ୱର

Digitized by srujanika@gmail.com

ମଣିଷର କାହାଣୀ

ଲେଖକ: ରାହୁଲ ସାଂକୃତ୍ୟାୟନ

ଅନୁବାଦ: କୁମୁଦିନୀ ଗୁରୁ

ପ୍ରଥମ ସଂସ୍କରଣ: ୨୦୧୮

ପ୍ରକାଶକ : ନବପଲ୍ଲବ
ବି- ୧୯୪, ବି.ଡି.ଏ. ଡ୍ୟୁପ୍ଲେକ୍ସ,
ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩,ଓଡ଼ିଶା

ମୁଦ୍ରଣ: ଶିକ୍ଷା ପ୍ରକାଶନୀ, ଭୁବନେଶ୍ୱର

ଡି.ଟି.ପି.: ସ୍ୱପ୍ନା ଗ୍ରାଫିକ୍ସ, ଭୁବନେଶ୍ୱର

ପ୍ରଚ୍ଛଦ: ରମେଶ ଗୁମାନ ସିଂହ

ଆଇ.ଏସ୍.ବି.ଏନ୍: ୯୭୮-୮୧-୯୩୭୪୧୫-୭-୩

ମୂଲ୍ୟ: ୭୫.୦୦-ଟଙ୍କା ମାତ୍ର

Manisara Kahanee

Author: **Rahul Shankrutyayan**

Odia Translation: **Kumudinee Guru**

First Edition : *2018*

Publisher: **Nabapallav,** Bhubaneswar
B-194, B.D.A. Duplex, Baramunda,
Bhubaneswar-751 003, Odisha

Printed at: **Sikshaprakashani,** Bhubaneswar
D.T.P.: **Swapna Graphics,** Bhubaneswar

Cover: Ramesh Guman Singh

Price: 75 /- Only

ISBN: 978-81-937415-7-3

Digitized by srujanika@gmail.com

'ଉତ୍ସର୍ଗ'

ଗପ ନଶୁଣିଲେ ଯାହା ଆଖିକୁ ନିଦ ଆସେ ନାହିଁ ସେଇ ମୋର ସାତ ବରଷର ନାତି 'ତୁହିନାଂଶୁ' ଏବଂ ତା' ଭଳି ଆହୁରି ଅନ୍ୟ ଅନେକଙ୍କ ହାତରେ ଏଇ 'ମଣିଷର କାହାଣୀ' (ତୁହିନାଂଶୁର 'ମୁନାମୁନିଙ୍କ କାହାଣୀ') ପୁସ୍ତକଟିକୁ ଉତ୍ସର୍ଗ କରୁଛି।

କୁମୁଦିନୀ

Digitized by srujanika@gmail.com

ବହି ବିଷୟରେ ଦି'ପଦ...

ମହାପଣ୍ଡିତ ରାହୁଲ ସାଂକୃତ୍ୟାୟନଙ୍କ ବିଷୟରେ ପ୍ରଥମ କରି ଚିତ୍ତଭାଇ (ଶ୍ରୀଯୁକ୍ତ ଚିତ୍ତ ରଞ୍ଜନ ଦାସ)ଙ୍କ କ୍ଲାସ୍‌ରେ ହୋଇଥିବା ଆଲୋଚନା ସମୟରେ ମୁଁ ଜାଣିବାକୁ ପାଇଥିଲି । ଚିତ୍ତଭାଇଙ୍କ ମୁହଁରୁ ଶୁଣିବାକୁ ମିଳିଥିବା ବହିର ନାମ ଏବଂ ବ୍ୟକ୍ତିବିଶେଷଙ୍କ ନାମ ଯେ କେତେ ଅନନ୍ୟ ସେ କଥା ତାଙ୍କୁ ଜାଣିଥିବା ସମସ୍ତଙ୍କୁ ଜଣାଥିବ । ବହି ପଢ଼ିବାକୁ ଭଲ ପାଉଥିବାରୁ ରାହୁଲ ସାଂକୃତ୍ୟାୟନଙ୍କ ବିଷୟରେ ଜାଣିବାର ଆଗ୍ରହ ମୋର ହେଲା । ତାଙ୍କର ମୂଳ ଲେଖା ହିନ୍ଦିଭାଷାରେ, ତେଣୁ ଓଡ଼ିଶାରେ ମିଳିବା କଷ୍ଟ । ଓଡ଼ିଆ ଭାଷାରେ ତାଙ୍କ ଅନୁଦିତ ପୁସ୍ତକ ମଧ୍ୟରେ ମାତ୍ର ଖଣ୍ଡିଏ 'ଭଲ୍‌ଗାରୁ ଗଙ୍ଗା' ନାମରେ ଅଛି । ତା ମଧ୍ୟ ଦୁଷ୍ପ୍ରାପ୍ୟ ଥିଲା । (ଏବେ ଫ୍ରେଣ୍ଡ୍‌ସ ପବ୍ଲିସର୍ସ ତରଫରୁ ଏହାର ନୂତନ ସଂସ୍କରଣଟିଏ ପ୍ରକାଶିତ ହୋଇଛି) କୌଣସି ପ୍ରକାର ଖଣ୍ଡିଏ ମିଳିଗଲାରୁ ସେଇଟି ପଢ଼ିବା ପରେ ମହାପଣ୍ଡିତଙ୍କ ପାଣ୍ଡିତ୍ୟର ଆକର୍ଷଣ ଏତେ ପ୍ରବଳ ହେଲାଯେ କୌଣସି ପ୍ରକାରେ ତାଙ୍କ ବହି ସବୁ ପଢ଼ିବା ପାଇଁ ବ୍ୟସ୍ତ ହୋଇଉଠିଲି । ମାତ୍ର ଅନେକ ଦିନ ପର୍ଯ୍ୟନ୍ତ ସେ ସୁଯୋଗ ଜୁଟିଲା ନାହିଁ । ଲେଖକଙ୍କର ଅନେକ ବହି ମୂଳଲେଖା ହିନ୍ଦିରେ ସବୁ ଜାଗାରେ ଉପଲବ୍ଧ ନଥିଲା । ମାତ୍ର ଇଣ୍ଟରନେଟ୍‌ରୁ ସାହାଯ୍ୟ ପାଇଁ ତାଙ୍କର ବଙ୍ଗଳା ଅନୁଦିତ ପୁସ୍ତକ ଏବଂ ପରେ ପରେ ହିନ୍ଦୀ ପୁସ୍ତକ ସବୁ ଦେଖିବାର ସୁଯୋଗ ମିଳିଲା । ମହାପଣ୍ଡିତ ପ୍ରକୃତରେ ଜଣେ ମହାପଣ୍ଡିତ, ଜ୍ଞାନର ସାଗର । ତାଙ୍କ ବିଷୟରେ କିଛି ଲେଖିବାକୁ ଯିବା ମୋ ପକ୍ଷରେ ଧୃଷ୍ଟତା ହେବ । ତେଣୁ ସେ ପ୍ରସଙ୍ଗକୁ ଯାଉନାହିଁ । ମାତ୍ର ଏଡ଼େ ସୁନ୍ଦର ବହିଟିଏ 'ଭଲଗାରୁ ଗଙ୍ଗା'ର ଅନୁବାଦ ପରେ ଓଡ଼ିଆ ଭାଷାରେ ଆଉ କିପରି କାହିଁକି ଏ ପ୍ରକାର ପ୍ରୟାସ ହୋଇନାହିଁ ଭାବି ବେଶ୍ ଆଶ୍ଚର୍ଯ୍ୟ ଲାଗିଲା, ଏବଂ ଦୁଃଖ ମଧ୍ୟ ଲାଗିଲା । ତେଣୁ ଯେତିକି ପାରିବି ତାଙ୍କର ବହି

Digitized by srujanika@gmail.com

କେତୋଟିର ଓଡ଼ିଆ ଅନୁବାଦ କରିବାକୁ ମନସ୍ଥ କରି ପ୍ରଥମେ ଏଇ 'ମଣିଷର କାହାଣୀ'ବହିଟିକୁ ଅନୁବାଦ କରିବାକୁ ସ୍ଥିର କଲି। ପିଲାମାନଙ୍କ ପାଇଁ ଖାସ୍ କରି ଲେଖାଥିବା ବହିଟିକୁ "ନବପଲ୍ଲବ" ପ୍ରକାଶନ ସଂସ୍ଥା ପ୍ରକାଶ କରିବାକୁ ଆଗ୍ରହର ସହିତ ରାଜି ହେଲେ। ସେଥିପାଇଁ 'ନବପଲ୍ଲବ' ନିକଟରେ ମୁଁ କୃତଜ୍ଞ।

ବହିଟିର ଅନୁବାଦ ଏବଂ ପ୍ରକାଶନ ପାଇଁ ସଦୟ ସ୍ୱୀକୃତି ଦେଇ ଥିବାରୁ ରାହୁଲଜୀଙ୍କ ପୁତ୍ର ଶ୍ରୀଯୁକ୍ତ ଜେତା ସାଂସ୍କୃତ୍ୟାୟନଙ୍କୁ ମଧ୍ୟ ଅନ୍ତରର କୃତଜ୍ଞତା ଜଣାଉଛି।

ପୁସ୍ତକଟି ଏକାଧାରରେ ଇତିହାସ, ସମାଜତତ୍ତ୍ୱ, ନୃତତ୍ତ୍ୱ, ଇତ୍ୟାଦି ଅନେକ ବିଷୟ ପ୍ରତି ଦ୍ୱାର ଉନ୍ମୋଚିତ କରୁଛି। ଅତି ସରଳ ଭାଷାରେ ନିଜ ଛୋଟ ଝିଅକୁ କାହାଣୀ ଶୁଣାଇବା ଛଳରେ ମନୁଷ୍ୟର କ୍ରମ ବିବର୍ତ୍ତନର କାହାଣୀକୁ ଲେଖକ ଯେପରି ଭାବରେ ଉପସ୍ଥାପିତ କରିଛନ୍ତି ତାହା ପିଲାମାନଙ୍କ ସହିତ ଆମ ବଡ଼ମାନଙ୍କୁ ମଧ୍ୟ ଜ୍ଞାନର ଖୋରାକ ଯୋଗାଇବ। ତେଣୁ ପ୍ରଥମ କରି ବହିଟିକୁ ପଢ଼ିବା ସମୟରେ ହିଁ ଏହି ବହିଟିର ଅନୁବାଦ ଓଡ଼ିଆରେ କରିବାକୁ ମନସ୍ଥ କରିଥିଲି।

ଆଶା କରୁଛି ମୋରି ଭଳି ସମସ୍ତ ଓଡ଼ିଆ ପାଠକଙ୍କୁ ବହିଟି ଉପକୃତ କରିବ ଏବଂ ଆଧୁନିକ ଭାରତର ଦିଗ୍‌ଗଜ ପଣ୍ଡିତ ଜ୍ଞାନୀ,ଗୁଣି, ମହାପଣ୍ଡିତ ରାହୁଲ ସାଂକୃତ୍ୟାୟନଙ୍କ ଅଗାଧ ଜ୍ଞାନ ସାଗରଗରେ ବୁଡ଼ ପକାଇବାକୁ ଉଦ୍‌ବୁଦ୍ଧ କରିବ।

କୁମୁଦିନୀ ଗୁରୁ

Digitized by srujanika@gmail.com

(୧)

ଯେତେବେଳେ ମଣିଷ ଜଙ୍ଗଲରେ ରହୁଥିଲା

ମନୁଷ୍ୟ ସୃଷ୍ଟିର ଆରମ୍ଭ ସମୟର କଥା ଇଏ । ଅବଶ୍ୟ ସେ ସମୟର କଥା କେହି ଦେଖି ନଥିଲା ଅଥବା କୌଣସି ପ୍ରକାର ଲେଖାରେ ମଧ୍ୟ ନାହିଁ । ଆଜିର ବୁଦ୍ଧିଆ ପାଠୁଆ ମଣିଷ ବୁଦ୍ଧି ଖଟାଇ ଏସବୁ କଥା ଅନ୍ଦାଜ କରୁଛି । ସେତେବେଳେ ମଣିଷ ବଣ ଜଙ୍ଗଲରେ ମାଙ୍କଡ଼ ଭଳି ରହୁଥିଲା । ଗଛ ଉପରେ ଡାଳପତ୍ର ସାଙ୍ଗରେ, ପାହାଡ଼ ଗୁମ୍ଫାରେ ନହେଲେ ସେମିତି ଖୋଲା ଆକାଶ ତଳେ । ମଣିଷ କପଡ଼ା ମଧ୍ୟ ପିନ୍ଧୁ ନଥିଲା, କାରଣ କପଡ଼ା ପିନ୍ଧିବା କଥା ମଣିଷକୁ ଜଣା ବି ନଥିଲା, ଆଉ କପଡ଼ା ବା ଆସିବ କୁଆଡୁ ! ଯେତେବେଳେ ସେ ପାହାଡ଼ ଉପରେ ରହୁଥିଲା, ଅଧିକ ଶୀତ ଲାଗିଲେ ପାହାଡ଼ ତଳକୁ ଚାଲି ଆସୁଥିଲା, କାରଣ ପାହାଡ଼ ଉପର ଅପେକ୍ଷା ପାହାଡ଼ ତଳେ କମ୍ ଶୀତ ହେଉଥିଲା । ବର୍ଷାବେଳେ କୌଣସି ଗୁମ୍ଫା ଭିତରେ ବା ବଡ଼ ଗଛ ତଳେ ରହିଯାଉଥିଲା । ଆଉ ଗ୍ରୀଷ୍ମ କାଳରେ ତ ଏମିତି ଖୋଲା ଦେହରେ ଖୋଲା ଆକାଶ ତଳେ ରହୁଥିଲା । ସେଇ ସମୟର କାହାଣୀ ଇଏ । ମାଆଟିଏ ଥିଲା । ତା'ର ପୁଅଟିଏ ଆଉ ଝିଅଟିଏ ଥିଲେ । ଘର ବୋଲି ତ ସେତେବେଳେ କିଛି ନଥିଲା । ତେଣୁ ଖରା, ବର୍ଷା, ଶୀତ ଆଉ ଜଙ୍ଗଲି ଜାନୁଆରଙ୍କ କବଳରୁ ନିଜକୁ ରକ୍ଷାକରିବା ପାଇଁ ସେମାନେ କେତେବେଳେ ପାହାଡ଼ ଗୁମ୍ଫାରେ ତ ଆଉ କେତେବେଳେ ଗଛ କୋରଡ଼ ଅବା ଗଛ ମୂଳରେ ରହି ଯାଉଥିଲେ । ଖରା, ବର୍ଷା, କି ଶୀତରୁ ରକ୍ଷା

Digitized by srujanika@gmail.com

ପାଇବା ପାଇଁ ତାଙ୍କ ନିକଟରେ କିଛି ବୋଲି କିଛି ନଥିଲା। ବର୍ଷା ହେଲେ ଓଦା ହୋଇ ଯାଉଥିଲେ ଆଉ ସେମିତି ସେମିତି ଦେହରେ ପାଣି ଶୁଖି ଯାଉଥିଲା। ସେଇ ସମୟରେ ଦିନେ ଜଙ୍ଗଲରେ ବୁଲୁ ବୁଲୁ ମାଆ ଗୋଟିଏ ଠେକୁଆ ଦେଖିଲା। ସେ ଲୁଚି ଲୁଚି ଯାଇ ଠେକୁଆ ଉପରକୁ ପଥରଟିଏ ମାରିଦେଲା ଯେ ପଥରଟା ଯାଇ ଠେକୁଆ ଦେହରେ ବାଜି ଗଲାରୁ ସେଇଟା ସେଇଠି ପଡ଼ି ମରିଗଲା। ଶିକାର ମିଳି ନ ଥିବାରୁ ତା'ର ପିଲା ଦୁହେଁ କାଲିଠାରୁ କିଛି ଖାଇ ନଥିଲେ। ଭୋକରେ କାନ୍ଦି କାନ୍ଦି ଗଛମୂଳରେ ଶୋଇ ପଡ଼ିଥିଲେ। ତାଙ୍କୁ ସେଠାରେ ଶୁଆଇ ଦେଇ ମାଆ କିଛି ଶିକାର ଆଶାରେ ବାହାରି ଆସିଥିଲା । ଯା'ହେଉ ଠେକୁଆଟାଏ ମିଳିଗଲା । ମାଆ ଖୁସି ମନରେ ମଲା ଠେକୁଆକୁ ଧରି ଛୁଆଙ୍କ ପାଖକୁ ଗଲା । ପୁଅ ସୁମା ଆଉ ଝିଅ ସୁମିକୁ ନିଦରୁ ଉଠେଇଲା । ଠେକୁଆ ଦେହରେ ଯେଉଁ ରୁମୁରୁମିଆ ଚମଡ଼ା ଥିଲା, ବର୍ଷା ହୋଇଥିଲେ ସିନା ତାକୁ ଧୋଇଥା'ନ୍ତା ! ତେଣୁ ସେମିତି ତାକୁ କାଟିବାକୁ ତା' ପଥର ଛୁରିଟା କାଢ଼ିଲା । ହଁ ସେତେବେଳେ ଲୁହା, ପିତଳ, ତମ୍ବା ଇତ୍ୟାଦି କୌଣସି ଧାତୁ କଥା ମଣିଷକୁ ଜଣା ନଥିଲା । ଯାହା କିଛି ହାତ ହତିଆର ମଣିଷ ବ୍ୟବହାର କରୁଥିଲା ସବୁ ପଥର, ହାଡ଼ ନହେଲେ କାଠ ତିଆରି ଥିଲା। ଛୁରିଟା କିନ୍ତୁ ଭାରି ଧାରୁଆ ଥିଲା । ସେଇ ଛୁରିରେ ମାଆ ଠେକୁଆର ଚମଡ଼ାକୁ ଚିରି ଗୋଟିଏ ପାଖକୁ ଆଡ଼େଇ ଦେଇ ଖଣ୍ଡେ ମାଂସ କାଟି ସୁମି ମୁହଁରେ ଆଉ ଖଣ୍ଡେ ମାଂସ କାଟି ସୁମା ମୁହଁରେ ଦେଲା। ହଁ ସେତେବେଳେ ମଣିଷ ଜନ୍ତୁ ଜାନୁଆରଙ୍କ ପରି କଞ୍ଚା ମାଂସ ଖାଉଥିଲା, କାରଣ ମଣିଷ ନିଆଁର ବ୍ୟବହାର ଜାଣି ନଥିଲା। ହେଲେ କଞ୍ଚା ମାଂସ କ'ଣ ଶୀଘ୍ର ଚୋବେଇ ଖାଇହେବ ? ସୁମା ମାଂସ ଖଣ୍ଡକ ଚୋବେଇ ଗିଳିଲା ବେଳକୁ ତା ଗଳାରେ ଅଟକି ଗଲା, ମାଆ ଝଟକରି ତା' ପିଠି ଉପରେ ଜୋର୍‌ରେ ଚାପୁଡ଼ା ମାରିବାରୁ ମାଂସଟା ଗଳାରୁ ଖସିଗଲା, ନହେଲେ ବିଚରା ସୁମାର ଅବସ୍ଥା କ'ଣ ହୋଇଥା'ନ୍ତା କିଏ ଜାଣେ ? ସୁମି ସୁମା ଠାରୁ ଅଧିକ ଚାଲାଖ ଥିଲା। ସେ ଜୋର୍‌ରେ ଦାନ୍ତରେ ଦବେଇ ମାଂସକୁ ଅଧା ଚୋବା କରି ଗିଳି ଦେଉଥାଏ । ତାପରେ ମାଆ ତାକୁ ଆଉ ଖଣ୍ଡେ ମାଂସ କାଟି ଦେଉଥାଏ। ମାଆ ବି

Digitized by srujanika@gmail.com



ପ୍ରସ୍ତର ଯୁଗର ହତିଆର ଏବଂ ଛୁରି

ସେଥିରୁ ଖଣ୍ଡେ ଖଣ୍ଡେ ମାଂସ କାଟି ନିଜେ ଖାଇ ନେଉଥାଏ। କଞ୍ଚା ମାଂସ ତ, ଖାଇବାକୁ ବହୁତ ସମୟ ଲାଗୁଥାଏ । ଏଇମିତି ଚୋବେଇ ଚୋବେଇ ଖାଇ ଅଧା ଠେକୁଆ ସେମାନେ ଖାଇଦେଲେ। ବାକି ଅଧାକ କାଲି ଖାଇବା ପାଇଁ ରଖିଦେଲେ। ସେମାନେ ଶିକାର କରି ଖାଉଥିଲେ। ଆଉ ସବୁଦିନ କ'ଣ ସେତେବେଳେ ମଣିଷକୁ ଶିକାର ମିଳୁଥିଲା ? ଆଜିର ଖାଇବା କାମ ସରିଗଲା, ଏଣେ ସଂଜ ବି ହୋଇ ଆସିଲା। ମାଆ ସୁମା ଆଉ ସୁମିଙ୍କୁ ପାହାଡ଼ ଗୁମ୍ଫା ଭିତରକୁ ଯିବାକୁ ଇଶାରା କଲା। ହେଲେ ସୁମି ମାଆ କଥା ମାନି ଗୁମ୍ଫା ଭିତରକୁ ଯାଉ ନଥାଏ। ମାଆ ସେଇଠୁ କ'ଣ କଲାନା ସୁମିକୁ ଦି'ଟା ଥାପଡ଼ ମାରିଲା । ଥାପଡ଼ ଖାଇବା ପରେ ସୁମି ଗୁମ୍ଫା ଭିତରକୁ ଗଲା। ପାହାଡ଼ ଗୁମ୍ଫାର ମୁହଁଟା ଭାରି ଛୋଟ ଥିଲା ଯାହା ଉପରେ ମାଆ କାଠ ଗଣ୍ଡିସବୁ ଲଦି ଦେଇଥିଲା। ଧୀରେ ଧୀରେ ରାତି ବଢ଼ିଲା ବେଳକୁ ସୁ ସୁ ହୋଇ ଥଣ୍ଡା ପବନ ବହିବାରେ ଲାଗିଲା। ଏତେ ହେମାଳ ପବନ ଯେ ଦାନ୍ତ ଠକ୍ ଠକ୍ ହୋଇ ବାଜୁଥାଏ, ଦେହ ଥରି ଯାଉଥାଏ। ଫୁଙ୍ଗୁଳା ଦେହରେ ମାଆ

Digitized by srujanika@gmail.com

ଛୁଆ ତିନିହେଁ ଜାକିଜୁକି ହୋଇ କୁକୁର ଛୁଆ ଗୋଟାକ ଉପରେ ଗୋଟାଏ ଲଦି ହୋଇ ଶୋଇଲା ଭଳିଆ ଶୋଇଗଲେ। ରାତିରେ ଗୁମ୍ଫା ବାହାରେ ହାତୀ ରଡ଼ି ଶୁଭୁଥାଏ, ବାଘ ହେଣ୍ଟାଳୁଥାଏ। ବିଚରା ତିନିଜଣଯାକ ଡରରେ ଖାଲି କମ୍ପୁଥାନ୍ତି । ଭଲ ହେଲା, ସୁମି ମାଆ କଥା ମାନି ଗୁମ୍ଫା ଭିତରକୁ ଚାଲି ଆସିଥିଲା।[୧]

(୨)

ମଣିଷ ନିଆଁର ବ୍ୟବହାର ଜାଣିଲା

ହଁ, ଗତଥର ତୁମକୁ ସୁମା ସୁମିଙ୍କର କାହାଣି କହୁଥିଲି। ସେକାଳରେ ମଣିଷ ବଡ଼ କଷ୍ଟରେ ରହୁଥିଲା। ନିଆଁର ବ୍ୟବହାର କ'ଣ ତାକୁ ଜଣା ନଥିଲା। ପଶୁମାନଙ୍କ ପରି କଞ୍ଚା ମାଂସକୁ ଦାନ୍ତରେ ଚୋବେଇ ଚୋବେଇ ଖାଇବାକୁ ପଡୁଥିଲା। ଶହେ କି ହଜାର ନୁହେଁ ଏହିପରି ଲକ୍ଷାଧିକ ବର୍ଷ ବିତିଗଲା। ଦିନେ ସୁମାର ମାଆ 'ଚୁନ୍ନି' ଜଙ୍ଗଲ ଛାଡ଼ି ଦଉଡ଼ି ପଳାଉଥାଏ। କାହିଁକି ଜାଣ ! ସେଦିନ ଜଙ୍ଗଲରେ ନିଆଁ ଲାଗି ଯାଇଥିଲା। ଜନ୍ତୁ ଜାନୁଆର ସବୁ ଜଙ୍ଗଲ ଛାଡ଼ି ପଳାଉଥିଲେ। କେତେବେଳେ ଶୁଖିଲା ଗଛରେ ଗଛ ଘସି ହୋଇ ନିଆଁ ଲାଗି ଯାଇଥିଲା। ପ୍ରଥମେ ଶୁଖିଲାପତ୍ର, ଘାସ ଜଳିଲା, ତା'ପରେ ତ ସାରା ଜଙ୍ଗଲ ଧୂ' ଧୂ' ହୋଇ ଜଳିବାରେ ଲାଗିଗଲା ! ବିଚରା ସବୁ ଜନ୍ତୁ ଜାନୁଆର ଆଉ କୁଆଡ଼େ ଯାଇ ପାରିଲେ ! ଯିଏ ଯାଇ ନ ପାରିଲେ ନିଆଁରେ ପୋଡ଼ି ହୋଇ ମଲେ। ଏତେ ବଡ଼ ଗୋଟିଏ ହାତୀ ସେଇ ନିଆଁରେ ଜଳି ମରିଗଲା। ବଡ଼ ଘୁଷୁରିଟିଏ ବି ପୂରା ପୋଡ଼ି ହୋଇ ମରି ଯାଇଥିଲା।

୧ - ପ୍ରସ୍ତର ଯୁଗର କାହାଣୀ

Digitized by srujanika@gmail.com

ସୁମା-ସୁମି ସେତେବେଳକୁ ଟିକିଏ ବଡ଼ ହୋଇ ଯାଇଥିଲେ । ସୁମାକୁ ଛଅ ବର୍ଷ ଆଉ ସୁମିକୁ ଆଠ ବର୍ଷ ହୋଇଥିଲା । ଜଙ୍ଗଲ ନିଆଁ ବେଶୀଦିନ ରହିପାରିଲା ନାହିଁ । କାହିଁକି ଜାଣିଛ ? ପରଦିନ ଏତେ ବର୍ଷା ହେଲା ଯେ କହିବାର ନୁହେଁ । ସେଇ ବର୍ଷାରେ ଜଙ୍ଗଲର ସବୁ ନିଆଁ ଲିଭିଗଲା । ପିଲାଦୁହେଁ ତାଙ୍କ ମାଆ ସାଙ୍ଗରେ ଜଳିପୋଡ଼ି କଳା ହୋଇ ଯାଇଥିବା ସେଇ ଜଙ୍ଗଲକୁ ପୁଣି ଫେରିଲେ । ଦେଖିଲେ ଘୁଷୁରିଟାଏ ପୂରା ପୋଡ଼ିଯାଇଛି । ଆହୁରି କେତେ ଜାନୁଆର-ଗଧିଆ, ଚିତାବାଘ, ବାଘ ଇତ୍ୟାଦି ପୋଡ଼ି ହୋଇ ମରି ପଡ଼ିଛନ୍ତି । ନହେଲେ ଏଇ ପଶୁମାନେ ବଞ୍ଚିଥିଲେ କ'ଣ ତାଙ୍କ ପାଖକୁ ଯାଇ ହେଉଥା'ନ୍ତା ! ମାଆ ତା'ଅଣ୍ଟାରୁ ପଥରର ସେଇ ଧାରୁଆ ଛୁରିଟା କାଢ଼ିଲା । ସେଇ ପୋଡ଼ା ଘୁଷୁରୀଟା ଏଥର ଛୁରିରେ ବେଶ୍ ଆରାମରେ କାଟି ହୋଇ ଯାଉଥାଏ । ମାଆ ମାଂସ ଟୁକୁରା ସବୁ କାଟି ଖଣ୍ଡେ ଖଣ୍ଡେ ଛୁଆଙ୍କ ମୁହଁରେ ଦେଲା ଆଉ ନିଜେ ଖଣ୍ଡେ ଖାଇଲା । ଖାଉ ଖାଉ ମାଆ ପାଟିରୁ ଖୁସିରେ 'ଆଃ ଆଃ' ! ବାହାରି ପଡ଼ିଲା । ସେତେବେଳେ ମଣିଷ ବେଶି କଥା କହିବା ବି ଜାଣି ନଥିଲା । ମାଆର 'ଆଃ ଆଃ' ଶୁଣୁ ଶୁଣୁ ସୁମା ସୁମିଙ୍କ ପାଟିରୁ ବି ସେଇ 'ଆଃ ଆଃ' ବାହାରି ଗଲା । ଆଜି ମାଂସଟା ଏତେ ସୁଆଦ ଲାଗୁଛି କି କହିବାର ନୁହେଁ । ହେଲେ ଏତେ ବଡ଼ ଘୁଷୁରିଟାକୁ ତିନିଜଣଯାକ ଦିନକରେ ଖାଇ ପାରୁଛନ୍ତି କୋଉଠି ! ତେବେ ସୁଆଦିଆ ଆଉ ନରମ ହୋଇଥିବାରୁ ଖାଉ ଖାଉ ବହୁତ ଖାଇଦେଲେ । ଭଲ ଖାଇବା ଖୁସିରେ ବହେ ନାଚି ଗଲେ । ପାଣି ପିଇବାକୁ ଗଲାବେଳକୁ ପାଖ ନାଳରେ ଗୋଳିଆ ପାଣି । ହେଲେ ମାଆକୁ ଜଣାଥିଲା ସଫାପାଣି ଧାର କେଉଁଠି ଅଛି । ତିନିହେଁ ସେଇଠିକି ଯାଇ ହାତରେ ଚଳା ଚଳା କରି ପୁଣି ମାଙ୍କଡ଼ ଭଳି ମୁହଁ ଲଗାଇ ପେଟେ ଲେଖା ପାଣି ପିଇଲେ । ସେତେବେଳେ ମଣିଷ ଠିକ୍ ମାଙ୍କଡ଼ ଭଳି ରହୁଥିଲା । ତା' ଦେହରେ ନା ଥିଲା କପଡ଼ା, ନା ପାଖରେ ଖାଇବା ପିଇବା ପାଇଁ ବାସନ କୁସନ । ମାଟି ତିଆରି ବାସନ ବି ନଥିଲା । ଜଙ୍ଗଲରେ ବୁଲୁ ବୁଲୁ ଖରା କାଟିଲା ତ ଗଛ ଛାଇରେ ଯାଇ ବସି ଯାଉଥିଲା । ବରଷା ହେଲେ ପାହାଡ଼ ଗୁମ୍ଫା ମିଳିଗଲା ତ ଭଲ ନହେଲେ ଜନ୍ତୁ ଜାନୁଆରଙ୍କ ଭଳି ସେମିତି ଓଦା ହେଉଥିଲା, ବରଷା ପାଣି ସେଇ ଦେହରେ ଦେହରେ ଶୁଖୁଥିଲା ।

Digitized by srujanika@gmail.com

ସେଦିନ ନିଆଁରେ ପୋଡ଼ି ଯାଇଥିବା ଘୁଷୁରି ମାଂସର ସୁଆଦ ସୁମା ସୁମିଙ୍କୁ ଭାରି ଭଲ ଲାଗିଲା । ହେଲେ ତା'ପରଦିନ ଗଲାବେଳକୁ ସେ ଘୁଷୁରି ଦେହରେ ଟିକିଏ ବି ମାଂସ ଆଉ ବାକି ନଥିଲା, ଖାଲି ହାଡ଼ତକ ଯାହା ପଡ଼ି ରହିଥିଲା । ଜଙ୍ଗଲରେ ମାଂସ ଖାଇଲାବାଲା କ'ଣ କମ୍ ଥିଲେ କି? କୋକିଶିଆଳି, କଣାବିଲୁଆ, କଟାସ, ଚିତା, ସିଂହ, ବାଘ, ହେଟା, ଗଧିଆ ଏମିତି କେତେ କେତେ ମାଂସ ଖାଇଲାବାଲା । କୋକିଶିଆଳି ସେଇ ମାଂସରେ ମୁହଁ ମାରିଥିବ କି ନାହିଁ ବାସ ଆସି ପହଞ୍ଚି ଯାଇଥିବ ଗୁର୍ରାମଲ-ଘୁର୍ରାମଲ ଗଧିଆ । ତାକୁ ଦେଖୁ ଦେଖୁ କୋକିଶିଆଳି ଚମ୍ପଟ ମାରିଥିବ; ନହେଲେ ଗଧିଆ କ'ଣ ତାକୁ ଛାଡ଼ନ୍ତା ? ଭୋକ ମେଣ୍ଟିଲା ପରେ ବି ଗଧିଆ ସେଇଠି ବସି ହାଡ଼ ଚାଟୁ ଚାଟୁ ପହଞ୍ଚି ଗଲା ହେଃ-ଏତେ ବଡ଼ ବାଘଟାଏ ଯେ ଗଧିଆକୁ ଦେଖୁ ଦେଖୁ ନାକ ସଟକେଇ ଗାରୁ ଗାରୁ ଆରମ୍ଭ କରିଦେଲା । ଆଉ ବାଘ ମାମୁଁର ଗାରୁ ଗାରୁ ଶୁଣୁ ଶୁଣୁ ଗଧିଆରାମ ଦେଲା ଦଉଡ଼ ଯେ ଏକା ନିଶ୍ୱାସକେ ଆଖି ଆଗରୁ ଉଭାନ ହୋଇଗଲା ।

ଏଇସବୁ ଜାନୁଆର କେବଳ ମାଂସ ଖାଆନ୍ତି, ଫଳମୂଳ ଆଡ଼େ ମୁହଁ ବି ଲଗାନ୍ତି ନାହିଁ । ହେଲେ ଆମ ସୁମା-ସୁମି ଆଉ ତାଙ୍କ ମାଆ, ମାଂସ ସାଙ୍ଗରେ ଫଳମୂଳ ତ ଖାଉଥିଲେ, ଗଛର ପତର ବି ଖାଉଥିଲେ, ଯେମିତି ମାଙ୍କଡ଼ ଖାଇଥାଏ । ମାଆ ଦେଖିଲା ମାଂସ ତ ଆଉ ନାହିଁ ତେଣୁ ଶୀଘ୍ର ଶୀଘ୍ର ଫଳ ତୋଳି ନିଜେ ଖାଇଲା ଆଉ ସୁମା-ସୁମିଙ୍କୁ ବି ଦେଲା । ତାପରେ ଦୌଡ଼ିଲା ତାଙ୍କ ଗୁମ୍ଫା-ଆଡ଼େ । ମାଆ କ'ଣ କଲା ଖେଳରେ ଭୋଳ ହୋଇ ସୁମା-ସୁମି କିଛି ଜାଣି ପାରିଲେ ନାହିଁ । ବୁଦ୍ଧୁ କୋଉଠିକାର । ସେଦିନ ଜଙ୍ଗଲ ନିଆଁରେ ଏତେ ମୋଟା ଗୋଟିଏ ଗଛରେ ନିଆଁ ଲାଗି ଯାଇଥିଲା ଯେ ଏତେ ବରଷାରେ ବି ସେ ନିଆଁ ପୂରାପୂରି ଲିଭି ନଥାଏ । ମାଆ ସେଇ ଗଛର ଖଣ୍ଡେ ଜଳନ୍ତା କାଠକୁ ଗୁମ୍ଫା ଭିତରକୁ ନେଇଗଲା । ତା' ଉପରେ ଆଉସବୁ ଶୁଖିଲା କାଠ ପକେଇ ଦେଲା ନହେଲେ ସେ ନିଆଁ ଲିଭିଯାଇ ନଥା'ନ୍ତା ! ମାଆ ପାଖ ଆଖରୁ ଶୁଖିଲା ତାଳ ପତ୍ର ସବୁ ସଂଗ୍ରହ କରି ସେଇ ନିଆଁ ଉପରେ ପକେଇ ତାକୁ ସବୁବେଳେ ଜଳେଇ ରଖିଲା ।

Digitized by srujanika@gmail.com

ତା'ପରଦିନ ବହୁତ ବୁଲାବୁଲି କରି ମାଆ ଗୋଟିଏ କୋକିଶିଆଳି ଛୁଆ ଦେଖିଲା । ଛୁଆ ଦୁହିଁଙ୍କୁ (ସୁମା-ସୁମି) ଚୁପ୍ ରହିବାକୁ ଇଶାରା କରି ସିଏ ଛପି ଛପି ଯାଇ କୋକିଶିଆଳି ଛୁଆ ଉପରକୁ ଲକ୍ଷ୍ୟ କରି ଏମିତି ପଥରଟାଏ ପକାଇଲା ଯେ କୋକିଶିଆଳି ଛୁଆ ସେଇଠି ଚିତ୍ ହୋଇଗଲା । ମାଆ ସେଥିରୁ ଟୁକୁଡ଼ାଏ ବି ମାଂସ କାହାକୁ ଦେଲା ନାହିଁ, ତାକୁ ନେଇ ଦଉଡ଼ିଲା ଗୁମ୍ଫା ଆଡ଼େ । ମାଆ ପଛେ ପଛେ ସୁମା ସୁମି ବି ଦୌଡ଼ିଲେ । ମାଆ ସେଇ ମଲା କୋକିଶିଆଳିଟାକୁ ନେଇ ଜଳନ୍ତା ନିଆଁ ଉପରେ ରଖିଦେଲା । ଏପାଖ ସେପାଖ କରି ଲେଉଟାଇ ପୂରା ପୋଡ଼ି କଳା କରିଦେଲା । ତା'ପରେ ଯାଇ ତା' ପଥର ଛୁରିରେ କାଟି ସମସ୍ତଙ୍କୁ ଖଣ୍ଡେ ଖଣ୍ଡେ ମାଂସ ଦେଲା । ପୋଡ଼ା ମାଂସକୁ ମୁହଁରେ ପୂରାଇ ସମସ୍ତେ ଖୁସିରେ 'ଓହୋ-ଓହୋ' କରିବାରେ ଲାଗିଗଲେ । ସେଇଦିନଠାରୁ ଯେତେବେଳେ ବି ସେମାନେ କୌଣସି ଜନ୍ତୁ ଶିକାର କରୁଥିଲେ ତ ତାକୁ ନେଇ ନିଆଁରେ ପୋଡ଼ି ଖାଉଥିଲେ । ଏଣିକି ସୁମା-ସୁମି ଆଉ କଞ୍ଚା ମାଂସ ଖାଇବାକୁ ପସନ୍ଦ କରୁ ନଥିଲେ । ମାଆ ଦେଖା ଦେଖି ସେମାନେ ବି ଏଥର ବାହାରୁ ଶୁଖିଲା ତାଳପତ୍ର ଆଣି ଗୁମ୍ଫା ଭିତରେ ରଖିଥିବା ନିଆଁ ଉପରେ ପକାଇ ତାକୁ ଜଳେଇ ରଖୁଥିଲେ । ତାଙ୍କ ଗୁମ୍ଫାଟା ପାହାଡ଼ ତଳେ ଥିଲେ ବି ଶୀତ ଦିନେ ଖୁବ୍ ଥଣ୍ଡା ଲାଗୁଥିଲା । ଏଥର ଗୁମ୍ଫା ଭିତରେ ନିଆଁ ଜାଳିବା ପରେ ସେମାନେ ଦେଖିଲେ କି ନିଆଁ ପାଖରେ ବସିଲେ ଆଉ ଥଣ୍ଡା ଲାଗୁନାହିଁ । ମାଆ ତ ଖୁସିରେ ନାଚି ନାଚି କହିବାରେ ଲାଗିଗଲା -'ଓହୋ, ଅଗନି ଭଗବାନ, ଆମର ଶିକାରକୁ ପୋଡ଼ି ନରମ କରି ଦେଉଛନ୍ତି, ଆମ ପାଇଁ ଥଣ୍ଡାକୁ ତଡ଼ି ଦେଉଛନ୍ତି ।

ଆଉ ଦିନେ ରାତିରେ ତାଙ୍କ ଗୁମ୍ଫା ପାଖକୁ ଗୋଟିଏ ବାଘ ଆସିଲା । ମାଆ ଡରିଗଲା । ତା' ପଥର ମାଡ଼ରେ ଠେକୁଆ ସିନା ମରୁଥିଲେ, ହେଲେ ବାଘ କ'ଣ ମରିଥା'ନ୍ତା ! ଡରରେ ଥରି ଥରି ସେ କାନ୍ଦିବାକୁ ଲାଗିଲା, ତା ଦେଖାଦେଖି ସୁମା-ସୁମି ବି କାନ୍ଦିବାରେ ଲାଗିଗଲେ । ରାତିବେଳା ତ, ନିଆଁ ଉପରେ ଶୁଖିଲା କାଠିକୁଟା ପକେଇବାରୁ ନିଆଁ ଜୋର୍‌ରେ ଜଳି ଉଠିଲା । ଦିନ ଆଲୁଅ ପରି ସଫା

Digitized by srujanika@gmail.com

ଆଲୁଅରେ ଚାରିଆଡ଼ ସଫା ଦେଖି ହେଲା । ଦେଖିଲାବେଳକୁ ବାଘଟା ଯିଏ ଗୁମ୍ଫା ମୁହଁରେ ଜଗି ବସିଥିଲା, ନିଆଁ ଦେଖି ଲାଙ୍ଗୁଳ ଟାକି ଦେଲା ଦଉଡ଼ । ମାଆ ଏପରି କଥା କେମିତି ହେଲା ପୂରା ବୁଝି ପାରିଲା ନାହିଁ । ହେଲେ ଆଉ ଦିନେ ଦେଖିଲା, ନିଆଁ ଦେଖି ବଡ଼ ବଡ଼ ଜନ୍ତୁ ଜାନୁଆର- ହାତୀ, ବାଘ, ସିଂହ ବି ଦଉଡ଼ି ପଳାଉଛନ୍ତି । ଏଥର ତାକୁ ବୁଝା ପଡ଼ିଲା କି ଏଇ ସବୁ ଜାନୁଆର ନିଆଁ ଦେଖି ଡରନ୍ତି । ବାସ୍ ଏଥର ମାଆର ଖୁସି ଆଉ ଦେଖେ କିଏ ? ଏଣିକି ସବୁବେଳେ ପାଖରେ ନିଆଁ ଆଉ ଶୁଖିଲା କାଠି କୁଟା ପତର ସାଇତି ରଖିଲା । 'ଅଗ୍ନି ଦେବତା' ବୋଲି ଛୁଆଙ୍କୁ ମାଆ ବୁଝାଇ ଦେଲା ।'

(୩)

ମଣିଷ ହାତୀ ଶିକାର କଲା

ହଁ କାଲି କହିଥିଲି ନା ଏଥର ସୁମା-ସୁମିଙ୍କର ମାଆ 'ଅଗ୍ନି-ଦେବତା'ଙ୍କୁ ଭଲ ଭାବରେ ଜାଣିଗଲା । ବହୁତ ଭଲ ହେଲା, କି ଏଥର ମଣିଷ ନିଆଁର ବ୍ୟବହାର ଶିଖିଗଲା ! ସିଏ ଦେଖିଲା, ନିଆଁ ଜଳାଇଦେଲେ ବାଘ-ସିଂହ ବି ଡରରେ ପଳାଉଛନ୍ତି, ନିଆଁ ପାଖରେ ବସିଲେ ଜାଡ଼ ଥଣ୍ଡା ବି ଦୂରକୁ ହଟି ଯାଉଛି । ନିଆଁରେ ପୋଡ଼ିଲେ ମାଂସ କେତେ ନରମ, କେତେ ସୁଆଦ ଲାଗୁଛି, ଚୋବାଇଲାବେଳେ ଦାନ୍ତକୁ ଆଉ ବେଶି କଷ୍ଟ ଲାଗୁନାହିଁ । ତାଙ୍କ ଦେଖା ଦେଖି ଏଥର ପାଖ ଆଖରେ ଯେତେ ଜଙ୍ଗଲି-ମଣିଷ ରହୁଥିଲେ ସମସ୍ତେ ନିଆଁ କଥା ଜାଣିଗଲେ । ମୁଁ ତ ଆଗରୁ କହିଛି କି ଏଇ ଯେଉଁ ମଣିଷମାନେ ଜଙ୍ଗଲରେ ରହୁଥିଲେ ସେମାନେ ଏକୁଟିଆ ରହୁ ନଥିଲେ ।

Digitized by srujanika@gmail.com

ସେତେବେଳେ ଜଙ୍ଗଲରେ ବାଘ, ଭାଲୁ, ସିଂହ, ହାତୀ, ଚିତା ବାଘ ଇତ୍ୟାଦି ଭର୍ତ୍ତି ହୋଇ ରହିଥିଲେ । ଏଥିରେ କ'ଣ ମଣିଷ ଏକଲା ରହି ପାରିଥା'ନ୍ତା ! ତେଣୁ ମଣିଷମାନେ ଦଳ ଦଳ ହୋଇ ଏକା ସାଙ୍ଗରେ ରହୁଥିଲେ । ବେଳେ ବେଳେ ଜଙ୍ଗଲର ପଶୁ ମଣିଷମାନଙ୍କୁ ହଇରାଣ କରୁଥିଲେ । ଥରେ ସେଇ ଜଙ୍ଗଲି ମଣିଷମାନେ ପଥର ଆଉ ହାଡ଼ର ହାତ ହତିଆର ନେଇ ସେମାନେ ରହୁଥିବା ଜାଗା ପାଖରେ ଗୋଟିଏ ବଡ଼ ଗାତ ଖୋଳିଦେଲେ । ଗାତ ଖୋଳା ହୋଇଗଲା ପରେ ସେଥିରେ ସମସ୍ତେ ଶୁଖିଲା କାଠ, କୁଟା, ପତର ଆଣି ପକାଇ ଦେଲେ । ତାପରେ ଗୋଟିଏ ବାଉଁଶରେ ନିଆଁ ଲଗାଇ ସେଇ ଗାତ ଭିତରେ ପକାଇଦେଲାରୁ ତଳେ ପଡ଼ିଥିବା କାଠ କୁଟା ସବୁ ହୁ' ହୁ' ହୋଇ ଜଳିବାରେ ଲାଗିଗଲା । ପଲେ ହାତୀ ସେଇ ପାଖ ଆଖରେ କଦଳୀ ଗଛ ଆଉ ବାଉଁଶଗଜା ଖାଇବାକୁ ଜମା ହୋଇଥାନ୍ତି, ଶହ ଶହ ଜଙ୍ଗଲି ମଣିଷ ଏଥର ଚମଡ଼ା ଢୋଲ ପିଟି ହୋ ହୋ କରି ଜୋର୍‌ରେ ପାଟି କରିବାରେ ଲାଗିଗଲେ । ତାଙ୍କ ପାଟି ଚିତ୍କାର ଶୁଣି ହାତୀ ପଲ ଜୀବନ ବିକଳରେ ଦଉଡ଼ିବାରେ ଲାଗିଲେ । ଯାଉ ଯାଉ ଗାତରେ ନିଆଁ ଦେଖି ଆହୁରି ଡରି ଗଲେ । ଗାତର ନିଆଁକୁ ଦେଖି ହାତୀମାନେ ଭାବୁଥାନ୍ତି ଇଏତ ଭୂତ, ଆମଠାରୁ ବି ବଡ଼ । ଦଉଡ଼ି ପଳାଇବା ବେଳେ ସେମାନେ ଆଉ ପଛକୁ ବି ଚାହୁଁ ନଥାନ୍ତି । ଏଇମିତି ଦଉଡୁ ଦଉଡୁ ସେଦିନ ଦିଇଟା ହାତୀ ସେଇ ଗାତ ନିଆଁରେ ପଡ଼ିଗଲେ । ଯେତେ ଚେଷ୍ଟା କଲେ ବି ଆଉ ଉପରକୁ ଉଠି ପାରିଲେ ନାହିଁ । ବାକି ହାତୀମାନେ ଜୀବନ ନେଇ ଯେ ଯାହାର ଦଉଡ଼ି ପଳାଇଲେ । ମଣିଷ ତାଙ୍କ ପଛରେ ଗୋଡ଼େଇ



ପ୍ରସ୍ତର ଯୁଗର ହତିଆର- କୁରାଢ଼ୀ

Digitized by srujanika@gmail.com

ଗୋଡ଼େଇ ଜଙ୍ଗଲର ଅନ୍ୟ ଶୁଖିଲା କାଠ କୁଟା ଗଛରେ ନିଆଁ ଲଗାଇ ଦେଉଥାନ୍ତି। ହାତୀମାନେ ଆଖିରୁ ଅଦୃଶ୍ୟ ହେଲା ପରେ ଯାଇ ମଣିଷମାନେ ଏଥର ଫେରିଲେ। ଗାତରେ ଯେଉଁ ହାତୀ ଦି'ଟା ପଡ଼ିଥିଲେ ସେ ଦି'ଟା ଗାତରୁ ବାହାରି ପାରୁ ନଥାନ୍ତି। ନଖାଇ ନପିଇ ସେଇଠି ମରି ଯାଇଥାନ୍ତେ, ଆଉ ପଚି ଶଢ଼ି ଗନ୍ଧ କରିଥାନ୍ତେ। ସେଇଠୁ ସେ ଲୋକମାନେ କ'ଣ କଲେ ନା ପାଖ ଆଖରେ ଯେତେ ଶୁଖିଲା କାଠ କୁଟା ସବୁ ଗଦା କରି ରଖିଥିଲେ ତାକୁ ଆଣି ନିଆଁ ଲଗେଇ ସେଇ ଗାତରେ ପକେଇ ଦେଲେ। ହାତୀ ବିଚରା ଆଉ ଯିବେ କୁଆଡ଼େ ! ରଡ଼ି କରି କରି ସେଇ ନିଆଁରେ ପୋଡ଼ି ହୋଇ ମରିଗଲେ। ଦିଇଟା ହାତୀ ଭିତରୁ ଗୋଟିଏ ଛୁଆ ହାତୀ ଥିଲା ଆଉ ଗୋଟିଏ ବଡ଼ ହାତୀ ବି ଥିଲା। ଜଳନ୍ତା କାଠରେ ଗାତକୁ ଭରିଦେଇ ରାତି ବେଶି ହେଲାରୁ ସମସ୍ତେ ଆପଣା ଆପଣା ଘରକୁ ଫେରିଗଲେ। ଘର କ'ଣ ମ ! ସେଇ ଗୁମ୍ଫା। ଯେଉଁଠି ନିଆଁ ଜଳେଇ ମାଆମାନେ ତାଙ୍କ ଛୁଆଙ୍କୁ ଧରି ବସିଥାନ୍ତି । ଏବେ ତ ବାଘ ସିଂହ ବି ଜାଣିଗଲେଣି ଯେ ମଣିଷ ପାଖରେ 'ଧୂ-ଧୂ' ଦେବତା ଅଛନ୍ତି। 'ଧୂ-ଧୂ' ଦେବତା ମାନେ ଅଗ୍ନି ଦେବତା। ଗୁମ୍ଫା ଭିତରେ ଯାହା କିଛି ଖାଇବା ଦରବ ଥିଲା, ସମସ୍ତେ ମିଳି ମିଶି ଖାଇଲେ। ସେ ସମୟର ମଣିଷମାନେ କେହି ମୋର-ତୋର କ'ଣ ଜାଣି ନଥିଲେ। ମାଆମାନେ ସବୁ କାମ କାର୍ଯ୍ୟ ଦେଖୁଥିଲେ, ଆଉ ଦଳର ସବୁ ମରଦ ତାଙ୍କ କଥା ମାନୁଥିଲେ।

ପରଦିନ ସକାଳୁ ଉଠି ସମସ୍ତେ ସେଇ ଗାତ ପାଖକୁ ଚାଲିଲେ। ଏମିତିକି କୋଳ ଛୁଆଙ୍କୁ ନେଇ ମାଆମାନେ ବି ଚାଲିଲେ। ବେଶି କଥା କହିବା ତ ମଣିଷ ଶିଖି ନଥିଲା। ଖାଲି 'ହୋ-ହା' ଆଉ 'ଗୁଁ-ଗାଁ' କରି ଇଶାରାରେ ଯାହା କିଛି କଥାବାର୍ତ୍ତା ଚାଲିଥିଲା। ସମସ୍ତେ ଯାଇ ଗାତ ପାଖରେ ପହଞ୍ଚିଗଲେ। ଗାତ ଭିତର ନିଆଁ ସେତେବେଳକୁ ବହୁତ ଲିଭି ଯାଇଥିଲା । ଖଣ୍ଡେ ଦୂରରେ ଟିକିଏ ଉପରକୁ ଝରଣାଟିଏ ଥିଲା । ଦେଖୁ ଦେଖୁ ଦଳେ ମଣିଷ ଯାଇ ପଶୁ ଶିଙ୍ଗରେ ସେଇ ଝରଣା ପାଖରୁ ଗାତ ପାଖକୁ ଗୋଟିଏ ନାଳୀ ଖୋଳି ପକାଇଲେ । ପାଣି ସେଇ ନାଳୀ ବାଟେ ଯାଇ ଗାତ ଭିତରେ ପଡ଼ିଲାରୁ ନିଆଁ ପୂରା ଲିଭିଗଲା । ଏଥର ପଥର ଛୁରି

Digitized by srujanika@gmail.com

ନେଇ ସମସ୍ତେ ଗାତ ଭିତରକୁ ଯିବାକୁ ବାହାରିଲେ । ହେଲେ ଦଳର ସବୁଠାରୁ ବଡ଼ ମାଆ, ଯାହା କଥା ସମସ୍ତେ ମାନୁଥିଲେ, ସିଏ ଛୁଆଙ୍କ ସହିତ ମାଆ ମାନଙ୍କୁ ଆଗ ଗାତ ଭିତରକୁ ପଠାଇଲା । ସେଇ ମାଆମାନେ ପଥର ଛୁରିରେ ହାତୀ ମାଂସ କାଟି ନିଜେ ଖାଇଲେ, ଛୁଆଙ୍କୁ ଦେଲେ ଆଉ ବଡ଼ ବଡ଼ ମାଂସ ଖଣ୍ଡମାନ କାଟି ଉପରେ ଥିବା ସାଥୀମାନଙ୍କ ପାଖକୁ ପକାଇଲେ । ଦଳଟାଯାକ ମଣିଷ ସମସ୍ତେ ମିଶି କେତେଦିନ ସେଇ ପୋଡ଼ା ହାତୀ ମାଂସ ଖାଇଲେ ବି ସେସବୁ ସରିଲା ନାହିଁ । ଯେତେବେଳେ ମାଂସ ପଚିବାକୁ ଆରମ୍ଭ କଲା ସେମାନେ ଆଉ ତାକୁ ନଖାଇ ଛାଡ଼ିଦେଲେ ।

(୪)

ଗୁମ୍ଫା ମଣିଷ



କାଲି ମୁଁ ତୁମକୁ ହାତୀ ଶିକାର କଥା କହିଥିଲି ନା ! ସେଇସବୁ ଲଙ୍ଗଳା ବଣୁଆ ମଣିଷ ମାନଙ୍କର ଦେହ ଆଜିକାଲିର ଚୀନା ଆଉ ତିବ୍ବତୀ ଲୋକଙ୍କ ପରି ଥିଲା । କିନ୍ତୁ ସେମାନେ ଲେପ୍‌ଚା (କିରାତ) ଜାତିର ଥିଲେ । ଚେପ୍‌ଟା ନାକ, ମୁହଁରେ ନିଶ ଦାଢ଼ି ପ୍ରାୟ ନଥିଲା ପରି । ଆଉ ଦେହର ରଙ୍ଗ ହଳଦିଆ ଗୋରା । ଶୀତ ସମୟରେ ସେମାନେ ଶିଳିଗୁଡ଼ି ଜଙ୍ଗଲକୁ ପଳେଇ ଆସୁଥିଲେ ଆଉ ଗରମ ଦିନରେ କାଲିମପଙ୍ଗ ନହେଲେ ଦାର୍ଜିଲିଂ ଜଙ୍ଗଲକୁ ରହିବାକୁ ଚାଲି ଯାଉଥିଲେ । ହେଲେ ଆମେ ଯେମିତି ସେଠାକୁ ବୁଲିବାକୁ ଯାଆନ୍ତି ସେମିତି ନୁହେଁ, ଖାଦ୍ୟ ସଂଗ୍ରହ ପାଇଁ ସେମାନେ ଏଜାଗା ସେଜାଗା ହେଉଥିଲେ, ଶିକାର ଯେଉଁଠି ଭଲ ମିଳୁଥିଲା

Digitized by srujanika@gmail.com

ସେଇ ଜାଗା ତାଙ୍କର ଘର ଥିଲା । ହେଲେ ଶିକାର କ'ଣ ରୋଜ୍ ରୋଜ୍ ମିଳିବ ? ସେତେବେଳକୁ ଜନ୍ତୁ ଜାନୁଆର ବି ମଣିଷ ବିଷୟରେ ସାବଧାନ ହୋଇ ଗଲେଣି ଆଉ ସୁଯୋଗ ପାଇଲେ ପାଲଟା ଶିକାର କରି ସେମାନେ ମଣିଷକୁ ବି ଖାଇ ଯାଉଥିଲେ । ତେବେ ମଣିଷ ତା'ଗୁମ୍ଫାରେ ଯେବେଠାରୁ ଅଗ୍ନି ଦେବତାଙ୍କୁ ରଖିବା ଆରମ୍ଭ କଲା ହିଂସ୍ର ପଶୁ ବି ମଣିଷକୁ ଡରିବାକୁ ଆରମ୍ଭ କଲା ଆଉ ନିଆଁ ଦେଖିଲେ ଦୂରକୁ ପଳାଉଥିଲା । ଏସବୁ ସହିତ ଜଙ୍ଗଲର ମହୁ ବି ମଣିଷର ଆଉ ଏକ ପ୍ରିୟ ଖାଦ୍ୟ ଥିଲା । ପିଲାଏ ତ ମହୁ ପାଇଁ ଜୀବନ ବି ଦେଇ ଦେବାକୁ ତିଆର ଥିଲେ । ହେଲେ ମହୁ ଫେଣା ପାଖରେ ପହଞ୍ଚିବା କ'ଣ ଏତେ ସହଜ କଥା ଥିଲା ! କାହିଁ କୋଉ ଉଚ୍ଚ ପାହାଡ଼ ଛାତ କି ବଡ଼ ଗଛ ଅଗରେ ସେସବୁ ଥିଲା । ଧୀରେ ଧୀରେ କୌଶଳ କରି ମଣିଷ ସେଠି ପହଞ୍ଚି ଗଲେ ବି ମହୁମାଛିଙ୍କ ଆକ୍ରମଣରେ ଘାଇଲା ହୋଇ ଯାଉଥିଲା । ମାଛିଆ ମହୁମାଛି କାମୁଡ଼ି ଦେଲେ ଏତେ କଷ୍ଟ ହେଉ ନଥିଲା ହେଲେ ବାଘୁଆ ମହୁମାଛି ତ ବେଳେବେଳେ କାମୁଡ଼ି କାମୁଡ଼ି ମାରି ପକାଉଥିଲେ ।

(ମନୁଷ୍ୟ ହିଂସ୍ର ପଶୁ ଠାରୁ ନିଜକୁ ରକ୍ଷା କରୁଛି)

Digitized by srujanika@gmail.com

ମଣିଷ ପଶୁ ଶିକାର ସହିତ ଗଛର ଫଳ ଆଉ ମୂଳ ବି ଖାଉଥିଲା । କିଛି ଫଳ ମୂଳ ଶୁଖେଇ ତା ଗୁମ୍ଫାରେ ରଖି ପରେ ଖାଉଥିଲା । ସେକାଳର ସବୁଠାରୁ ଭଲ କଥା ହେଲା ସ୍ତ୍ରୀ ପୁରୁଷ ପିଲାଛୁଆ ସମସ୍ତେ ମିଳିମିଶି ସାଥୀ ହୋଇ ରହୁଥିଲେ । ନିଜ ଶକ୍ତି ମୁତାବକ କାମ କରୁଥିଲେ ଆଉ ମିଳିମିଶି ଖାଉଥିଲେ । କେହି ଅଲଗା କରି କିଛି ଚିଜ ନିଜ ପାଇଁ ରଖୁ ନଥିଲା । ଦଳର ସବୁ ଚିଜ ସମସ୍ତଙ୍କର ଥିଲା । ସବୁ ମଣିଷ ଆପଣାର ଥିଲେ । ପିଲାମାନେ ବି ଏଟା ମୋର, ସେଟା ମୋର, କହି ନିଜ ନିଜ ଭିତରେ ଲଢ଼େଇ ଝଗଡ଼ା କରୁ ନଥିଲେ । ସେମାନଙ୍କ ପାଖରେ ଆଜିକାଲିକା ପରି ଗଦା ଗଦା ଖେଳନା କଣ୍ଢେଇ ବି ନଥିଲା । ଖେଳନା କହିଲେ ମାଟିରେ ଗଢ଼ା କୁକୁର, ଛେଳି, ଗାଈ କି ହାତୀ ଖେଳନା କେଇଟା ଥିଲା । ମଣିଷ ସେତେବେଳେ ନିଜ ପାଖରେ ପଶୁ ପାଳିବା କଥା ବି ଜାଣି ନଥିଲା । କୁକୁର ବି ମଣିଷ ପାଖକୁ ଆସୁ ନଥିଲା କାରଣ କୁକୁରକୁ ବି ମଣିଷ ମାରି ଖାଇ ଦେଉଥିଲା । ସେତେବେଳେ ମଣିଷ କୌଣସି ଜାନୁଆରକୁ ଛାଡୁ ନଥିଲା । ସମସ୍ତଙ୍କୁ ମାରି ଖାଇ ଦେଉଥିଲା । ମଣିଷଛୁଆ ତ ମାଙ୍କଡ଼ ଛୁଆ ଭଳି ବଢୁଥିଲା । ଅତି ଛୋଟ ଛୁଆଙ୍କୁ ମାଆମାନେ ମାଙ୍କଡ଼ ପରି କୋଳରେ ରଖି ନିଜ କାମ କରୁଥିଲେ । ଟିକିଏ ବଡ଼ ହୋଇ ଚଲା ବୁଲା କରି ପାରିଲେ ଛୁଆ ମାଆ ପଛେ ପଛେ ବୁଲୁଥିଲା ନହେଲେ ଗୁମ୍ଫା ବାହାରେ ଖେଳୁଥିଲା । ବାଘ, ଭାଲୁ, ହାତୀ, ସିଂହ ଆଦିଙ୍କ ଭୟ ତ ସବୁବେଳେ ଥିଲା । ଯେତେବେଳେ ଜନ୍ତୁ ଜାନୁଆର ଛୁଆଙ୍କ ପାଖକୁ ଚାଲି ଆସୁଥିଲେ ଭୟ ହେତୁ ସେମାନେ ଗୁମ୍ଫା ଭିତରକୁ ଦଉଡ଼ି ପଳାଉଥିଲେ । ଗୁମ୍ଫା ଭିତରେ ସବୁବେଳେ ଅଗ୍ନି ଦେବତା ଜଳୁଥିଲେ, ତେଣୁ ଭିତରେ ଜାନୁଆରଙ୍କ ଡର ନଥିଲା । ଭୋକ ହେଲେ ଗୁମ୍ଫା ଭିତରେ ଥିବା ବୁଢ଼ୀ ମା'କୁ ଯାହାହେଲେ ମାଗି ଖାଇ ଦେଉଥିଲେ । ବୁଢ଼ୀମାଆ ହାତ ପାଖରେ ଯାହାକିଛି ଖାଇବା ଜିନିଷ ଥାଏ, ସେ ପିଲାଙ୍କୁ ଦେଇ ଦିଏ । ବୁଢ଼ୀମାଆକୁ ଛୁଆଙ୍କ ମାଆମାନେ ତ ସେଇ ଖାଇବା ଦରବ ଆଣି ଦେଉଥିଲେ । ସେତେବେଳେ ପିଲାଏ କଥାବାର୍ତ୍ତା ତ ବେଶି କହି ଶିଖି ନଥିଲେ । ଅତି ଛୋଟଛୁଆ ଯେତିକି ଯେମିତି କହନ୍ତି ବାସ୍ ସେତିକି । ଜାଣ ଆମ

Digitized by srujanika@gmail.com

'ଛୟା' ଭଳି ବେଳେ ବେଳେ ପିଲାମାନେ ନିଜ ନିଜ ଭିତରେ ଲଢ଼େଇ ଲାଗି ଯାଉଥିଲେ ଆଉ ସେଥିପାଇଁ ଢେର ମାଡ଼ ବି ଖାଉଥିଲେ ।

ପଚିଶି କି ତିରିଶି ମଣିଷ ମିଶି ଗୋଟିଏ ଗୋଟିଏ ଦଳ ହୋଇ ସେତେବେଳେ ରହୁଥିଲେ। ନହେଲେ ଏକଲା କ'ଣ ରହି ହୁଅନ୍ତା! ହେଲେ ପହିଲେ ପହିଲେ ଦଳରେ ମିଳିମିଶି ଶିକାର କରିବା କି ମିଳିମିଶି କାମ କରିବା କଥା ଜଣା ନଥିଲା। ନିଜ ନିଜର ପେଟ ଆଉ ମାଆମାନେ ଛୁଆଙ୍କ ପେଟ ଭରିଦେଲେ ପାଇଟି ସରିଲା ଜାଣ। ପେଟ ପୂରିଗଲା ପରେ ଆନନ୍ଦରେ ଖୁବ୍ ନାଚ ଗାନ ହେଉଥିଲା । ଗୋଟିଏ ଗୋଟିଏ ଗୁମ୍ଫାରେ ଗୋଟିଏ ଗୋଟିଏ ଦଳ ଏକାଠି ରହୁଥିଲେ । ବେଳେ ବେଳେ ଗୋଟିଏ ଗୁମ୍ଫାର ମଣିଷମାନଙ୍କର ଆଉ ଗୋଟିଏ ଗୁମ୍ଫାର ମଣିଷମାନଙ୍କ ସହିତ ଝଗଡ଼ା ଲାଗି ଯାଉଥିଲା । ଝଗଡ଼ାରୁ ମାର୍ ପିଟ୍ ବି ଲାଗି ଯାଉଥିଲା । ଆଉ ପଥର ନହେଲେ ବାଡ଼ିରେ ପିଟାପିଟି ହୋଇ ମୁଣ୍ଡ ଫଟାଫଟି ବି ହେଉଥିଲେ, ଆଉ ବେଳେବେଳେ ଏଇ ମାର୍ ପିଟ୍ ବେଳେ କେହି ଯଦି ମରି ଯାଉଥିଲା ତାକୁ ଅନ୍ୟମାନେ ଖାଇ ଯାଉଥିଲେ। କେମିତିକା ମଣିଷମାନେ ଥିଲେ ମ ସେତେବେଳେ ?

କିନ୍ତୁ ସମସ୍ତେ ଏମିତି ନଥିଲେ । ଦଳରେ ଜଣେ ଜଣେ ପିଲା ଭାରି ଭଲ ମଧ୍ୟ ଥିଲେ । ଦୁଷ୍ଟ ପିଲାମାନେ ଯେତେବେଳେ କୌଣସି ଭଲ, ନିରୀହ ପିଲାକୁ ମାଡ଼ ମାରୁଥିଲେ ଏଇ ଭଲପିଲା ସେଇସବୁ ଦୁଷ୍ଟ ପିଲାଙ୍କ ସହ ଲଢ଼େଇ କରି ତାକୁ ମାରି ଦେଉଥିଲା। ସମସ୍ତେ ଏଇସବୁ ଭଲ ପିଲାଙ୍କୁ ଭଲ ପାଉଥିଲେ, ତା'କଥା ମାନୁଥିଲେ । ସୁମା ଏଇମିତି ଜଣେ ଭଲପିଲା ଥିଲା, ଖୁବ୍ ବଳୁଆ ଆଉ ଭଲ ସ୍ୱଭାବର ।

□□□

Digitized by srujanika@gmail.com

(୫)
ଅଗ୍ନି ଦେବତା ବଳି ଖାଇ ରୋଗ ଭଲ କଲେ !



ଆଜି ଆଉ ଗୋଟିଏ କାହାଣୀ କହିବି । ଲୁଲୁ ଆଉ ଲୁଲି ଦୁହେଁ ଭାଇ ଭଉଣୀ ଥିଲେ । ତାଙ୍କ ମାଆ ଦୁହିଁଙ୍କୁ ଭାରି ଭଲ ପାଉଥିଲେ । ଦିନେ ଲୁଲୁକୁ ଭାରି ଥଣ୍ଡା ସର୍ଦ୍ଦି ହୋଇଗଲା । ଜର ବି ହେଲା । ସେତେବେଳେ ନା ଡାକ୍ତର ବଇଦ ଥିଲେ ନା ଡାକ୍ତରଖାନା ଥିଲା ! ଗାଁ ଗଣ୍ଡା ଘରଦୁଆର ବି ନଥିଲା । ବୁଢ଼ୀମାଆ ଯାହା ବତେଇବ ସମସ୍ତେ ସେଇ କଥା ମାନୁଥିଲେ । ଲୁଲୁର ବୁଢ଼ୀମାଆ କହିଲା- ଆକୁ ତ ଭୂତ ଲାଗିଛି । ଅଗ୍ନି ଦେବତାଙ୍କୁ କିଛି ଜନ୍ତୁ ଜାନୁଆର ବଳି ଦେଲେ ଯାଇ ଇଏ ଭଲ ହେବ । ବହୁତ ଖୋଜାଖୋଜି କଲାରୁ ଏଡ଼ିକି ବକଟେ ଚୁଟିଆ ମୂଷା ମିଳିଲା । ତାକୁ ମାରି ଅଗ୍ନି ଦେବତାଙ୍କୁ ବଳି ଚଢ଼ାଗଲା । ମୂଷା ପୋଡ଼ିଲାବେଳେ ଯୋଉ ଗନ୍ଧ- ସେ ଗନ୍ଧ ଲୁଲୁ ନାକରେ ବି ବାଜିଲା । ସର୍ଦ୍ଦି ନାକକୁ ଗନ୍ଧଟା ଭାରି ବଢ଼ିଆ ଲାଗିଲା । ସେ ଚୁପ୍ କରି ମାଆକୁ କହିଲା -ଏଇ ମୂଷାଟା ତ ମୋ ପାଇଁ ବଳି ଦିଆଗଲା, ଆକୁ ମୁଁ ଖାଇବି । ମାଆ ତା' କଥା ଶୁଣି ଡରିଗଲା- ଅଗ୍ନିଦେବତା ଯଦି ରାଗିଯିବେ ? ସେଇଠୁ! ସିଏ ଯାଇ ବୁଢ଼ୀମାଆକୁ ପଚାରିଲା । ବୁଢ଼ୀମା' କହିଲା-, "ହଉ ଖାଇବ ଯଦି ଖାଉ । ତେବେ ଅଧା ଜଳିଗଲା ପରେ ଯାଇ ଲୁଲୁ ଖାଇବ । ସେତେବେଳେ ସିଏ ଅଗ୍ନି ଦେବତାଙ୍କ ପ୍ରସାଦ ହୋଇଯିବ । ପ୍ରସାଦ ଖାଇଲେ ଆଉ ଦୋଷ ଲାଗିବ ନାହିଁ ।" ଲୁଲୁକୁ ଯେତେବେଳେ ସେଇ ପ୍ରସାଦ ଖାଇବାକୁ ମିଳିଲା ସେ ଲୁଚେଇ କରି ସେଥିରୁ ଟିକିଏ ଲୁଲିକି ଦେଲା, ଆଉ ଲୁଲି

Digitized by srujanika@gmail.com

ତାକୁ ନେଇ ସବୁ ସାଙ୍ଗ ସାଥୀଙ୍କ ଭିତରେ ବାଣ୍ଟିଦେଲା । କହିଲା, "ଦେବତାଙ୍କ ପ୍ରସାଦ କ'ଣ ଏକୁଟିଆ ଖାଆନ୍ତି ? ଆମେ ସମସ୍ତେ ଆକୁ ମିଳିମିଶି ଖାଇବା ।" ଲୁଲୁକୁ ଅଳପ ଅଳପ ଜ୍ୱର ଥିଲା, ହେଲେ ପାଟିଟା ପୂରା ଅରୁଚି ହୋଇ ଯାଇଥିଲା । ଲୁଲୁକୁ ଖାଇବା ଦରବ କିଛି ବି ରୁଚୁ ନଥିଲା । ନା ଫଳ, ନା ମାଂସ ନା ମହୁ । ତା' ମାଆ ବିଚାରି ବଡ଼ ଦୁଃଖରେ ଥିଲା । ଅଗ୍ନି ଦେବତାଙ୍କ ନିକଟରେ ହାତ ଯୋଡ଼ି ଗୁହାରି କରୁଥିଲା-,"ହେ ଅଗ୍ନି ଦେବତା, ମୋ ଲୁଲୁକୁ ଭଲ କରିଦିଅ ।।"ଲୁଲୁ ବି ମାଆ ଦେଖାଦେଖି ଅଗ୍ନି ଦେବତାଙ୍କୁ ହାତ ଯୋଡ଼ି ନମସ୍ତେ କରୁଥିଲା । ତିନି ଦିନ ପରେ ଲୁଲୁର ଜ୍ୱର ଛାଡ଼ିଗଲା । ଆଉ ଚାରିଦିନ ବେଳକୁ ଲୁଲୁ ଖେଳିବାକୁ ଗଲା, ଦୌଡ଼ିଲା । ଲୁଲି ବି ଖୁସି ଥିଲା । ଗୁମ୍ଫାର ସବୁ ମଣିଷ ଖୁସି ହୋଇଗଲେ ।

(୬)

ଦୁଇ ଦଳ ମଧ୍ୟରେ ଲଢ଼େଇ



ହାଡ଼ ଆଉ ପଥର ତିଆରି ହତିଆର ଧରି ମଣିଷ ଲକ୍ଷ ଲକ୍ଷ ବରଷ ଚଳିଲା । ଏବେ ତ ଅଗ୍ନି ଦେବତା ତା' ପାଖକୁ ଆସି ଯାଇଛନ୍ତି । ହେଲେ ସେ ସେଇ କଦଳୀପତର କି ଅନ୍ୟ ପତର ବାସନରେ ହିଁ ଖାଉଥିଲା । ବାସନକୁସନ ବିଷୟରେ ଜାଣି ନଥିଲା ।

ଦିନକର କଥା । ଚାରି ଛଅ ମାଇଲ ଦୂରତା ଭିତରେ ଦି'ଟା ଅଲଗା ଅଲଗା ଗୁମ୍ଫାରେ ଦି'ଦଳ ମଣିଷ ରହୁଥିଲେ । ଉମା ବୁଢ଼ୀମାଆ ଦଳ ଆଉ ସୁମା ବୁଢ଼ୀମାଆ ଦଳ । ଦିନେ ପାହାଡ଼ ଉପରେ ଥିବା ମହୁଫେଣା ଭାଙ୍ଗିବା ଲାଗି ଉମା ବୁଢ଼ୀମାଆ ଦଳର ଲୋକେ ଯାଇଥାନ୍ତି ।

Digitized by srujanika@gmail.com

(ଗୋଟିଏ ଗୁମ୍ଫାର ମଣିଷ ଅନ୍ୟ ଗୁମ୍ଫାର ମଣିଷଙ୍କ ସହିତ ଲଢୁଥିଲେ)

ହେଲେ ସେଇ ମହୁଫେଣା ଉପରେ ସୁମା ବୁଢ଼ୀମାଆ ଦଳର ଲୋକେ ଆଗରୁ ନଜର ରଖିଥାନ୍ତି। ରାତିରେ ମହୁମାଛିମାନେ ବାହାରେ ବୁଲାବୁଲି କରନ୍ତି ନାହିଁ। ଫେଣା ଭିତରେ ରହିଥାନ୍ତି। ସେଇଥିପାଇଁ ଉମା ବୁଢ଼ୀମାଆ ଦଳର ଲୋକ ରାତିରେ ଗଲେ। ମହୁଫେଣା ପାଖରେ ପହଞ୍ଚିଛନ୍ତି କି ନାହିଁ ସୁମା ବୁଢ଼ୀମାଆ ଦଳର ଲୋକ ଯାଇ ସେଠି ହାଜର ହୋଇଗଲେ। ବାସ୍, ଆରମ୍ଭ ହୋଇଗଲା ଚିଲା ଚିଲି, ହାତାହାତି। ଉମା ବୁଢ଼ୀମାଆ ଦଳର ଲୋକ ଅଳପ ଥିଲେ। ସୁମା ବୁଢ଼ୀମାଆ ଦଳର ଲୋକେ ଗୋଡ଼େଇ ଗୋଡ଼େଇ ତାଙ୍କୁ ପିଟିବାରେ ଲାଗିଗଲେ। ଦି'ଦଳ ଭିତରେ ମାଡ଼ପିଟରେ ବହୁତ ମଣିଷ ଖଣ୍ଡିଆ ଖାବରା ହୋଇ ଲହୁ ଲୁହାଣ ହୋଇଗଲେ। ଭାଗ୍ୟକୁ କେହି ମରି ନଥିଲେ। ସୁମା ବୁଢ଼ୀମାଆ ଏସବୁ ଦେଖି ବହୁତ ରାଗିଗଲା । ସକାଳ ହେଲାରୁ ଢୋଲ, ନାଗରା ବଜାଇ ଦି'ଦଳ ଯୁଦ୍ଧ ପାଇଁ ତିଆର ହୋଇଗଲେ। ଉମା ବୁଢ଼ୀମାଆ ଦଳ ଗୁମ୍ଫା ଭିତରେ ସଜିଲ ହୋଇ ବସିଥାନ୍ତି। ସୁମା ଦଳର ଲୋକ ଗୁମ୍ଫା ପାଖରେ ପହଞ୍ଚିବା ମାତ୍ରେ ଭିତରୁ ଥାଇ

Digitized by srujanika@gmail.com

ପଥର ମାରିବାରେ ଲାଗିଗଲେ । ସୁମା ଦଳର ଲୋକ ବି ହାଡ଼ ଆଉ ପଥର ହତିଆର ନେଇ ଯାଇଥାନ୍ତି । ଆଉ ମଜାର କଥା ହେଲା ଲଢ଼େଇ କରୁଥିବା ମଣିଷଙ୍କ ଭିତରେ ମରଦଙ୍କ ଠାରୁ ସ୍ତ୍ରୀଲୋକ ବେଶି ଥା'ନ୍ତି । ସମସ୍ତେ ଭାରି ବାହାଦୁର । ପଥର ଚୋଟ ଖାଇ ଖାଇ ବି ସୁମା ବୁଡ଼ୀମାଆ ଦଳର ଲୋକେ ଉମା ବୁଢ଼ୀମାଆ ଦଳର ଗୁମ୍ଫା ପାଖରେ ଯାଇ ପହଞ୍ଚିଗଲେ । ଗୁମ୍ଫା ବାହାରେ ଥାଇ ସୁମା ଉମାକୁ ଡାକ ଛାଡ଼ିଲା, 'ପଦାକୁ ବାହାରି ଆ, ଗୁମ୍ଫା ଭିତରେ ଲୁଚିଛୁ କାହିଁକି' ? ଉମା କ'ଣ କମ୍ କି ? ସିଏ ବି ଡରନେଇବାଲି ନୁହଁ । ଲାଗିଗଲା ଦୁଇ ଦଳ ଭିତରେ ଲଢ଼େଇ । ଖାଲି କ'ଣ ପଥର ହତିଆରରେ ଲଢୁଥାନ୍ତି ! ଦାନ୍ତରେ ବି କାମୁଡ଼ି ପକାଉଥାନ୍ତି । ଉମା ଦଳର ଦଶଜଣ ସେଇ ଜାଗାରେ ମରିଗଲେ । ସୁମା ଦଳର ବି ପାଞ୍ଚ ଜଣ ମଲେ । ବାକିସବୁ ଦଉଡ଼ି ପଳାଇଲେ । କି ନିଉଛୁଳିଆ ମଣିଷଗୁଡ଼ା ମ ! ସାମାନ୍ୟ ମହୁ ପାଇଁ ଏତେ କଥା ! ହଁ ସେ କାଳରେ ଏହିପରି ଲଢ଼େଇ ସବୁ ହେଉଥିଲା ।

(୭)

ମଣିଷ କୁକୁର ପାଳି ଶିଖିଲା



ଥରେ ସୁମା ଆଉ ସୁମି ଗୋଟିଏ କୁକୁରଛୁଆ ପାଇଲେ । ପ୍ରଥମେ ପ୍ରଥମେ କୁକୁରମାନେ ବି କୋକିଶିଆଲି, କଣା ବିଲୁଆ ପରି ଜଙ୍ଗଲରେ ରହୁଥିଲେ । ମଣିଷମାନେ ତାଙ୍କୁ ଦେଖିଲେ ଡରି ପଳାଉଥିଲେ । ଗଧିଆ ତ କୁକୁରଙ୍କ ଭାଇ ବିରାଦର, ମଣିଷ ପାଇଲେ କାମୁଡ଼ି ଖାଇ ଦେଉଥିଲେ । ଆଉ ମଣିଷ ଛୁଆ ପିଲାଙ୍କୁ ଉଠେଇ ନେବାପାଇଁ ଖାଲି ଛକି ବସୁଥିଲେ । ସେତେବେଳେ ଅନ୍ୟ ଜନ୍ତୁ ଜାନୁଆରଙ୍କ ପରି ମଣିଷ କୁକୁର ଶିକାର ବି କରୁଥିଲା । ସୁମା-ସୁମି ଛୋଟ ଥା'ନ୍ତି

Digitized by srujanika@gmail.com

ତଥାପି ସେଦିନ ସେ ଦୁହେଁ ବି ଶିକାରକୁ ଯାଇଥିଲେ। ସେଦିନ ଗୋଟିଏ କୁକୁର ଦଳର ସବୁ କୁକୁର ଆଉ କୁକୁରି ଶିକାର ହେଲେ । ତାଙ୍କୁ ସବୁ ଆଣିବା ବେଳକୁ ଦେଖାଗଲା ଗୋଟିଏ ଉହାଡ଼ିଆ ଜାଗାରେ ଆଠ ଦଶଟା ଛୋଟ କୁକୁର ଛୁଆ ଗୋଟାକ ଉପରେ ଗୋଟାଏ ଲଦି ହୋଇ କୁଇଁ କାଇଁ କରୁଥାନ୍ତି । ସୁମା ମାଆର ନଜର ସେଇ ଛୁଆଙ୍କ ଉପରେ ପଡ଼ିଗଲାରୁ ସମସ୍ତେ ସେଇଠିକି ଦୌଡ଼ିଲେ । ଛୁଆ ବଡ଼ ସବୁ ଜାନୁଆର ତ ମଣିଷ ସେତେବେଳେ ଖାଉଥିଲା । ହେଲେ ସେଦିନ ସେଇ କୁକୁର ଛୁଆଙ୍କୁ ଦେଖି ସୁମା ଆଉ ସୁମି ଏତେ ଖୁସି ହୋଇଗଲେ ଯେ ସେଥିରୁ ଦି'ଟା ଛୁଆଙ୍କୁ ସୁମା ଉଠାଇ ନେଲା ଆଉ ଦି'ଟାଙ୍କୁ ସୁମି ଉଠାଇ ନେଲା। ତାଙ୍କ ଦେଖାଦେଖି ଅନ୍ୟ ପିଲାମାନେ ବି ଦଉଡ଼ି ଆସିଲେ । ସବୁ ମଣିଷ ପିଲା ସେଇ କୁକୁର ଛୁଆଗୁଡ଼ାଙ୍କୁ ଉଠାଇ ନେଲେ । ସେତେବେଳକୁ ସେଇ ଛୁଆଗୁଡ଼ାଙ୍କର ଆଖି ଫିଟି ନଥାଏ । ଖାଲି ମାଆ ଦୁଧ ଖାଇ ସିଏ ବଂଚୁଥିଲେ । ସବୁ ଛୁଆ ଜିଦ୍ କରି ସେଇ କୁକୁର ଛୁଆଙ୍କୁ ମାରି ଖାଇବାକୁ ଦେଲେନାହିଁ । ହେଲେ ଛୁଆଗୁଡ଼ା ଖାଇବେ କ'ଣ ? ମଣିଷ ପିଲାମାନେ ସେଇ କୁକୁରଛୁଆଙ୍କୁ ମାଂସ ଖାଇବାକୁ ଦେଲେ । ହେଲେ ଦୁଧପିଆ ଛୁଆଗୁଡ଼ାକ କ'ଣ ମାଂସ ଖାଇବେ ? ଦିନେ ଦି'ଦିନ ଭିତରେ ସବୁ କୁକୁରଛୁଆ ମରିଗଲେ ଖାଲି ସୁମା-ସୁମିଙ୍କ ଛୁଆଙ୍କୁ ଛାଡ଼ି । ସୁମା-ସୁମିଙ୍କ ମାଆ ଟିକିଏ ଚାଲାଖ ଥିଲା । ସିଏ ମହୁ ସାଙ୍ଗରେ ଟିକିଏ ପାଣି ଗୋଳେଇ ସେଇ ଛୁଆଙ୍କୁ ଚଟେଇ ଦେଲା । ଆଉ କ'ଣ କରିଥାନ୍ତା ? ମଣିଷ ପାଖରେ କ'ଣ ପାଳିତ ଜାନୁଆର ଥିଲେ ଯେ ଦୁଧ ମିଳିଥାଆନ୍ତା ? ମାଆ ଚାରିଟା ଛୁଆଙ୍କୁ ତ ବଞ୍ଚେଇ ପାରିଲାନି ହେଲେ ଦିଇଟା ସେଥିରୁ ବଞ୍ଚିଗଲେ । ଗୋଟିଏ ଅଣ୍ଡିରା ଛୁଆ, ଗୋଟିଏ ମାଈ ଛୁଆ । ଅଣ୍ଡିରା ଛୁଆଟାର ନାଁ ରଖିଲେ ଟିଲ୍ଲୁ ଆଉ ମାଈ ଛୁଆର ନାଁ ଟିଲ୍ଲି । ଧୀରେ ଧୀରେ ଛୁଆ ଦି'ଟାଙ୍କ ଆଖି ବି ଫିଟିଗଲା ଆଉ ସିଏ ମାଂସ ବି ଖାଇଲେ । କିଛିଦିନ ଭିତରେ ଇଏ ମୋଟା ମୋଟା ହୋଇଗଲେ।। କୁକୁର ଦି'ଟା ଟିକିଏ ନିରୀହ ଜାତିର ଥିଲେ, ନହେଲେ ଜାତି ସ୍ୱଭାବରୁ ସିଏ ବି ମଣିଷକୁ କାମୁଡ଼ି ଖାଇ ଦେଇଥାଆନ୍ତେ,

Digitized by srujanika@gmail.com

ମଣିଷ ଆଉ ତାଙ୍କୁ ପାଳିଥା'ନ୍ତା କ'ଣ ? ସୁମା-ସୁମି ଛୁଆ ଦିଇଟାଙ୍କୁ କୋଳରେ ଧରି ବୁଲୁଥାନ୍ତି । ସାଙ୍ଗ ସାଥୀଙ୍କୁ ବି ଧରିବାକୁ ଦିଅନ୍ତି । ଛୁଆ ଦି'ଟା ଛଅମାସରେ ବେଶ୍ ବଡ଼ ହୋଇଗଲେ। ଦି'ଟାଯାକ ନାଲି ରଙ୍ଗର ଥିଲେ। ସୁମା ଆଉ ସୁମି ରାତିରେ କୁକୁର ଦି'ଟାଙ୍କୁ ନିଜ ପାଖରେ ଧରି ଶୋଉଥିଲେ। ଥଣ୍ଡା ଦିନରେ କୁକୁର ପାଖରେ ରହିଲେ ବେଶ୍ ଉଷୁମ ଲାଗୁଥିଲା ।

କୁକୁର ଛୁଆଦି'ଟା ଆଗରୁ ତ ଆଉ କୁକୁର ଦେଖି ନଥାନ୍ତି। ତେଣୁ କୁକୁର ବୁଦ୍ଧି ତାଙ୍କର କମ୍ ଥିଲା। କେହି ସାଙ୍ଗ ସାଥୀ ନଥିଲେ କି ମାଆ ବି ନଥିଲା। କାହାଠାରୁ ଶିଖିଥାନ୍ତେ ? ହେଲେ ଡାକିଲେ ପାଖକୁ ଦୌଡ଼ି ଆସନ୍ତି। ଯେତେବେଳେ କୁକୁର ଶିକାର ହେଉଥିଲା ତାଙ୍କୁ ପତ୍ତା ବି ନଥିଲା କି ଏମାନେ ଆମ ଜାତିର। ଦିନେ ପିଲାଙ୍କ ସାଙ୍ଗରେ ଚିଲ୍ଲା ଚିଲ୍ଲି ବି ଯାଉଥାନ୍ତି, ଦେଖିଲେ ଠେକୁଆଟାଏ ପାଖ ବୁଦାରୁ ବାହାରି ଦଉଡ଼ି ଚାଲିଗଲା । ଠେକୁଆ ଦେଖି ଚିଲ୍ଲା ଚିଲ୍ଲି ଦି'ଟା ଭୋ ଭୋ କରି ତା ପଛେ ପଛେ ଦୌଡ଼ିବାରେ ଲାଗିଲେ । ହେଲେ ଠେକୁଆକୁ ଧରିବା କ'ଣ ଏତେ ସହଜ ? ଯୋଗକୁ ସେତିକିବେଳକୁ ଆଗ ଆଡୁ କିଛି ମଣିଷ ଆସିଗଲେ। ମଣିଷଙ୍କୁ ଦେଖି ଠେକୁଆ ବୁଲି ପଡ଼ି ଦୌଡ଼ିଲାବେଳକୁ ପଡ଼ିଗଲା ଚିଲ୍ଲା ଚିଲ୍ଲିଙ୍କ ହାବୁଡ଼ରେ। କୁକୁର ଦି'ଟା ଠେକୁଆଟାକୁ ଝୁଣି ପକେଇଲେ ଆଉ ତା ମାଂସ ଖାଇବାରେ ଲାଗିଗଲେ। ସୁମା-ସୁମି ଏସବୁ ଦେଖି ତାଟକା ! ହେଲେ କୁକୁର ଦି'ଟାଙ୍କ ଠେକୁଆ ମାଂସ ଖାଇବା ଦେଖି ତାଙ୍କ ପାଟିରୁ ବି ଲାଳ ବୋହି ପଡୁଥାଏ। ହେଲେ ଠେକୁଆ ପାଖକୁ ଯିବା ବେଳକୁ ଚିଲ୍ଲା ଚିଲ୍ଲିଙ୍କ ରାଗ ଦେଖିବ କ'ଣ ? ଶେଷରେ ଚିଲ୍ଲା ଚିଲ୍ଲି ପୂରା ଠେକୁଆଟାକୁ ଯେତେବେଳେ ଆଉ ଖାଇ ପାରିଲେ ନାହିଁ, ବଳକା ମାଂସତକ ସୁମା-ସୁମି ନିଆଁରେ ପୋଡ଼ି ମଜାରେ ଖାଇଲେ। ଦଳ ଭିତରେ ଏକଥା ହାଲ୍ଲା ହୋଇଗଲା ଯେ କୁକୁର ଦି'ଟା ଠେକୁଆ ଶିକାର କରିଛନ୍ତି । ପରେ ପରେ ମଣିଷମାନେ ଭାବିବାରେ ଲାଗିଗଲେ, ଯଦି ଏମିତିକା ଦଶ କୋଡ଼ିଏ କୁକୁର ଆମ ପାଖରେ ଥାଆନ୍ତେ, ତାହେଲେ କେତେ ଭଲକଥା ହୁଅନ୍ତା ! ଶିକାରରେ କେତେ ସାହାଯ୍ୟ ମିଳନ୍ତା !

□□□

Digitized by srujanika@gmail.com

(୮)

ପିଲାଙ୍କ ମାଛଧରା

ସବୁଦିନ କାହାଣିରେ ନାଁ ବଦଳାଇ କହିବା ଅପେକ୍ଷା ଆଜିଠାରୁ ଆମେ ମଣିଷ ଛୁଆ, ପୁଅକୁ ସୁମା ଆଉ ଝିଅକୁ ସୁମି ବୋଲି କହିବା । ଇଏ ହଜାର ହଜାର ବରଷ ତଳର କଥା । ସେତେବେଳେ କନୈଲାର ଜଙ୍ଗଲରେ ଲେପ୍‌ଚା ଜାତି (କିରାତ)ର ଲୋକେ ଘର କରି ରହୁଥିଲେ । ଘର ବୋଇଲେ ସେଇ କୁଡ଼ିଆ ଘର । ଗୋଟିଏ ଗୋଟିଏ ଜାଗାରେ ପଚାଶ କି ଷାଠିଏ ପିଲା ବୁଢ଼ା ବୁଢ଼ୀ ମାଇପି ମରଦ ସମସ୍ତେ ଏକାଠି ରହୁଥିଲେ । ସମସ୍ତେ ସେଇ ଗୋଟିଏ କୁଡ଼ିଆରେ ରହୁଥିଲେ । ଘାସ ପତର କାଠ କୁଟାରେ ତିଆରି ବେଶ୍ ବଡ଼ ମଜଭୁତ ଘର । ସେଇ କୁଡ଼ିଆର ଗୋଟିଏ କୋଣରେ ଅଗ୍ନି ଦେବତାଙ୍କ ଥାନ । ଲୋକେ ଜଙ୍ଗଲରୁ ପଶୁ ଶିକାର କରି ଆଣୁଥିଲେ, କେବେ କେବେ ହ୍ରଦ କି ନଦୀରୁ ମାଛ ଧରି ଆଣୁଥିଲେ । ବଡ଼ମାନଙ୍କ ଦେଖାଦେଖି ଦିନେ ସୁମା-ସୁମି ବି ଆପଣା ସାଙ୍ଗମାନଙ୍କ ସହିତ ମାଛ ଧରିବାକୁ ପୋଖରୀରେ ପଶିଗଲେ । ତାଙ୍କ ମାଆ ମାଉସୀମାନେ ପୋଖରୀରେ ପଶିବାକୁ ଯେତେ ମନା କଲେ ବି ସେମାନେ ମାନିଲେ ନାହିଁ । ସବୁ ବଡ଼ ମଣିଷ ଜଙ୍ଗଲକୁ ଚାଲିଗଲା ପରେ ଏଇ ବାଳକସେନା ପୋଖରୀରେ ପଶିଲେ, ଅବଶ୍ୟ ପାଣି ମଝିକି ଗଲେ ନାହିଁ । କୂଳରେ କୂଳରେ ହାତ ମାରି ମାଛ ଖୋଜିବାରେ ଲାଗିଗଲେ । କୂଳରେ ମାଛ କୁଆଡୁ ହାତକୁ ଆସିଥାନ୍ତା ? ଖୋଜୁ ଖୋଜୁ ସୁମା ହାତରେ ଲାଗିଲା ଏତେବଡ଼ ଗୋଟିଏ ବୁଢ଼ା କଙ୍କଡ଼ା । ତାକୁ ପାଣି ଉପରକୁ ଉଠାଇ ଆଣି ସୁମା ଦେଖିଲା, ହେଲେ ତାର ଏତେ ବଡ଼ ବଡ଼ ଗୋଡ଼ ଦିଇଟା ଦେଖି ସୁମା ତାକୁ

Digitized by srujanika@gmail.com

ଡରରେ ପୁଣି ପାଣିରେ ପକାଇ ଦେଲା । ଆଉ ଡରରେ କମ୍ପିବାକୁ ଲାଗିଲା । ଦଳର ଜଣେ ବଡ଼ ସିଆଣା ପିଲା ତାକୁ ବୁଝାଇଲା, – "ଆରେ ସେଇଟା ତ ଖାଇବାର ଚିଜ, ତୁ ତ ବାହାଦୁର, ଏତେବଡ଼ କଙ୍କଡ଼ାଟାଏ ଧରିପାରିଲୁ । ମାଆ ଆଉ ମାଉସୀ ଦେଖିଥିଲେ କେତେ ଖୁସି ହୋଇଥାନ୍ତେ ?" ଏଥର ଯାଇ ସୁମାର ଡର ଛାଡ଼ିଲା ଆଉ ମନେ ମନେ ଅବଶୋଷ ଲାଗିଲା କଙ୍କଡ଼ାଟା ପକାଇଦେଲା ବୋଲି । ହେଲେ ପାଣିରେ ପକାଇବା କଙ୍କଡ଼ା କ'ଣ ଆଉ ହାତକୁ ଆସିବ ? ପିଲାଏ ପାଣି ଘାଣ୍ଟୁଥାନ୍ତି ମାଛ ଧରିବେ ବୋଲି । ଏତିକିବେଳେ ମାଉସୀର ଗୋଟିଏ ଝିଅ ଚିଲେଇ ଉଠିଲା– 'ମରିଗଲି' । ଆଉ ପାଣି ଭିତରୁ ହାତ ବାହାର କରି ଆଙ୍ଗୁଳିକୁ ଚାପି ଧରି ଜୋର୍ ଜୋର୍‌ରେ କାନ୍ଦିବାରେ ଲାଗିଗଲା । ସୁମା ଜୋର୍ କରି ତା' ଡାହାଣ ହାତ ଆଙ୍ଗୁଠି ଖୋଲି ଦେଖିଲା ତ ସେଥିରୁ ରକ୍ତ ଝରୁଥାଏ । ସବୁ ଛୁଆ ଡରିଗଲେ । ମାଉସୀ ଝିଅର ଆଙ୍ଗୁଳି ଏତେ ଜୋର୍‌ରେ ପୀଡ଼ା କରୁଥାଏ ଯେ, ତା' ଦୁଇ ଆଖିରୁ ଝରଝର ଲୁହ ଝରି ଯାଉଥାଏ । ଯନ୍ତ୍ରଣାରେ ବିକଳ ହୋଇ ସେ ମାଟିରେ ଗଡ଼ି ଯାଉଥାଏ । ସବୁ ଛୁଆ ତାକୁ ଟେକି ଉଠାଇ ବୁଢ଼ୀମାଆ ପାଖକୁ କୁଢ଼ିଆକୁ ନେଇଗଲେ । ବୁଢ଼ୀମାଆ ପଚାରିଲା, "ମାଛ ହାତରେ ଲାଗିଥିଲା ?"– ହଁ, ଝିଅ କାନ୍ଦୁକାନ୍ଦୁ କହିଲା । "ମୁଁ ତାକୁ ଜୋର୍‌ରେ ଧରି ପକାଇଲି ତ ସିଏ ଛାଟିପିଟି ହେଲା, ଆଉ ମୋ ହାତରେ କଣ୍ଟା ଭଳି କ'ଣ ଫୁଟିଗଲା । ଭାରି କାଟୁଛି, ମାଆଲୋ" କହି ସେ ପୁଣି ଜୋର୍ ରେ କାନ୍ଦି ଉଠିଲା ।

ବୁଢ଼ୀମାଆ ମୁନିକୁ ବୁଝାଇଲା, "କାନ୍ଦନା, ସେଇଟା ଶିଙ୍ଗି ମାଛଟା । ତା'କଣ୍ଟା ଭାରି ବିଷେଇଲା । ଫୁଟିଗଲେ ଭାରି କାଟିଥାଏ । ହେଲେ ଭଲ ହୋଇଯିବ, କାନ୍ଦନା ।" ଦିନେ ମାଛ ଧରିଲାବେଳେ ଶିଙ୍ଗି ବି ଧରାହେଲା । ମାଆ ଚିହ୍ନେଇ ଦେଲା, ଏଇ ଦେଖ, ସେଇ ନାଲି ମାଛଟା ଶିଙ୍ଗି ମାଛ । ମାଛଟା ବଞ୍ଚିଥାଏ, ଖାଲି ଛଟପଟ ହୋଇ ଡେଉଁଥାଏ ।

ସେତେବେଳେ ମଣିଷକୁ ଲୁଣ କଥା ଜଣା ନଥିଲା । ନହେଲେ ଲୁଣ ମାରିଦେଲେ ଶିଙ୍ଗି ମାଛ ଘାଇଲା ହୋଇ ମରିଯାଇଥାଏ । ଆଉ କଣ୍ଟା ମାରିବ

Digitized by srujanika@gmail.com

କ'ଣ ? ମାଆ ଯେତେବେଳେ ନିଆଁରେ ପୋଡ଼ି ଖାଇବାକୁ ଦେଲା, ସମସ୍ତଙ୍କୁ ଶିଙ୍ଗି ମାଛ ଭାରି ସୁଆଦିଆ ଲାଗିଲା । ଶିଙ୍ଗି ମାଛ ମୁଣ୍ଡକୁ ଜୋର୍‌ରେ ଦବେଇକି ଧରିଲେ ବି ସିଏ ଆଉ ତା' କଣ୍ଟାରେ ମାରି ପାରି ନଥାଏ ।

(୯)

ପିଲାଏ ନିଜଠାରୁ ଭିନ୍ନ ଜାତିର ମଣିଷ ଦେଖିଲେ

ସୁମା ଆଉ ସୁମି ଏବେ ବି ଜଙ୍ଗଲରେ ରହୁଥାନ୍ତି । କନେିଲା ପାଖରେ ପାହାଡ଼ ଗୁମ୍ଫା ନଥିଲା । ତେଣୁ ସେମାନେ ଯୁଆଡ଼େ ଯାଉଥିଲେ ସେଠାରେ କୁଡ଼ିଆ ତିଆରି

କରି ରହୁଥିଲେ । ଦିନେ ପିଲାମାନେ ମାଆ ଆଉ ମାଉସୀ ମାନଙ୍କ ସହିତ ନଦୀକୂଳ ଆଡ଼େ ଯାଇଥିଲେ । ସେଇଠି ଶିକାର ଖେଳ ଖେଳିବାରେ ଲାଗିଗଲେ । ଧନୁତୀର ତ ସବୁବେଳେ ସାଥିରେ ଥାଏ । ତୀର ମୁନରେ ମୁନିଆ ପଥର ନହେଲେ ହାଡ଼ ବାନ୍ଧି ଦେଇ ସେଇଥିରେ ଶିକାର କରୁଥିଲେ । ସେତେବେଳେ ମଣିଷ ଲୁହା ବା ତମ୍ବା କିଛି ଧାତୁ କଥା ଜାଣି ନଥିଲା । ବାସ୍ ତୀର ମୂନରେ ଅଠା ଲଗାଇ ଦେଇ ସେଥିରେ ଗଛର କଣ୍ଟା ଖୋସି ଦେଉଥିଲେ, ଆଉ ସେଇ ତୀର ମାରି ପିଲାମାନେ ବି ଶିକାର ଖେଳ ଖେଳୁଥିଲେ । ଦିନେ ମୁନା ଗୋଟିଏ ଚଢ଼େଇ ଛୁଆକୁ ଲକ୍ଷ୍ୟ କରି ତୀର ମାରିଲା ଯେ ତୀରଟା ଯାଇ ତା ଦେହରେ ଲାଗିଗଲା । ଛୁଆ ଚଢ଼େଇଟା, ତୀରଟା ତାକୁ ବିନ୍ଧି ଦେଇଥାଏ । ବିଚରା ଖାଲି ଫଡ଼ ଫଡ଼ ହେଉଥାଏ । ପିଲାମାନେ ଦୌଡ଼ିଯାଇ ତାକୁ ଧରି ପକାଇଲେ । ଏଡ଼ିକି ବକଟେ ଚଢ଼େଇ, ତାକୁ ନେଇ କ'ଣ ଆଉ କରିଥାନ୍ତେ ?

ଆଉ ଦିନେ ସୁମା-ସୁମି ଆଉ ତାଙ୍କ ଦଳର ସବୁପିଲା ନଦୀ ଏକୂଳରେ ଖେଳୁଥାନ୍ତି । ଦେଖିଲେ ନଦୀ ଆରପାରିରେ ଦଳେ ଲୋକ ହାଲ୍ଲା କରି କରି

Digitized by srujanika@gmail.com

ଏପାରିକୁ ଆସୁଥାନ୍ତି । ପିଲାଏ କିଛି ବୁଝି ପାରିଲେ ନାହିଁ । ହେଲେ ପାଖକୁ ଆସିବାରୁ ଦେଖିଲେ ହାଲ୍ଲା କରୁଥିବା ଲୋକଙ୍କ ଭିତରେ ତାଙ୍କ ନିଜ ଗାଁର ଲୋକ ଆଉ ଅଲଗା ଗାଁର ଲୋକ ଅଛନ୍ତି । ସେତେବେଳେ ଗାଁ' ଆଉ କୋଉଠି ଥିଲା ! ସେଇ ବଡ଼ କୁଡ଼ିଆରେ ଯେଉଁଠି ଦଳକଯାକ ଲୋକ ରହୁଥାନ୍ତି ସେଇ ହେଲା ଗାଁ'। ଅଲଗା ଦଳର ଲୋକ ବି ସେଇ ଲେପ୍‌ଚା କିରାତ ଥିଲେ । ଏଦଳ ସେଦଳର ଭାଷା ବୁଝୁଥିଲେ । ଏକାପ୍ରକାରେ ଦେଖା ଯାଉଥିଲେ । ତେଣୁ ତାଙ୍କ ଭିତରେ ବେଶି ଝଗଡ଼ା ଝାଟି ହେଉନଥିଲା ।

ହେଲେ ସେଇ ଲୋକମାନେ ଅଲଗା ପ୍ରକାରର ଆଉ ତିନିଜଣ ଲୋକଙ୍କୁ ବି ସାଥିରେ ନେଇ ଆସିଥାନ୍ତି । ତାଙ୍କ ଭିତରେ ମାଆ ଆଉ ମାଉସୀଙ୍କ ଭଳି ଜଣେ ସ୍ତ୍ରୀଲୋକ ବି ଥିଲା । ସେଇ ଅଲଗା ଲୋକଙ୍କ ଦେହର ରଙ୍ଗ ବହୁତ କଳା ଥିଲା । ଠିକ୍ କୋଇଲା ଭଳି । ତାଙ୍କୁ ଦେଖି ସୁମା ସୁମିଙ୍କ ପୂରା ପଲଟଣ ଡରିଗଲେ । ତାଙ୍କ ନିଜ ଦେହର ରଙ୍ଗ ତ କେତେ ସଫା ଆଉ କେତେ ହଳଦିଆ ହେଲେ ଏଇ କଳା ରଙ୍ଗର ଲୋକ ସେମାନେ ଆଗରୁ ଦେଖି ନଥାନ୍ତି । ତାଙ୍କ କଥା ଭାଷା ବି କିଛି ବୁଝି ହେଉ ନଥାଏ । ଏଇ ଲୋକମାନେ ତାଙ୍କୁ ବହୁତ ପିଟିଥାନ୍ତି । ଲୋକ ତିନିଜଣ ଭାରି ଜୋର୍‌ରେ କାନ୍ଦୁଥାନ୍ତି । ଧୀରେ ଧୀରେ ପିଲାମାନେ ସାହସ ବାନ୍ଧି ତାଙ୍କ ପାଖକୁ ଗଲେ । ସୁମା ସ୍ତ୍ରୀ ଲୋକଟି ଦେହରେ ହାତ ଘଷି ଦେଖିଲା । ସୁମା ଭାବୁଥାଏ ଏଇ କଳାରଙ୍ଗ ବୋଧେ ସେମାନେ ଦେହରେ ବୋଳି ହୋଇଛନ୍ତି । ଯେପରି ଭୂତ ଖେଳ ଖେଳିବା ବେଳେ ପିଲାମାନେ ନିଜ ଦେହରେ କଳାରଙ୍ଗ ବୋଳି ହୋଇଥାନ୍ତି ।

ଆଜି ପିଲାମାନେ ଜାଣିଲେ କି କଳାରଙ୍ଗର ମଣିଷ ବି ଅଛନ୍ତି । ଆଉ ତାଙ୍କ ଭାଷା ବି ଅଲଗା ପ୍ରକାର । ଛୁଆଙ୍କ ଭିତରେ ସେଇ ମଣିଷଙ୍କୁ ନେଇ ଚର୍ଚ୍ଚା ଚାଲିଥିଲାବେଳେ ଜଣେ ସିଆଣା ବଡ଼ ପିଲା କହିଲା, "ଏଇ ତିନି ଜଣଙ୍କୁ ମାରି ଅଗ୍ନି ଦେବତାଙ୍କ ନିକଟରେ ପୂଜା କରି ତାଙ୍କୁ ପୋଡ଼ି ଖିଆଯିବ।" ହଁ ସେତେବେଳେ ମଣିଷମାନେ ସେମିତି ଜଙ୍ଗଲି ହିଁ ଥିଲେ । ଯାହା ପାଉଥିଲେ ଖାଇ

Digitized by srujanika@gmail.com

ଯାଉଥିଲେ, ଅନ୍ୟ ଭଲ କଥା ତାଙ୍କୁ ଜଣା ନଥିଲା । ହେଲେ ସମସ୍ତେ ଏତିକି ଜାଣିଥିଲେ କି ନିଜ କୁଡ଼ିଆରେ ରହୁଥିବା ଲୋକଙ୍କ ହାନି କରିବା ନାହିଁ । ତାଙ୍କୁ ଭଲ ପାଇବା । ତାଙ୍କୁ ଖାଇବାକୁ ପିଇବାକୁ ଦେବା । ତାଙ୍କର ରକ୍ଷା କରିବା । ଦଳର ଅନ୍ୟ ଲୋକଙ୍କୁ ନଦେଇ ନିଜେ ଖାଇଦେବା ଭଲକଥା ନୁହେଁ । ସେତେବେଳେ ଦିନରେ ଏଇସବୁ ମଣିଷଙ୍କର ଡର, ଭୟ ନଥିଲା । ହେଲେ ରାତି ଅନ୍ଧାର ହେଲେ ତାଙ୍କୁ ଚାରିଆଡ଼େ ଖାଲି ଭୂତ ଦେଖା ଯାଉଥିଲେ ସମସ୍ତେ ସେଇ କୁଡ଼ିଆରେ ଅଗ୍ନି ଦେବତାଙ୍କ ପାଖରେ ଏକାଠି ରହୁଥିଲେ । ବଡ଼ମାନେ ବି ରାତିରେ ପଦାକୁ ବାହାରୁ ନଥିଲେ । କି ଅଜବ ଲୋକ କହିଲ ?

(୧୦)

ସୁମା ସୁମି ହରିଣ ଛୁଆ ପାଳିଲେ



ଦିନେ ସୁମା ସୁମିଙ୍କୁ ଗୋଟିଏ ଛୋଟ ହରିଣ ଛୁଆ ମିଳିଗଲା । ସାଙ୍ଗେ ସାଙ୍ଗେ ଛୁଆଟା ଜନ୍ମ ହୋଇଛି କି ନାହିଁ ଶିକାରି ମଣିଷ ଆସିଗଲାରୁ ହରିଣ ମାଆଟି ଦଉଡ଼ି ପଳାଇଲା । ଛୁଆଟା ତ ଠଲୁ ଉଠି ନଥାଏ, ଯିବ କେମିତି ? ସୁମା ସୁମି ଯାଇ ସେଠି ପହଞ୍ଚି ଗଲେ । ଛୋଟ ଛୁଆଟା ତାଙ୍କୁ ଭାରି କଉତୁକିଆ ଲାଗିଲା । ପିଲାଏ ତାକୁ ଉଠେଇ ନେଲେ । ଘରକୁ ନେଇ ଆସିଲେ । ଚମଡ଼ା ରସିରେ ତାକୁ ବାନ୍ଧି ରଖିଲେ । କଅଁଳା ଛୁଆଟା ତ, ଦୁଧ ପିଇବା କଥା । ମାଂସ ତ ଖାଇବ ନାହିଁ । ବଡ଼ ମଣିଷ ବହୁତ ବୁଝେଇଲେ ଛୁଆଟାକୁ ଅଗ୍ନି ଦେବତାଙ୍କୁ ପୂଜା ଦେଇଦେବା । ହେଲେ ଛୁଆଙ୍କର ଏକା ଜିଦ୍ ତାକୁ ମାରିବେ ନାହିଁ, ପାଳିବେ । ଖୁସିରେ ପିଲାଏ ତାକୁ ନରମ ନରମ ଘାସ ଛିଣ୍ଡାଇ ଖାଇବାକୁ ଦେଲେ । ହେଲେ ଏତେ ଛୋଟ ଛୁଆଟା କ'ଣ ଘାସ ଖାଇ ପାରନ୍ତା ! ଯୋଗକୁ ମାଉସୀର ସେତେବେଳେ ଛୋଟ

Digitized by srujanika@gmail.com

ଛୁଆଟାଏ ଥିଲା । ସିଏ ମାଆ ଦୁଧ ଖାଉଥିଲା । ମାଉସୀ ଦି’ ଚାରିଦିନ ହରିଣ ଛୁଆଟାକୁ ଆପଣା ଦୁଧ ଦେଇ ବଞ୍ଚେଇ ଦେଲା । ତା’ପରେ ହରିଣ ଛୁଆଟା ଘାସ ଖାଇ ଶିଖିଲା । ସେତିକିବେଳକୁ କୁକୁର ବି ଛୁଆ ଦେଇଥାଏ । ସିଏ ତା’ ଛୁଆଙ୍କ ସାଙ୍ଗରେ ହରିଣ ଛୁଆଟାକୁ ବି ଦୁଧ ପିଇବାକୁ ଦେଲା। ଆପଣା ଭଳି ଦେଖା ଯାଉଥାଏ ତ ତେଣୁ ତାକୁ ଆପଣାଇ ନେଲା । ହଁ ଏତେବେଳକୁ ମଣିଷମାନେ ଆପଣା ପାଖରେ କୁକୁର ପାଳିଲେଣି । ଶିକାର ବେଳେ କୁକୁର ମଦତ୍ କରିଥାଏ। ରାତିରେ କୁଡ଼ିଆକୁ ଜଗାରଖା କରେ । ନିଜ କୁଡ଼ିଆର ଲୋକଙ୍କୁ କାମୁଡ଼େନା ହେଲେ ଅଚିହ୍ନା ଅଜଣା କାହାକୁ ଦେଖିଲେ, ଜନ୍ତୁ ଜାନୁଆର ଦେଖିଲେ ଭୋ’ ଭୋ’ କରି କାମୁଡ଼ିବାକୁ ଗୋଡ଼େଇଯାଏ, ମଣିଷଙ୍କୁ ଜଣେଇ ଦିଏ।

ସେଇ ହରିଣ ଛୁଆ ଆଉ କୁକୁରଛୁଆମାନଙ୍କ ସହିତ ମିଶି ମଣିଷଛୁଆମାନେ ବେଶ୍ ଦୌଡ଼ା ଦୌଡ଼ି କରି ମଜା ମଜା ଖେଳ ଖେଳୁଥାନ୍ତି। ସବୁଛୁଆ ହରିଣ ଛୁଆ ପାଇଁ ନରମ ନରମ ତାଜା ଘାସ କାଟି ଆଣୁଥାନ୍ତି। କୋଉଥିରେ କାଟୁଥିଲେ ? ପଥର ଛୁରିରେ ଆଉ କୋଉଥିରେ ? ହାତରେ ବି ଛିଣ୍ଡାଇ ଆଣୁଥିଲେ। ଧୀରେ ଧୀରେ ହରିଣ ଛୁଆଟା ବଡ଼ ହୋଇଗଲା । ସେଇଟା ଗୋଟେ ହରିଣି ଥିଲା । ହରିଣ ହୋଇଥିଲେ ସିନା ତାର ଶିଙ୍ଗ ଉଠିଥାନ୍ତା ଆଉ ମଣିଷ ପିଲାଏ ତାକୁ ଚିଡ଼େଇଲାବେଳେ ସେ ଶିଙ୍ଗ ମାରୁଥାନ୍ତା। ମୁନି ତ ତା’ର ଶିଙ୍ଗ ଧରି ଆଉଁଷି ପକାଏ। ସୁମା ତା ପାଟି ପାଖରେ ହାତ ଦେଖେଇଲେ ସେ ବଡ଼ ଆରାମରେ ଚାଟି ପକାଏ। ସୁମା ସୁମି ତା ବେକ ଧରି କେତେ ଆଦର ବି କରନ୍ତି । କୁକୁର ଆଉ ତା’ ଛୁଆଙ୍କୁ ମଣିଷ ତା ନିଜ ଖାଇବା ଦରବରୁ ଭାଗ ଦେଇଥାଏ ହେଲେ ହରିଣ ତ ଆପେ ଆପେ ଚରିବୁଲି ଖାଲି ଘାସ ଖାଇଥାଏ।

ହରିଣ ଜାଣିଥିଲା ଏକା ଏକା ଜଙ୍ଗଲକୁ ଯିବା ଠିକ୍ ନୁହେଁ । ସୁମି ତ ତାକୁ କେତେ ସରାଗରେ ବୁଝାଉଥିଲା, “ହରିଣି ରାଣୀ, ଜଙ୍ଗଲରେ ବାଘ ଅଛି, ସିଂହ ଅଛି, ଗଧିଆ ବି ଅଛି। ଏକୁଟିଆ ପାଇଲେ ତତେ ଖାଇଦେବେ। କେବେ ଏକୁଟିଆ ଜଙ୍ଗଲ ଯିବୁ ନାହିଁ ।” ହରିଣି ଏକଥା ବୁଝିଲା ଭଳି ଜଙ୍ଗଲ ଭିତରକୁ

Digitized by srujanika@gmail.com

ଯାଏନା । ପିଲାଙ୍କ ସାଙ୍ଗରେ ବୁଲୁଥାଏ, ଦୌଡ଼ା ଦୌଡ଼ି କରି ଖେଳୁଥାଏ । ହେଲେ ତା'ସାଙ୍ଗରେ କିଏ ଦୌଡ଼ି ପାରିବ ? ଦିନେ ସୁମା ଯିଦ୍ କଲା ହରିଣି ସାଙ୍ଗରେ ଦୌଡ଼ିବ । ହେଲେ ସୁମା ଦୌଡ଼ ତ କଇଁଛ ଦୌଡ଼ ପରି । ଆଖିପଛୁଳାକେ ହରିଣି କାହିଁ କେତେଦୂର ଦୌଡ଼ିଗଲା । ସବୁପିଲା ତାଳିମାରି ହସିଲେ, ପାଟି କଲେ, ହରିଣି ସୁମାକୁ ହରେଇ ଦେଲା । ଦିନେ କୁକୁର ବି ଦୌଡ଼ ବାଜି ଲଗେଇଲା । ହେଲେ ସିଏ ବି ହାରିଗଲା । ବାପ୍‌ରେ ! କେତେ ଜୋର୍‌ରେ ହରିଣି ଦଉଡ଼େ ?

ଥରେ ବରଷାଦିନେ ହରିଣି ନଦୀ ସେପାରିକୁ ଚରିବାକୁ ଯାଇଛି, ଜୋର୍‌ରେ ବଢ଼ି ପାଣି ମାଡ଼ି ଆସିଲା । ରାତି ହୋଇ ଆସୁଥାଏ । ଏପାରିରେ ସବୁ ଲୋକ ଡରିଗଲେ- ହରିଣିଟା ଆସିବ କେମିତି ? ଆଜି ନିଶ୍ଚେ ତାକୁ ଗଧିଆ ଖାଇଲା । ସବୁ ପିଲା ବଡ଼ ପାଟିରେ ଡାକ ଛାଡୁଥାନ୍ତି- 'ହରିଣି ଚାଲିଆ', 'ହରିଣି ଚାଲିଆ ।' ହରିଣି ସେପାଖରେ ଥାଇ କାଲୁବାଲୁ ହେଉଥାଏ, ବିକଳ ହେଉଥାଏ । ଏମିତି ହେଉ ହେଉ ସାହସ ବାନ୍ଧି ପାଣିକୁ ଡେଇଁ ପଡ଼ିଲା ଆଉ ପହଁରି ପହଁରି ଏପାଖରେ ପହଞ୍ଚିଗଲା । ପିଲାଙ୍କର କି ଖୁସି ! ବଡ଼ମାନେ ବି ଖୁସି ହୋଇଗଲେ ।

(୧୧)

ମଣିଷର ପଶୁ ପାଳନ

ଏଥର ଆମେ ପିଲା ଦୁହିଁଙ୍କୁ ମୁନା ମୁନି କହିବା ।

ସେତେବେଳେ କଳା ଆଉ ଗୋରା (ହଳଦିଆ) ଦି ପ୍ରକାର ଲୋକ ଜଙ୍ଗଲରେ ରହୁଥିଲେ । ତାଙ୍କ ଭିତରେ ମଝିରେ ମଝିରେ ଜୋର୍ ଲଢ଼େଇ ଝଗଡ଼ା ଲାଗିଯାଉଥାଏ । ତାଙ୍କ ଝଗଡ଼ା କଥା କ'ଣ କହିବା ? ସିଏ ତ ଜଙ୍ଗଲି ମଣିଷ ଥିଲେ ।

Digitized by srujanika@gmail.com

ଆଜିକାଲି ତ ଭାଇ ଭଉଣି ଲଢ଼େଇ ଲାଗି ଯାଉଛନ୍ତି ? ହେଲେ ତାଙ୍କ ବାବା ଠିକ୍ ଜାଣିଥାନ୍ତି ପିଲା ଦୁଇ ଜଣ ଶୀଘ୍ର ଲଢ଼େଇ କରିବା ଛାଡ଼ିଦେବେ । ନହେଲେ ଲୋକେ ତାଙ୍କୁ ବି ଜଙ୍ଗଲି କହିବେ । ଥରେ ମୁନା ଆଉ ମୁନି ଗୋଟିଏ ଅଜବ କାଣ୍ଡ କରିବସିଲେ । ସେତେବେଳେ ଧାନ, ଗହମ, ଯଅ, ମାଣ୍ଡିଆ, ଆମ୍ବ, ପଣସ ଆଦି ସବୁ ଶସ୍ୟ ଆଉ ଫଳ ଜଙ୍ଗଲରେ ହିଁ ହେଉଥିଲା । ଯେମିତି ଅନ୍ୟ ଘାସ ଫୁଲ ସବୁ ହୁଅନ୍ତି । ଆଉ ସବୁ ଜାଗାରେ ସବୁ ଜିନିଷ ବି ହେଉ ନଥିଲା । ଦିନେ ମୁନା ଦେଖିଲା ଯଅ କେଣ୍ଡାମାନ ପାଚି ଦାନା ସବୁ ତଳେ ପଡ଼ିଛି । ମୁନା ସେ ଯଅ ଦାନାସବୁ ଉଠେଇ ନେଇ ଚୁପ୍ କରି ମୁନି କାନରେ କହିଲା, "ଚାଲ, ଏଇ ଦାନାସବୁ ଆମେ ମାଟିରେ ପୋତି ଦେବା ।" ଦିଜଣଯାକ ମିଶି ସେଇ ଦାନାସବୁ ମାଟିରେ ପୋତିଦେଲେ । ଦାନାରୁ ଗଜା ହୋଇ ଗଛ ହେଲା । ହେଲେ ପାଣି ନପାଇ ଶୁଖି ଯାଉଥିଲା, କିଛି ବରଷା ହୋଇଗଲା । ବର୍ଷାପାଣି ପାଇ ଯଅଗଛ ସବୁ ତାଜା ତାଜା ହୋଇ ବଡ଼ ହୋଇଗଲେ । ବାସ୍ ମୁନା ମୁନି ଏଥର ହରିଣିକୁ ନେଇ ସେଠି ଚରିବାକୁ ଛାଡ଼ିଦେଲେ । ହରିଣି ମଉଜରେ ଚରିବାରେ ଲାଗିଗଲା । ଯାହାହେଉ ଏଥର ଘାସ କାଟିବା କାମରୁ ଛୁଟି ମିଳିଗଲା । ମୁନା ଦେଖାଦେଖି ଅନ୍ୟ ପିଲାମାନେ ବି ଯଅ ମଞ୍ଜି ମାଟିରେ ପୋତିବାରେ ଲାଗିଗଲେ । ଆଉ ହରିଣି କି ସେଠି ଚରିବାକୁ ଛାଡ଼ିଦେଲେ । ସେତେବେଳେ ମଣିଷ ବି ଶସ୍ୟ ଖାଇବା ଶିଖି ନଥିଲା ହେଲେ ଜାନୁଆର ପାଳିବା ଜାଣି ଯାଉଥିଲା ।

ଗୋଟିଏ ଜଙ୍ଗଲରେ ପାଳତୁ ଜାନୁଆରଙ୍କ ପାଇଁ ଘାସ ଆଉ ପାଣି ସରି ଆସିଲେ ଆପେ ଆପେ ଜାନୁଆରମାନେ ଅନ୍ୟ ଜଙ୍ଗଲକୁ ଚାଲି ଯାଉଥିଲେ । ତାଙ୍କ ପଛେ ପଛେ ମଣିଷ ସେମାନଙ୍କ କୁଡ଼ିଆ ଛାଡ଼ି ଅନ୍ୟ ଜଙ୍ଗଲକୁ ଚାଲି ଯାଉଥିଲେ । ଜାନୁଆର ଘାସ ଖାଉଥିଲା ଆଉ ମଣିଷ ଜାନୁଆରଙ୍କୁ ଖାଉଥିଲା । ଏବେ ଏବେ ମଣିଷ ଜଙ୍ଗଲ ମାଟିରେ ମଞ୍ଜି ବୁଣିବା ଆରମ୍ଭ କରିଥିଲା । ଫସଲ ଖାଇବା ପାଇଁ ଜାନୁଆର ଆଉ କିଛିଦିନ ସେ ଜାଗାରେ ରହି ଯାଉଥିଲେ । ପୁରୁଣା ଘର ଛାଡ଼ି ଗଲାବେଳେ ମୁନା ମୁନି ଖୁବ୍ କାନ୍ଦୁଥିଲେ ଆଉ ତାଙ୍କ ସାଙ୍ଗମାନେ ବି ।

Digitized by srujanika@gmail.com

ବେଳେ ବେଳେ ସେମାନେ ଯିଦ୍ କରି ବସୁଥିଲେ,- "ଆମେ ଏଜାଗା ଛାଡ଼ି ଅଲଗା ଜାଗାକୁ ଯିବୁନାହିଁ ।" ତେବେ ଘାସ, ଫସଲ ସରିଗଲେ ଆଉ ପାଣି ଶୁଖିଗଲେ ଜାନୁଆର ତ ଚାଲି ଯାଉଥିଲେ, ମଣିଷ କିପରି ରହୁଥା'ନ୍ତା ! କ'ଣ ଖାଆନ୍ତା ପିଅନ୍ତା ! କାନ୍ଦି କାନ୍ଦି ପିଲାମାନେ ବି ତାଙ୍କ ସାଙ୍ଗରେ ଯାଉଥିଲେ ।

ଥରେ ସେଇ ଲୋକମାନେ ଗୋଟିଏ ପାହାଡ଼ ପାଖ ଜଙ୍ଗଲରେ ରହୁଥିଲେ । ଦିନେ ଦେଖିଲେ, ଗୋଟିଏ ବଡ଼ ଅଜଗର ସାପ, ହେଁବଡ଼ କାଠଗଣ୍ଡି ପରି ପଡ଼ିଥାଏ। ପାଖ ଗଛରେ ଦଳେ କଳାମୁହାଁ ହନୁମାଙ୍କଡ଼ ଥାଆନ୍ତି । ତାଙ୍କ ଭିତରେ ଗୋଟିଏ ଦୁଷ୍ଟ ହନୁ ଥିଲା। ସେଦିନ ଯଦି ସମ୍ଭାଳି କରି ରହି ନଥାନ୍ତା ତ ଅଜଗର ମୁହଁରେ ଯାଇଥାନ୍ତା । ହେଲେ ମାଙ୍କଡ଼ ତ ଭାରି ଫୂର୍ତ୍ତିଲା । ଆଉ ଅଜଗର ଭାରି ଅଳସୁଆ । ମାଙ୍କଡ଼କୁ ଖାଇବା ପାଇଁ ଅଜଗର ପାଟି ବଢ଼େଇଲା ବେଳକୁ ମାଙ୍କଡ଼ ଡିଆଁ ମାରି ପାର୍। ଥରେ ତ କୁଦା ମାରି ଯାଇ ଅଜଗର ପିଠିରେ ବସିଗଲା। ଅଜଗର ତାକୁ ପକେଇଦେବା ଲାଗି ଦଉଡ଼ିବାରେ ଲାଗିଲା, ଦେହକୁ ହଲାଇବାରେ

ମଣିଷର ପ୍ରଥମ ଡଙ୍ଗା, ଗୋଟିଏ ହାଲୁକା କାଠଗଣ୍ଡି ।

Digitized by srujanika@gmail.com

ଲାଗିଲା । ହେଲେ ମାଙ୍କଡ଼ ଜମା ଡରୁ ନଥାଏ । ଓଲଟି ତା’ ପିଠିରେ ବସି ହସୁଥାଏ । ଅନ୍ୟ ମାଙ୍କଡ଼ଙ୍କର ଏତେ ସାହସ ହେଉ ନଥାଏ ତା’ପାଖକୁ ଯିବାକୁ, ଏକଥା ଦେଖି ମଣିଷମାନେ ତାଳିମାରି ମଜା ଦେଖୁଥାନ୍ତି । ଏମିତିକି ସେଦିନ ତ ଲୋକମାନେ ସେ ମାଙ୍କଡ଼କୁ ସାବାସ୍, ବାହାଦୁର ମାଙ୍କଡ଼ ବୋଲି ବି କହିଲେ ।



(୧୨)
ମୁନି ମାଙ୍କଡ଼ ପାଳିଲା

ମୁନା ମୁନି ସେତେବେଳେ ଗୋଟିଏ ପାହାଡ଼ ଗୁମ୍ଫାରେ ରହୁଥିଲେ । ସେଇ ଗୁମ୍ଫା ପାଖରୁ ଅନେଇଲେ କେତେଦୂର ପର୍ଯ୍ୟନ୍ତ ଦେଖା ଯାଉଥିଲା । ଦିନେ ବୁଢ଼ୀମାଆ ଗପ କହୁଥିଲା, ବାଘଟିଏ ଜଙ୍ଗଲରେ ଚାଲିଥାଏ, ଆଉ ତା’ ଆଗେ ଆଗେ ଚାଲିଥାଏ ମାଙ୍କଡ଼ । ବୁଢ଼ୀମାଆ କହୁଥିଲା- ବାଘ ଫଳ ଖାଏ ନାହିଁ, ଆଉ ମାଙ୍କଡ଼ ବି ମାଂସ ଖାଏ ନାହିଁ । ହେଲେ ବାଘ ତ ମାଙ୍କଡ଼ ମାଂସ ଖାଇପାରିବ ! ମାଙ୍କଡ଼ ଚାଲୁ ଚାଲୁ ରହିଯାଇ କ’ଣ ଇଶାରା କଲା କେଜାଣି ବାଘଟା ଠିଆ ହୋଇଗଲା । ମାଙ୍କଡ଼ କୁଦାଟାଏ ମାରି ଗଛ ଉପରକୁ ଚଢ଼ିଗଲା । ସେଇ ପାଖରେ ଛୋଟ ଝରଣାଟିଏ ବହି ଯାଉଥିଲା । ସେଇଠି ତିନି ଚାରିଟା ଜଙ୍ଗଲି ଗାଈ ଚରୁଥିଲେ । ସେତେବେଳେ ସବୁ ଗାଈ ଜଙ୍ଗଲରେ ହିଁ ରହୁଥିଲେ । ମାଙ୍କଡ଼ଟା ଜୋର୍‌ରେ ଚିଲେଇଲା- ପୂ..ଉ...ଉ..! ବାଘ ଗୋଟିଏ ଡିଆଁରେ ଆସି ଗଛତଳେ ପହଞ୍ଚିଗଲା । ଆଉ ଗୋଟିଏ ଡିଆଁରେ ଗୋଟିଏ ଗାଈ ଉପରେ ପଡ଼ି ତା’ ବେକରେ ଦାନ୍ତ ଆଉ ପଞ୍ଝା ଲଗେଇଦେଲା । ଗାଈଟା ବାଁ କରି ତଳେ ପଡ଼ିଗଲା । ଆଉ ଗାଈସବୁ ଦୌଡ଼ି ପଳେଇଲେ । ବାଘ ଗାଈଟାର ବେକ କାମୁଡ଼ି ତା’ ରକ୍ତ ପିଇଲା ଆଉ କାଟି କାଟି ମାଂସତକ ଖାଇଲା । ମୁନା ମୁନିଙ୍କୁ ମାଙ୍କଡ଼ର ଏ ହରକତ ଭଲ ଲାଗିଲାନି । କଣା ଗଧିଆ ଯଦି ଏକାମ କରିଥାନ୍ତା ତ ଅଲଗା କଥା ଥିଲା, ଏପରି

Digitized by srujanika@gmail.com

କାମ କରି ବାଘର ଅଇଁଠା ମାଂସ ତାକୁ ମିଳିଯାଇଥାନ୍ତା, ହେଲେ ମାଙ୍କଡ଼ଟା କାହିଁକି ଗାଈକୁ ମରାଇଲା ? ମୁନି ଭାବି ଭାବି କହିଲା,- "ମାଙ୍କଡ଼ ବୋଧେ ଭାବୁଥିଲା ସିଏ ବାଘର ସାଙ୍ଗ । ତେଣୁ ସିଏ ବି ବାହାଦୂର, ହେଲେ ବାଘକୁ ଯେଉଁଦିନ ଶିକାର ମିଳିବ ନାହିଁ ସିଏ ଯେ ମାଙ୍କଡ଼କୁ ସେଦିନ ଛାଡ଼ିବ ନାହିଁ ଦିନେ ନା ଦିନେ ମାଙ୍କଡ଼ ଏକଥା ଜାଣିବ ।" ସେଇଦିନୁ ମାଙ୍କଡ଼ ଦେଖିଲେ ମୁନି ତାକୁ ଗାଳିଦିଏ, ପଥର ମାରେ । ହେଲେ କେହି କେହି ଏକଥା ମାନନ୍ତି ନାହିଁ । କହନ୍ତି ଏମିତି ହୋଇ ନଥିବ । କିଏ ମିଛରେ ଫାନ୍ଦି କଥାଟା କହିଛି । ବୁଢ଼ୀମାଆକୁ ପିଲାମାନେ ସବୁବେଳେ କାହାଣି କହିବା ପାଇଁ ବ୍ୟସ୍ତ କରିଥାନ୍ତି ତ, ବିଚାରି ସବୁଦିନ ନୂଆ ନୂଆ କାହାଣି କୋଉଠୁ ଆଣି କହିବ ! ବେଳେବେଳେ ଏମିତି କାହାଣି ଫାନ୍ଦି କହି ଦେଇଥାଏ । ଛୁଆ କ'ଣ ବୁଝିବେ ?

ବହୁତଦିନ ଆଗରୁ ଦିନେ ମୁନା ମୁନି ଜଙ୍ଗଲରେ ବୁଲୁ ବୁଲୁ ତଳେ ପଡ଼ିଥିବା ମାଙ୍କଡ଼ ଛୁଆଟାଏ ପାଇଲେ । ସେଇ ଜଙ୍ଗଲରେ ଦଳେ ହାତୀ ରହୁଥିଲେ । ସେଇ ହାତୀଦଳର ରଜା ହାତୀଟା ଗୋଟିଏ ମସ୍ତବଡ଼ ପାହାଡ଼ ଭଳି ଦେଖା ଯାଉଥିଲା । ସେ ଦଳରେ ଆଉ ଗୋଟାଏ ହାତୀ ଯେତେବେଳେ ବଳୁଆ ଯୁଆନ ହୋଇଗଲା ତ ରଜାହାତୀ ତାକୁ ଦଳରୁ ତଡ଼ିବାକୁ ମାରି ଗୋଡ଼ାଇଲା । ହେଲେ ଯୁଆନ ହାତୀଟା ବି ଛାଡ଼ିଲା ନାହିଁ । ଲାଗିଗଲା ଘମାଘୋଟ ଲଢ଼େଇ । ଶୁଣ୍ଢରେ ଶୁଣ୍ଢ ଲଗେଇ ଦି'ଟାଯାକ ହାତୀ ମାତିଗଲେ ଯୁଦ୍ଧରେ । ଦାନ୍ତରେ ଦାନ୍ତ ବି ରଗଡ଼ୁଥାନ୍ତି । ଗୋଟାକର ଅଧାଦାନ୍ତ ତ ଏଇ ଲଢ଼େଇରେ ଭାଙ୍ଗିଗଲା । ଦି'ଜଣଯାକ ଲହୁଲୁହାଣ ହୋଇଗଲେ । ଶେଷରେ ରଜାହାତୀଟା ହାରିଯାଇ ଦଳ ଛାଡ଼ି ଦୌଡ଼ି ପଳାଇଲା । ନୂଆ ଯୁଆନ ହାତୀଟା ଦଳର ରଜା ହେଲା । ବାବାରେ ! ଦି'ଟା ପାହାଡ଼ ଭଳି ହାତୀ ଯେତେବେଳେ ଲଢ଼ୁଥାନ୍ତି, ଜଙ୍ଗଲଟା ତ ଖାଲି ଉଠୁଥାଏ ଆଉ ପଡ଼ୁଥାଏ । ସେତିକିବେଳେ ଡରରେ ଗୋଟିଏ ମା'ମାଙ୍କଡ଼ କୋଳରୁ କୁନି ଛୁଆଟା ତଳେ ଖସିପଡ଼ିଲା । ମାଆଟାର ତ ସାହସ ହେଲାନାହିଁ ଯେ ଛୁଆଟାକୁ ଟେକି ଉଠାଇନେବ । ଅନ୍ୟ ସବୁ ମାଙ୍କଡ଼ଙ୍କ ସାଥିରେ ସିଏ ବି ଜଙ୍ଗଲ ଛାଡ଼ି ପଳେଇଲା ।

Digitized by srujanika@gmail.com

ଯୁଦ୍ଧ ପରେ ହାତୀଦଳ ସେଠାରୁ ଚାଲିଗଲେ । ଏକୁଟିଆ ମାଙ୍କଡ଼ ଛୁଆଟା ସେଠି ପୋଁ-ପୋଁ କରି ଥକିଗଲା । ପ୍ରଥମେ ମୁନି ତ ମାଙ୍କଡ଼ ଛୁଆଟାକୁ ଦେଖି ମାରିବାକୁ ପଥର ବି ଉଠେଇଲା । ହେଲେ ଏକୁଟିଆ ଛୁଆଟାକୁ ଦେଖି ତା' ମନରେ ଦୟା ଆସିଲା । ତା'ପାଖକୁ ଗଲାରୁ ଛୁଆଟା ତ ଡରିଯାଇ ଥରିବାରେ ଲାଗିଲା । ମୁନି ତାକୁ ହାତରେ ଉଠାଇ ଆଣିଲା । ତା'ମୁହଁରେ ଆଙ୍ଗୁଠିଟା ଲଗେଇ ଦେଲାରୁ ଛୁଆଟା ଚୁଚୁମିବାରେ ଲାଗିଗଲା । ଅତି ଛୋଟ ଛୁଆଟା ତ ! ଭାବୁଥାଏ ଦୁଧ ପିଉଛି । ବିଚରା ବହୁତ ଭୋକିଲା ଥିଲା । ମୁନି ତାକୁ ଫଳ ଚିପୁଡ଼ି ରସ ପିଇବାକୁ ଦେଲାରୁ ମାଙ୍କଡ଼ ଛୁଆଟା ଜଲଦି ଜଲଦି ପିଇଗଲା । ଧୀରେ ଧୀରେ ଛୁଆଟା ଚେଙ୍ଗା ହେଇଗଲା । ମାଙ୍କଡ଼ ଛୁଆଟା ଭାରି ଚାଲାଖ ଥିଲା । ଖେଳିବାରେ ତ ଓସ୍ତାଦ । ତା'ସାଙ୍ଗରେ ପଡ଼ି ମଣିଷଛୁଆ ବି ଭାରି ମଜାରେ ଖେଳୁଥାନ୍ତି । କେତେବେଳେ ଛୁଆଟା ମୁନା-ମୁନିଙ୍କ କାନ୍ଧରେ ଚଢ଼ି ଯାଉଥିଲା ତ କେତେବେଳେ ପିଠିରେ । ଗଛରେ ପାଚିଲାଫଳ ଦେଖିଲା ତ କୁଦାମାରି ଯାଇ ଗଛ ଉପରେ ବସି ଡାଳକୁ ଏତେ ଜୋର୍‌ରେ ହଲାଇବ ଯେ ଦୁଲ୍ ଦାଲ୍ ହୋଇ ଫଳସବୁ ତଳେ ଗଦା ହୋଇଯିବ । ମୁନା ତ ଖୁସିରେ କହି ପକାଏ, "ଇଏ ଆମ ପାଇଁ ଫଳ ଶିକାର କରୁଛି, ଯେମିତି କୁକୁର ଜାନୁଆରଙ୍କ ଶିକାର କରିଥାଏ ।"

(୧୩)

ଶୀତକାଳରେ ବିଦେଶୀ ପକ୍ଷୀ ଶିକାର

କେତେ ହଜାର ବର୍ଷ ତଳର କଥା । ଏବେକାର ମୁନି ବଡ଼ ଆଉ ମୁନା ଛୋଟ । ମୁନା ଛଅ କି ସାତ ବରଷର ହେଲେ କ'ଣ ହେବ, ଭାରି ଚାଲାଖ, ହୁସିଆର ଥିଲା । ଏବେ ପଥର ହତିଆରକୁ ମଣିଷ

Digitized by srujanika@gmail.com

ଘସିଘସି ପୂରା ଚକମକିଆ ଧାରୁଆ କରି ସାରିଲାଣି । ସେ କ'ଣ ଏମିତି ସେମିତି ପଥର କି! ସବୁଠୁ ବଢ଼ିଆ ଚକମଲ ପଥରରୁ ଛୁରି, କୁରାଢ଼ି ଆଦି ତିଆରି କରୁଥିଲା । କୁରାଢ଼ିରେ କାଠ କାଟୁଥିଲା । ଧାର କମିଗଲେ ଟାଣ ପଥରରେ ଘସି ଘସି ପୁଣି ଧାରୁଆ କରି ଦେଉଥିଲା । ଗୁମ୍ଫା ପାଖରେ ରଖିଥାଏ ସେଇ ଟାଣୁଆ ପଥର । ମୁନି ବି ସେଇ ଟାଣୁଆ ପଥର ଯୋଉଠୁ ପାଉଥିଲା ଉଠେଇ ଆଣୁଥିଲା । ବେଳେ ବେଳେ ଭାଇ ଭଉଣୀ ଦୁଇଜଣଯାକ ଲଢ଼େଇ କରୁଥିଲେ । ହେଲେ ଖାଇବାବେଳେ ଆପଣା ଆପଣା ଭିତରେ ଭାଗବାଣ୍ଟ କରି ଖାଇବା ଦରବ ଖାଉଥିଲେ । ସେମାନେ ବି ପଥରକୁ ଘସି ଘସି ନିଜ ପାଇଁ ଛୁରି ତିଆରି କରି ପାରୁଥିଲେ । ସେଇ ଛୁରିରେ ଛୋଟ ଛୋଟ କାଠ, ଲାଠି ଇତ୍ୟାଦି କାଟୁଥିଲେ । ପାହାଡ଼ ତଳେ ବଡ଼ ହ୍ରଦଟାଏ ଥିଲା । ବହୁତ ମାଛ ସେଥିରେ ଥିଲେ । ଅନ୍ୟ ଲୋକଙ୍କ ସାଥିରେ ମୁନା ମୁନିଙ୍କ ବାପା ମାଆ ବି ସେଠିକି ମାଛ ମାରିବାକୁ ଯାଉଥିଲେ । ଜାଲ ବୁଣିବା ଲୋକଙ୍କୁ ଜଣା ନଥିଲା । ସେଇ ମୁନିଆ ପଥର ହତିଆର ଆଉ ଜାନୁଆରଙ୍କ ମୁନିଆ ଶିଙ୍ଗ ତିଆରି ବର୍ଚ୍ଛା ସାହାଯ୍ୟରେ ଲକ୍ଷ୍ୟ କରି ବଡ଼ ବଡ଼ ମାଛଙ୍କୁ ମାରି ପକାଉଥିଲେ । ହେଲେ ସେତେବେଳକୁ ଲୋକେ ଡଙ୍ଗା ତିଆରି କରିବା ଜାଣିଗଲେଣି । କେମିତି ତଆରି କରୁଥିଲେ ଜାଣିଛ ? ପ୍ରଥମେ ପଥର ହତିଆରରେ ହାଲୁକା କାଠଗଛ ସବୁ କାଟି ତଳେ ପକାଇ ଦେଉଥିଲେ । ଗଛ ଶୁଖିଯିବା ପରେ ସେଥିରେ ନିଆଁ ଲଗାଇ ଦେଉଥିଲେ । ଯେତେବେଳେ କାଠଗଣ୍ଡି ତିନି ଭାଗରୁ ଭାଗେ ଜଳି ଯାଉଥିଲା, ସେତେବେଳେ ନିଆଁ ଲିଭାଇ ଦେଉଥିଲେ ଆଉ ପଥର ହତିଆର ସାହାଯ୍ୟରେ ଖୋଳି ଖୋଳି ସେଇ ପୋଡ଼ା କାଠ କୋଇଲା କାଢ଼ି ଦେଉଥିଲେ ଆଉ ତା ତଳକୁ କିଛି କାଠ ଖୋଳି କାଢ଼ି ଦେଲାପରେ ତ ନାଆ (ଡଙ୍ଗା) ତିଆରି ହୋଇଯାଉଥିଲା । ସେଇ ନାଆରେ ବସି ଲୋକେ ମାଛ, ପକ୍ଷୀ ଶିକାର କରୁଥିଲେ । ଶୀତକାଳରେ ତ ମାଛୁରିଆର ଆହୁରି ଆଗକୁ ଉତ୍ତରରୁ କେତେ ନା କେତେ ଚଢ଼େଇ ଉଡ଼ିଆସି ହ୍ରଦ ପାଣିରେ ବସା କରି ରହୁଥିଲେ ।

Digitized by srujanika@gmail.com

ମଣିଷ ଡଙ୍ଗା ତିଆରି ଶିଖିଗଲା

ପୂରା ଶୀତକାଳଟା ସେଠି ରହୁଥିଲେ । କାରଣ ସେଆଡ଼େ ତ ଥଣ୍ଡାଦିନେ ପୂରା କେତେ ନା କେତେ ବରଫ ପଡ଼ି ଯାଉଥିଲା । ଖାଇବା ଚିଜ ସବୁ ବରଫ ତଳେ ପୋତି ହୋଇ ଯାଉଥିଲା। ବିଚରା ଚେଢ଼ଇମାନେ ଖାଇବେ କ'ଣ ? ସେଥିପାଇଁ ଆପଣା ଡେଣା ଜାହାଜରେ ବସି ତିବ୍‌ବତ ବାଟହୋଇ ଏଆଡ଼େ ଚାଲି ଆସୁଥିଲେ। ଆଉ ଏଠିକାର ମଣିଷମାନେ ଆରାମରେ ଧନୁତୀର ସାହାଯ୍ୟରେ ସେଇ ଚଢ଼େଇମାନଙ୍କୁ ଶିକାର କରି ପକାଉଥିଲେ। ମୁନିର ବାବାତ ଆହୁରି ଗୋଟିଏ ନୂଆ କଥା ଜାଣି ଯାଇଥିଲା।

ମଣିଷ ସେତେବେଳେ ଚିକ୍କଣ ମାଟିକୁ ଚକଟି ସେଥିରେ ବାସନ କୁସନ ତିଆରି କରୁଥିଲା । ଆଉ ସେ ସବୁକୁ ନିଆଁରେ ପୋଡ଼ି ଟାଣ ବି କରି ଜାଣୁଥିଲା। ମାଟି ହାଣ୍ଡିକୁ ନିଆଁରେ ବେଶି ସମୟ ପୋଡ଼ି ପୂରା କଳା କରି ଦେଉଥିଲେ। ଆଗେ ଚମଡ଼ା ମୁଣିରେ ପାଣି ବୋହୁଥିଲେ । ଏବେ ମାଟି ହାଣ୍ଡରେ ପାଣି ବୋହିଲେ। ମୁନିର ବାବା ମାଟିର ସେଇ ହାଣ୍ଡିରୁ ଗୋଟିଏ ମୁଣ୍ଡ ଉପରେ ଘୋଡ଼େଇ ରଖୁଥିଲା । ଆଖିରେ ଦେଖିବା ପାଇଁ ସେଇ ହାଣ୍ଡିରେ ଆଖି ସାମ୍ନାରେ ଦୁଇଟା କଣା କରି ଦେଉଥିଲା। ସେଇ ହାଣ୍ଡି ମୁଣ୍ଡରେ ଦେଇ ରାତି ଅନ୍ଧାରରେ ହ୍ରଦ ଭିତରେ ପାଣିରେ

Digitized by srujanika@gmail.com

ମଣିଷ ପଥରରେ ହତିଆର ଗଢ଼ିବାର ଚିତ୍ର

ବୁଡ଼ି ଏପାଖ ସେ ପାଖ ପହଁରୁଥିଲା । ଚଢ଼େଇମାନେ ବୁଝୁଥିଲେ ପାଣି ଉପରେ ଏମିତି ହାଣ୍ଡିଟାଏ ଭାସୁଛି । ସିଏ ଡରି ନଯାଇ ସେମିତି ହାଣ୍ଡି ପାଖରେ ବସି ରହୁଥିଲେ । ମୁନି ବାବା ସେ ଚଢ଼େଇଙ୍କ ଗୋଡ଼ ଧରି ଏକାଥରେ ପାଣିରେ ବୁଡ଼େଇ ଦେଉଥିଲା । ବିଚରା ଚଢ଼େଇ ଡେଣା ବି ଫଡ଼ ଫଡ଼ କରି ପାରୁନଥିଲା କି ଅନ୍ୟ ଚଢ଼େଇ କିଛି ଜାଣି ପାରନ୍ତେ । ପାଣି ଭିତରେ ସିଏ ଅଣନିଶ୍ୱାସୀ ହୋଇ ମରି ଯାଉଥିଲା । କମରରେ ବାନ୍ଧି ଥିବା ରସିରେ ମଲା ଚଢ଼େଇକି ବାନ୍ଧିଦେଲା ପରେ ପୁଣି ହାଣ୍ଡିଟା ପାଣିରେ ଏଠୁ ସେଠିକି ଭାସି ଯାଉଥିଲା । ଏମିତି କରି ରାତି ଭିତରେ କେତେ ନା କେତେ ଚଢ଼େଇଙ୍କୁ ମାରି ସକାଳୁ ସକାଳୁ ମୁନିର ବାବା ହ୍ରଦ ପାଣିରୁ ବାହାରୁଥିଲା । କେତେ ଚାଲାଖ କହିଲ ! ଥଣ୍ଡାଦିନରେ ପାଣିରେ ପଶିଲେ ଥଣ୍ଡା

Digitized by srujanika@gmail.com

ଲାଗୁଥିଲା ହେଲେ ଅନ୍ୟ ଦିନରେ ନାହିଁ । ସେତେବେଳେ ମଣିଷ ସୂତା କପଡ଼ା ତିଆରି କରି ଜାଣି ନଥିଲା । ପିନ୍ଧୁଥିଲା ସେଇ ମେଣ୍ଢାଛାଲ ନହେଲେ ଭାଲୁଛାଲ । ହାଣ୍ଡି ତିଆରି କରିବା ପୂର୍ବରୁ ମଣିଷ ମାଂସକୁ ପୋଡ଼ି ଖାଉଥିଲା । ଏବେ ପୋଡ଼ି ଖାଇବା ସହିତ ମାଟି ହାଣ୍ଡିରେ ସିଝେଇ ଖାଇବା ବି ଶିଖି ଯାଇଥିଲା । ହେଲେ ବୁଢ଼ୀମାଆକୁ ଏମିତି ଖାଇବା ପସନ୍ଦ ନଥିଲା । ସେ ସେଇ କଞ୍ଚା ମାଂସ ଖାଉଥିଲା । ଏବେ ମୁନିର ମାଆ ଆଉ ବେଶି ସମୟ ଶିକାର କରିବାକୁ ଯାଉ ନଥିଲା ।

(୧୪)
ମଣିଷ ଗୁମ୍ଫା କାନ୍ଥରେ ଚିତ୍ର ଆଙ୍କିଲା



ଥରେ ମୁନା ଗୋଟିଏ ବିଚିତ୍ର କାଣ୍ଡ କରି ବସିଲା । ପାହାଡ଼ରେ ନାନା ରଙ୍ଗର ମାଟି ମିଳିଥାଏ । ସଫେଦ, ଲାଲ୍, ହଳଦିଆ ଏମିତି । ଦିନେ ମୁନା ଦେଖିଲା ମାଆ, ବାବା, ମାଉସୀ, ମଉସା ସମସ୍ତେ ପୂଜା ପାଇଁ ଗୁମ୍ଫାରେ ଚିତ୍ର ଆଙ୍କୁଛନ୍ତି । ସେ ସମୟରେ ମଣିଷ ଭୂତ, ପ୍ରେତ, ପିଶାଚଙ୍କୁ ବହୁତ ଭୟ କରୁଥିଲା । ଦେବତାଙ୍କୁ ବି ଭାରି ମାନୁଥିଲା । ତେଣୁ ଦେବତା ଆଉ ଭୂତ ପ୍ରେତଙ୍କୁ ଶାନ୍ତି କରିବା ଲାଗି ନାନା ପ୍ରକାର ପୂଜା କରୁଥିଲା । ସତରେ କ'ଣ ଭୂତ ପ୍ରେତ ଥିଲେ ନା ଦେବତା ମଣିଷର କଥା ମାନୁଥିଲେ ! ହେଲେ ମଣିଷର ବୁଦ୍ଧି ସେତେବେଳେ ଆଉ କେତେ ଥିଲା କି ? ଲୁହା, ତମ୍ବା ଆଦି ସବୁ ଧାତୁ ଧରତୀ ମାଆ ପାଖରେ ଥିଲା, ହେଲେ ମଣିଷର ଏତେ ବୁଦ୍ଧି କେଉଁଠି ଥିଲା ଯେ କାଠ କୋଇଲା ଜଳେଇ ତାକୁ ପୋଡ଼ି ଧାତୁକୁ ଅଲଗା କରିପାରନ୍ତା ? ହଁ ମୁନା କ'ଣ କଲା ନା ରଙ୍ଗ ବେରଙ୍ଗ ମାଟିକୁ ପାଣିରେ ଗୋଳାଇ ରଙ୍ଗ ତିଆରି କଲା । ଖଣ୍ଡେ କାଠି କାଟି ଛୋଟ ତୂଳୀ କଲମଟିଏ ତିଆରି କଲା । ତା'ପରେ ସେଇ ରଙ୍ଗ ଆଉ

Digitized by srujanika@gmail.com

ତୂଳୀକୁ ନେଇ ଗୁମ୍ଫାର ଗୋଟିଏ କୋଣରେ, କାନ୍ଥରେ ଚିତ୍ର ଆଙ୍କିବାରେ ଲାଗିଗଲା। ପ୍ରଥମେ ବାଘ, ସିଂହ, ମାଙ୍କଡ଼ଙ୍କ ଚିତ୍ର ଆଙ୍କିଲା । ମାଙ୍କଡ଼ ଗଛରେ ବସିଛି ଆଉ ବାଘ ତଳେ ଜଙ୍ଗଲରେ ଅଛି । ମାଙ୍କଡ଼ ହାତ ବଢ଼େଇ ଗାଈ ଆଡ଼କୁ ଈଶାରା କରୁଛି । ମୁନା ଦଳେ ଘୁଷୁରିଙ୍କ ଚିତ୍ର ଆଙ୍କିଲା ଆଉ ନିଜ ଭଳି ମଣିଷ ଚିତ୍ର ବି ଆଙ୍କିଲା । ମଣିଷଙ୍କ ମୁଣ୍ଡରେ ଲମ୍ବା ଲମ୍ବା ଚୂଳ ଆଙ୍କିଲା । ହେଲେ ମୁହଁରେ ନିଶ ଦାଢ଼ି କମ୍ ଥାଏ । ଲେପ୍‌ଚା ଲୋକଙ୍କର ମୁହଁରେ ନିଶ ଦାଢ଼ି କାହିଁ ଯେ! ପୁଣି ମୁନା ଦି'ଟା ହାତୀଙ୍କ ଭିତରେ ଲଢ଼େଇର ଚିତ୍ର ବି ଆଙ୍କିଲା । କେତେଦିନ ଧରି ମୁନା ଏଇ ଚିତ୍ର ଆଙ୍କି ଚାଲିଥାଏ ଯେ ଖେଳିବା କଥା ବି ଭୁଲିଗଲା। ସିଏ ତ ଗୁମ୍ଫାର ପୂରା ଭିତରେ କଣରେ ବସି ଚିତ୍ର ଆଙ୍କୁଥାଏ, ସାତ ଆଠ ଦିନ ଧରି । ତା'ର ଜଣେ ସାଙ୍ଗ ଦିନସାରା ମୁନା ଗୁମ୍ଫା ଭିତରେ କ'ଣ କରୁଛି ଦେଖିବା ପାଇଁ ଦିନେ ତା ପଛେ ପଛେ ଗଲା । ଆଉ ମୁନାର ଚିତ୍ର ଆଙ୍କିବା ଦେଖିଦେଲା । ସେ ପଦାକୁ ଆସି ସମସ୍ତଙ୍କ ପାଖରେ ଏକଥା ଚୁଗୁଲି କରିଦେଲା। ତା' କଥା ଶୁଣି ମଉସା ଯାଇ ମୁନାର ଚିତ୍ର ଆଙ୍କିବା ଦେଖିଲେ। ମୁନା ବାବା ଆଉ ମଉସାଙ୍କ ଠାରୁ ବି ଭଲ ଚିତ୍ର ଆଙ୍କି ଥିଲା। ଆଉ ସେତେ ବେଳେ ତାକୁ ମୋଟେ ସାତ ବରଷ ହୋଇ ଥିଲା ।

ମଣିଷ ଗୁମ୍ଫା କାନ୍ଥରେ ଶିକାର ଦୃଶ୍ୟର ଚିତ୍ରଣ

Digitized by srujanika@gmail.com

ସବୁ ଲୋକ ଜାଣିଗଲେ । ସମସ୍ତେ ମୁନାର ଚିତ୍ର ଆଙ୍କିବା ଦେଖିଲେ । ମୁନା ମରଦ ଲୋକଙ୍କର ଲଙ୍ଗଳା ଚିତ୍ର ଆଙ୍କିଥାଏ, ଯେମିତି ଗରମଦିନେ ଲୋକ ରହୁଥିଲେ । ଚିତ୍ର ଆଙ୍କିବାରେ ମୁନା ପ୍ରଥମ ନଥିଲା । ହେଲେ ସମସ୍ତେ ଆସି ତା'ର ଏତେ ଚିତ୍ରର ପ୍ରଦର୍ଶନୀ ବୋଧେ ପ୍ରଥମ କରି ଦେଖିଲେ । ଅନ୍ୟ ଗାଁର ଭାଇ ବନ୍ଧୁ ବି ଏକଥା ଶୁଣି ତା'ଚିତ୍ର ଦେଖିବାକୁ ଆସିଲେ । ଆଉ ମୁନା ପିଠି ଥାପୁଥାଇ 'ଚିତ୍ରକାର ମୁନା' ବୋଲି ତା' ନାଁ ଦେଲେ ଆଉ ସମସ୍ତେ ସେଇ ନାଁରେ ତାକୁ ଡାକିଲେ ବି । ଚିତ୍ରସବୁ ଏତେ ଜୀବନ୍ତ ଥିଲା କି ସତ ଭଳିଆ ଲାଗୁଥିଲା ।

ବଡ଼ ଲୋକମାନେ ଆଙ୍କିଥିବା ଚିତ୍ର ଦେଖି ଦେଖି ମୁନା ତା' ଚିତ୍ରରେ ଆଖି, କାନ, ନାକ ଆଙ୍କିଥିଲା । ମୁନାକୁ ଏଇ ଚିତ୍ର ଆଙ୍କିବା କାମ ଏତେ ଭଲ ଲାଗୁଥିଲା ଯେ ସେ ଆଉ ସବୁ କାମ ଭୁଲି ଯାଉଥିଲା । କେତେ ବରଷ ଧରି ଖାଲି ସିଏ ଏଇ ଚିତ୍ର ଆଙ୍କି ଆଙ୍କି କେତେ କେତେ ଗୁମ୍ଫାର କାନ୍ଥ ଭରିଦେଲା । ହଜାର ହଜାର ବର୍ଷ ପରେ କେତେ ନା କେତେ ଚିତ୍ର ତ ପାଣି ବର୍ଷାରେ ଲିଭି ଯାଇଛି, ହେଲେ ଆଉ କେତେକ ଗୁମ୍ଫାର ଅତି ଭିତରେ ଥିବା ଚିତ୍ର ଝାପ୍‌ସା ହୋଇଯାଇଛି ସିନା ପୂରା ଲିଭି ନାହିଁ । ଜଣା ପଡୁଛି । ଆଜି ବି ୟୁରୋପ ଆଉ ଭାରତରେ ଏମିତି କେତେ କେତେ ଗୁମ୍ଫା ଚିତ୍ର ଦେଖିବାକୁ ମିଳୁଛି ।

(୧୫)

ମଣିଷକୁ ତମ୍ବା ମିଳିଗଲା

ପଥର ହତିଆରରେ ଆଦିମ ମଣିଷ ପ୍ରାୟ ପାଞ୍ଚ ଲକ୍ଷ ବର୍ଷ କାମ ଚଳାଇଥିଲା । ହେଲେ ସେଇ କାହାଣି ଶୁଣି ଶୁଣି ଆମ ଏବର ମୁନା ମୁନି ମାନଙ୍କୁ ଚିଡ଼ା ମାଡ଼ିଲାଣି, ତେଣୁ ଏଥରକ କାହାଣିର ମୁନା ମୁନି ତାମ୍ର ଯୁଗର କଥା କହିବେ । ଥରେ ପାହାଡ଼ରେ ବୁଲୁ ବୁଲୁ ମୁନିର

Digitized by srujanika@gmail.com

ବାବାକୁ ଏମିତି ଖଣ୍ଡେ ତମ୍ବା ଟୁକୁରା ମିଳିଗଲା । ତମ୍ବା ଖଣ୍ଡକ ତେଜ ଧାରୁଆ ଥିଲା । ସବୁ ଧାରୁଆ ଚିଜକୁ ତ ମଣିଷ ତା ଶିକାର କାମରେ ବ୍ୟବହାର କରୁଥିଲା । ଆଉ ପଥର ହତିଆର ଧାର ତ ଖୁବ୍ ଶୀଘ୍ର ମୁଣ୍ଡା ହୋଇ ଯାଉଥିଲା । ଏଥର ତମ୍ବା ଖଣ୍ଡକର ଧାର ବହୁତ ଦିନତକ ତେଜ ରହିଲା । ମୁନିର ବାବା ଆଚମ୍ବିତ ହୋଇଗଲା ! ଆଉ ମନେ ମନେ ଭାବିଲା ଏଇମିତି ଧାରୁଆ ଚିଜ ଆହୁରି ମିଳନ୍ତା କି ? ଦିନେ ତାଙ୍କ କୁଡ଼ିଆରେ ନିଆଁ ଲାଗିଗଲା । ଆଉ ଅନ୍ୟସବୁ ଜିନିଷ ସାଙ୍ଗରେ ତମ୍ବା ଟୁକୁଡ଼ା ଖଣ୍ଡକ ପୋଡ଼ି ହୋଇ ଆଉ ପ୍ରକାରେ ହୋଇଗଲା । ମୁନିର ବାବା ଜାଣିଲା ଇଏ ଅଗ୍ନି ଦେବତାର କାମ । ସେଇଠୁ ସିଏ ତାକୁ ଆହୁରି ଜଳାଇ ପୂରା ତରଳେଇ ଦେଲା । ତାପରେ ସିଏ ତମ୍ବା ରଙ୍ଗର ଯେଉଁ ସବୁ ଭାରି ପଥର ଦେଖିଲା ତାକୁ ଆଣି ନିଆଁରେ ପୋଡ଼ିଲା ଆଉ ସେଥିରୁ ତମ୍ବା ବାହାର କଲା । ବାସ୍ ଏଥର ମଣିଷ ଖୋଜି ଖୋଜି ତମ୍ବା ପଥରରୁ ତମ୍ବା ବାହାର କରି କାମରେ ଲଗାଇଲା । ଏମିତି ଏମିତି ଲୁହା ପଥର ବି ମଣିଷ ହାତକୁ ଆସିଗଲା । ହେଲେ ଲୁହାପଥର ତରଳେଇ ଲୁହା ବାହାର କରିବାକୁ ଆହୁରି ଅଧିକା ତେଜ ଆଞ୍ଚ ଦରକାର । ତେଣୁ ଲୁହା ପାଇବାକୁ ମଣିଷକୁ ଆହୁରି ଦି-ଅଢ଼େଇ ହଜାର ବର୍ଷ ଲାଗିଗଲା । ମଣିଷ ତମ୍ବାର ବ୍ୟବହାର କଲାବେଳକୁ ଅର୍ଥାତ୍ ଯାହାକୁ ଏବେ ଆମେ ତମ୍ବା ଯୁଗ ବା ତାମ୍ରଯୁଗ ବୋଲି କହୁଛୁ, ମାଟିରେ ଖୁବ୍ ସୁନ୍ଦର ସୁନ୍ଦର ବାସନ କୁସନ ଏବଂ ଅନ୍ୟାନ୍ୟ ଚିଜସବୁ ତିଆରି କରି ପାରିଲାଣି । ଏଇ ସବୁ କାମ କରିବା ପାଇଁ ମଣିଷକୁ ଗୋଟିଏ ଜାଗାରେ ଅଧିକ ଦିନ ରହିବାକୁ ପଡୁଥିବାରୁ ସିଏ କ୍ଷେତରେ ଫସଲ ଲଗାଇବା କାମ ବି କଲାଣି । ଗାଈ ଗୋରୁ ପାଳିବା କାମ ବି କଲାଣି । ପ୍ରଥମେ ତ ମାରି ମାଂସ ଖାଇବାକୁ ଗାଈ ପାଳୁଥିଲା, ମାତ୍ର ଏବେ ଦୁଧ ଖାଇବାକୁ ବି ଗାଈ ପାଳିଲା । ହେଲେ ସେତେବେଳକୁ ଚୀନ୍ ଦେଶର ମଣିଷମାନଙ୍କୁ ଜଣା ନଥିଲା କି ଗାଈ ମଇଁଷିଙ୍କ ଦୁଧ ପିଆଯାଇ ପାରେ ବୋଲି । ହୁଏତ ଲେପ୍‌ଚା-ତମଙ୍ଗ ଲୋକମାନଙ୍କ ବାପ ଅଜାଙ୍କୁ ବି ପଶୁ ଦୁଧ ମଣିଷ ପିଇବା କଥା ଜଣାନଥିବ । ପରେ ପରେ ପଶ୍ଚିମରୁ ଯେଉଁ ଲୋକମାନେ ଆସିଲେ ସେମାନେ ଅଧିକ ଦୁଧ ପିଉଥିଲେ ।

Digitized by srujanika@gmail.com

ସ୍ତ୍ରୀ ଲୋକମାନେ ଚମଡ଼ା ସଫା କରୁଥିବାର ଚିତ୍ର

କାହାଣିର ମୁନା ଆଉ ମୁନି ଏବେ ମୋଟା ମୋଟା କପଡ଼ା ପିନ୍ଧିଲେଣି, ତା'ହେଲେ ମଣିଷ କପଡ଼ା ବୁଣିବା ଜାଣିଗଲାଣି । ମୁନା ମୁନିଙ୍କ ବାବା ମାଆ ବି କପଡ଼ା ପିନ୍ଧିଲେଣି, ହେଲେ ସେ କପଡ଼ା ତୁଳାରୁ ତିଆରି ନୁହଁ ମ, ମୋଟା ମୋଟା ଝୋଟ, ଗଛର ବକଳରୁ ତିଆରି। ତା'ସାଙ୍ଗରେ ପଶୁଲୋମ ବା ଉଲ୍‌ରୁ ତିଆରି କପଡ଼ା ବି ସେମାନେ ପିନ୍ଧୁଥିଲେ । ସେତେବେଳେ ଜଙ୍ଗଲରେ ଛେଳି ମେଣ୍ଢା ବୁଲୁଥିଲେ । ମଣିଷ ତାଙ୍କୁ ଧରି ପାଳିବାକୁ ଲାଗିଲା। ଛେଳି ମେଣ୍ଢା କ'ଣ ଜାଣିପାରୁ ଥିଲେ ଯେ, ମଣିଷ ତାଙ୍କୁ ମାରି ଖାଇବ ବୋଲି ପାଳୁଛି ? ଜାଣି ପାରୁଥିଲେ ପଳେଇ ଯାଉ ନଥାନ୍ତେ ! ହେଲେ ମଣିଷ ତ ବେଶି ବୁଦ୍ଧିଆ ନା ! ସେଇଥିପାଇଁ ତ ମାଙ୍କଡ଼ମାନଙ୍କର ଭାଇ ବନ୍ଧୁ ହୋଇଥିଲେ ବି ହାତୀ ଭଳି ପ୍ରାଣୀକୁ ବି ପୋଷା ମନେଇ ପାରୁଛି । ଚିଡ଼ିଆଖାନାରେ ତ ଦେଖିଥିବ, ହାତୀ କିପରି ମଣିଷ କଥା ମାନି ଉଠ୍ ବସ୍ ହୋଇଥାନ୍ତି ! ହଁ ଆଉ ଗୋଟିଏ କଥା ମନେରଖ,

Digitized by srujanika@gmail.com

ପ୍ରଥମେ ବାପା ମାଆ ଦି'ଜଣଯାକ ଶିକାର କରିବାକୁ ଯାଉଥିଲେ । ଆରମ୍ଭ ସମୟରେ ମାଆମାନେ ତ ଘରର ମୁଖିଆ ଥିଲେ। ସମସ୍ତେ ତାଙ୍କ କଥା ମାନୁଥିଲେ । ସେତେବେଳେ ଭାଇଠାରୁ ଭଉଣୀକୁ ଅଧିକ ମାନ୍ୟତା ମିଳୁଥିଲା। ହେଲେ ଯେବେଠାରୁ ତମ୍ବା ହାତକୁ ଆସିଲା ଆଉ ମଣିଷ କ୍ଷେତ କରିବା ଶିଖିଗଲା, ସେଇବେଳରୁ ପୁରୁଷ ଲୋକମାନେ ବାହାର କାମ କଲେ ଆଉ ମାଆ ଭଉଣି ଆଦି ସବୁ ସ୍ତ୍ରୀମାନେ ଘରେ ରହି ଘରକାମ ଦେଖିଲେ, ରନ୍ଧାରନ୍ଧି କାମ କଲେ । ପ୍ରଥମେ ତ ପୁଅ ଝିଅ ଏକାପ୍ରକାରର ଖେଳ ଖେଳୁଥିଲେ । ଅସ୍ତ୍ରଶସ୍ତ୍ର ଚଳେଇବା ଶିଖୁଥିଲେ । ଯେତେବେଳେ ଲଢ଼େଇ ଲାଗି ଯାଉଥିଲା ସ୍ତ୍ରୀମାନଙ୍କୁ ବି ପଥର ହାତ ହତିଆର ନେଇ ଲଢ଼େଇ କରିବାକୁ ଯିବାକୁ ପଡୁଥିଲା । ଧୀରେ ଧୀରେ ସମୟ ବଦଳିବାରେ ଲାଗିଲା। ଆଉ ସ୍ତ୍ରୀ ପୁରୁଷଙ୍କ ଭିତରେ ବଡ଼ ସାନର ଭେଦ ଆସି ପଶିଲା। ସ୍ତ୍ରୀଙ୍କୁ ପୁରୁଷଙ୍କ ଅପେକ୍ଷା ଦୁର୍ବଳ ଆଉ ଛୋଟ ମାନିବା ଆରମ୍ଭ ହୋଇଗଲା। ପୁରୁଷ ହୋଇଗଲା ରୋଜଗାର କଲାବାଲା ଆଉ ସ୍ତ୍ରୀ ଖାଦ୍ୟ ପରଶିଲାବାଲୀ। ଏତେ ବେଳକୁ ଝିଅ ପୁଅଙ୍କ ଖେଳର ରଙ୍ଗ ଢଙ୍ଗ ବି ବଦଳିଗଲା । ମୁନି କଣ୍ଢେଇ ନେଇ ଖେଳିଲା ଆଉ ମୁନା ଧନୁ ତୀର ନେଇ ଖେଳିଲା। ମୁନି ଯେତେବେଳେ କଣ୍ଢେଇ ପାଇଁ ଉଲ୍‌ର ସ୍ୱେଟର ବୁଣୁଥିଲା ମାଆ ମୁନାକୁ ସେ କାମ କରିବାକୁ ଦେଉ ନଥିଲା । ଝିଅ ପୁଅଙ୍କ କାମ ବି ଅଲଗା ଅଲଗା ବାଣ୍ଟି ହୋଇଗଲା। ଏଇଟା ଝିଅଙ୍କ କାମ ଆଉ ସେଇଟା ପୁଅଙ୍କ କାମ ।

(୧୬)

ମଣିଷ ପରିବାର କରି ରହିଲା

ମୁନା ମୁନିଙ୍କ ପାଖରେ ପୋଷା କୁକୁର ବି ଥିଲା । ଏବେ ତ ମଣିଷ ଛେଳି, ମେଣ୍ଢା ପାଳିବା ଶିଖିଲାଣି । ଗାଈ ମଇଁଷି ବି ପାଳିଲାଣି। ଏଇସବୁ ଜାନୁଆର

Digitized by srujanika@gmail.com

ପହିଲେ ପହିଲେ ଜଙ୍ଗଲରେ ବୁଲୁଥିଲେ । ଆଉ ମଣିଷ ତାଙ୍କୁ ଜଙ୍ଗଲରୁ ଧରିଆଣି ନିଜ ପାଖରେ ରଖି ପାଳିଲା । ଜଙ୍ଗଲରେ ଥିବାବେଳେ ସେମାନଙ୍କୁ ବାଘ, ସିଂହ, ଗଧିଆ ମାରି ଖାଉଥିଲେ । ଏବେ ଗାଁରେ ଥିବା ପୋଷା ଜାନୁଆରଙ୍କୁ ଖାଇବାକୁ ବାଘ, ସିଂହ ବେଳେବେଳେ ଗାଁ ପାଖକୁ ଚାଲିଆସନ୍ତି । ହେଲେ ପୋଷା କୁକୁର ତାଙ୍କୁ ଦେଖିବା ମାତ୍ରେ ଏମିତି ଭୋ' ଭୋ' କରେ ଯେ ମଣିଷ ଜାଣିପାରେ ଆଉ ତାଙ୍କୁ ଘଉଡ଼ାଇ ଦିଏ । ପୋଷା ଜାନୁଆରଙ୍କ ଦୁଧ ଖାଇ ମୁନା ମୁନି ବି ଏବେ ବେଶ୍ ତାଗଡ଼ା ହୋଇଗଲେଣି । ଦିନେ ଗାଁ'ର ସବୁପିଲା ମିଶି ହାତରେ ତିଆରି କରି ଥିବା ବଲ୍ ନେଇ ଖେଳୁଥାନ୍ତି । ପୋଷା କୁକୁର ବି ତାଙ୍କ ସାଙ୍ଗରେ ଥାଏ । ଖେଳୁ ଖେଳୁ ବଲ୍‌ଟା ଦୂରକୁ ଚାଲିଗଲାରୁ ମୁନା ତାକୁ ଆଣିବାକୁ ଗଲା । ସେଠି ଯାଇ ଦେଖିଲା ବୁଦାମୂଳରେ କଣା ବିଲୁଆଟା ଛପିକି ବସିଛି । ମୁନା ତାକୁ ଦେଖି ଡରି ନ ଯାଇ ପଚାରିଲା, "ମାଷ୍ଟର ଖବର କ'ଣ ? କେତେବେଳୁ ଆପଣ ଏଠି ବସି ଆମ ଖେଳ ଦେଖୁଛନ୍ତି ?"

(ମଣିଷ ଗୋଟିଏ ପରିବାର କରି ରହିବା ଚିତ୍ର)

Digitized by srujanika@gmail.com

ମୁନାକୁ ଦେଖି ବିଲୁଆଟା ଠିଆ ହୋଇଗଲା । କାରଣ ତାକୁ ଜଣାଥିଲା ଏଥର ମୁନା ତା ପୋଷା କୁକୁରକୁ ଡାକିବ । ତେଣୁ ସେ ସୁନା ପିଲା ପରି ଜଙ୍ଗଲକୁ ଚାଲିଗଲା । ହେଲେ ମୁନା କ'ଣ ଛାଡ଼ିଲା ପିଲା ! ଆଙ୍ଗୁଳି ଦେଖାଇ କୁକୁରକୁ ଇସାରା କରିଦେଲା ବିଲୁଆଆଡ଼େ, ଆଉ କୁକୁର ସେଇଆଡ଼େ ଝପଟିଗଲା । ପିଲାଏ ତାଳିମାରି ପାଟି କରୁଥାନ୍ତି । ଲାଗିଗଲା ଖଣ୍ଡ ଯୁଦ୍ଧ ବିଲୁଆ ଆଉ କୁକୁର ଭିତରେ । ପିଲାଏ ବି ଢେଲା ପଥର ମାରିବାରେ ଲାଗିଗଲେ ବିଲୁଆକୁ, ହେଲେ, କଣା ବିଲୁଆ କ'ଣ ଛାଡୁଛି ? ଏତିକିବେଳକୁ ଗାଁର ଲୋକମାନେ ଆହୁରି କୁକୁରମାନଙ୍କୁ ଧରି ସେଠି ଆସି ପହଞ୍ଚି ଗଲେ, ଆଉ ସବୁ କୁକୁରଯାକ ମିଶି କଣା ବିଲୁଆକୁ କାମୁଡ଼ି ମାରି ପକେଇଲେ । ଲୋକେ ବି ତାଙ୍କ ଠେଙ୍ଗା ବାଡ଼ିରେ ପାହାରେ ପାହାରେ ଦେଲେ । କଣାର କାମ ଖତମ୍ ହୋଇଗଲା ।

ହେଲେ କଣାବିଲୁଆ ସେଠିକି ଆସିଥିଲା କାହିଁକି ଜାଣିଛ ? ମଣିଷର ପୋଷା ଛେଳିଛୁଆର ନରମ ନରମ କଅଁଳିଆ ମାଂସ ଖାଇବ ବୋଲି । ହେଲେ କଥାଟା ପୂରା ଓଲଟା ହୋଇଗଲା । ଏଥର ଭୋଜି କରିବାର ପାଳି । ସେଇଠି ସମସ୍ତେ ମିଶି ନିଆଁ ଜଳେଇଲେ ଆଉ କଣାବିଲୁଆକୁ ନିଆଁରେ ପକେଇ ଦେଲେ । ଏପାଖ ସେପାଖ କରି ଭଲ ଭାବରେ ତାକୁ ପୋଡ଼ି ପକେଇଲା ପରେ କମରରୁ ତମ୍ବା ଛୁରି କାଢ଼ି ଖଣ୍ଡ ଖଣ୍ଡ କରି ମାଂସ କାଟି ପକେଇଲେ । ସବା ଆଗ ସେଥିରୁ ଖଣ୍ଡେ ଖଣ୍ଡେ ଛୁଆଙ୍କୁ ଧରେଇଦେଲେ ଆଉ ବଳକା ମାଂସକୁ ସବୁ ଲୋକ ମିଶି ମହାଆନନ୍ଦରେ ଭୋଜନ କରିବାରେ ଲାଗିଗଲେ । କୁକୁରଙ୍କୁ ବି ଖଣ୍ଡେ ଖଣ୍ଡେ ମାଂସ ମିଳିଲା । ସେତେବେଳେ ମଣିଷ ସବୁ ଜନ୍ତୁ ଜାନୁଆରଙ୍କ ମାଂସ ଖାଉଥିଲା । ଆଜିକାଲି ଯେମିତି ମଣିଷଙ୍କ ନାଁ ପାଖରେ ଜାତିର ନାଁ ବସୁଛି ସେତେବେଳେ ସେମିତି ସବୁ ମଣିଷଙ୍କ ନାଁ ପାଖରେ ଜାନୁଆର ନହେଲେ ଗଛର ନାଁ ଲାଗୁଥିଲା । ଯେଉଁ ମଣିଷ ଜାତି ଯେଉଁ ଜାନୁଆର ଗୋଷ୍ଠୀର ହେଉଥିଲା ସେ ଜାତି କେବଳ ସେଇ ଜାନୁଆରକୁ ଖାଲି ଖାଉ ନଥିଲା । ବିଲୁଆକୁ ଲୋକେ ସିଆଳ କହୁଥିଲେ, ସେଠି ସିଆଳ ଜାତିର କେହି ନଥିଲେ ତେଣୁ କଣାବିଲୁଆକୁ କେହି ଛାଡ଼ିଲେ ନାହିଁ ।

Digitized by srujanika@gmail.com

ଦେଖୁ ଦେଖୁ କଣା ଯାଇ ଲୋକଙ୍କ ପେଟରେ ପଶିଗଲା ।

ସମସ୍ତେ ମିଳିମିଶି କଣାକୁ କେମିତି ମଜା ଚଖେଇଲେ ?

(୧୭)

ମଣିଷ ମାଟି ଆଉ ଧାତୁରେ ଦ୍ରବ୍ୟ ଗଢ଼ି ଶିଖିଲା

ତାହେଲେ ଏବେ ମୁନା ମୁନି ତମ୍ବାଯୁଗ (ତାମ୍ରଯୁଗ) ରେ ଅଛନ୍ତି। ଏହା ପୂର୍ବରୁ ଲକ୍ଷାଧିକ ବର୍ଷ ତ ମଣିଷ ଖାଲି ପଥରର ହତିଆର, ଶିକାର ଆଉ ଜଙ୍ଗଲର ଫଳମୂଳ ଉପରେ ଭରସା କରି କଟେଇଥିଲା । ଏବେ କିନ୍ତୁ ମୁନିର ମାଆ ହାତରେ ମାଟି ଚକଟି ବାସନ କୁସନ ତିଆରି କରୁଥିଲା। ବେଳେ ବେଳେ ମାଆକୁ କାମରେ ସାହାଯ୍ୟ କରିବା ଲାଗି ମୁନି ବି ତା'ପାଖରେ ବସୁଥିଲା । ହେଲେ ତିନି ବରଷର ମୁନି ମାଆକୁ ସାହାଯ୍ୟ କରିବ କ'ଣ ଖାଲି ମାଟିଗୁଡ଼ାକୁ ଖାଇ ଯାଉଥିଲା। ହେଲେ ମାଆ ତାକୁ ଏଥିପାଇଁ କିଛି କହୁ ନଥିଲା। ଆହୁରି ମୁନି ଖେଳିବ ବୋଲି ମାଆ ମାଟିରେ ଗୋଟିଏ ଭାଲୁ ଆଉ ଗୋଟିଏ ମାଙ୍କଡ଼ କଣ୍ଢେଇ ଗଢ଼ି ଦେଲା। ମାଆର ବାସନ ପାଖରେ ମୁନିର ଭାଲୁ ଆଉ ମାଙ୍କଡ଼ ବି ଖରାରେ ଶୁଖିଗଲେ । ଆଉ ମାଆ ବାସନ କୁସନକୁ ଟାଣ କରିବା ପାଇଁ ନିଆଁରେ ପୋଡ଼ିଲାବେଳେ କଣ୍ଢେଇ ଦି'ଟା ବି ପୋଡ଼ି ଲାଲ ହୋଇଗଲେ। ଏଥରକ ମୁନା ମୁନିଠାରୁ ବଡ଼ ଥିଲା ଆଉ ଛୋଟ ଭଉଣୀକୁ ଭାରି ଭଲ ପାଉଥିଲା ଆଉ ତା'ର ଖିଆଲ ବି ରଖୁଥିଲା। ସିଏ କ'ଣ କଲାନା କାଠ କୋଇଲାକୁ ଗୁଣ୍ଡ କରି ସେଥିରେ ଚର୍ବି ଗୋଳାଇ ମୁନିର ଭାଲୁ ଆଉ ମାଙ୍କଡ଼ର ମୁହଁ, ନାକ, କାନ ତିଆରି କରିଦେଲା। ଠିକ୍ ଠିକ୍ ଭାବରେ ରଙ୍ଗ ଦେଇ ଭାଲୁ ଆଉ ମାଙ୍କଡ଼ର ମୁହଁ, ଲାଞ୍ଜ, ପିଠି, ଆଖି, ନାକ, କାନ ସବୁ ବାଗେଇ

Digitized by srujanika@gmail.com

ଦେଲା । ସେତେବେଳେ ଅଲଗା କରି କୁମ୍ଭାର ନଥିଲେ କି କମାର ନଥିଲେ । ନିଜର ସବୁ ଦରକାରି କାମ ମଣିଷ ନିଜେ ନିଜେ କରୁଥିଲା । ସମସ୍ତଙ୍କ ହାତରେ ସବୁ ଜିନିଷ କ'ଣ ବଢ଼ିଆ ହୋଇ ପାରୁଥିଲା ? କେହି ଏକାମ ଭଲ କରୁଥିଲା ତ ଆଉ କେହି ଅନ୍ୟ କାମରେ ପାରୁଆ ଥିଲା । ମୁନି ମାଆ ବଢ଼ିଆ କଣ୍ଢେଇ ତିଆରି କରି ପାରୁଥିଲା । ଦିନେ ତ ମାଆ ମୁନି ପାଇଁ ଝିଅ କଣ୍ଢେଇଟିଏ ବି ଗଢ଼ିଦେଲା । ହେଲେ ସିଏ କ'ଣ ଆଉ ଜାପାନୀ କଣ୍ଢେଇ ପରି ଆଖି ମିଟି ମିଟି କରି ପାରୁଥିଲା ?

ଏବେ ସିନା ଆମେ ଯାନ୍ତ୍ରିକ ଯୁଗରେ ପହଞ୍ଚିଲେଣି, ସେତେବେଳର ଲୋକେ ତ ରେଳ କି ମଟରଗାଡ଼ି କଥା ଭାବି ବି ପାରୁ ନଥିଲେ ।

(ମଣିଷ ହାତରେ ବିନା ଚକରେ ମାଟିର ବାସନ ତିଆରି କରୁଥିଲା)

ସେତେବେଳେ ପାଠ ପଢ଼ିବାକୁ ବହି ଖାତା ନେଇ ମଣିଷ ପିଲା ସ୍କୁଲକୁ ଯାଉନଥିଲା । ସେଇ ଖେଳ ଭିତରେ ସିଏ ଯାହା କିଛି ଶିଖୁଥିଲା । ପ୍ରଥମେ ମଣିଷ

Digitized by srujanika@gmail.com

ଗୀତ ଗାଇ ଶିଖିଲା, ଆଉ ଗାଇ ଗାଇ ଅନେକ ଗୀତ ମନେ ରଖି ପାରୁଥିଲା। ପଥର ଯୁଗର ମଣିଷ ବହୁତ ଅଳ୍ପ ଶବ୍ଦ କହି ପାରୁଥିଲା । ତା'ର ଗଣିବା ବି କମ୍ ଥିଲା। ବାସ୍ ଦଶ ବା କୋଡ଼ିଏ ତକ ଗଣି ପାରୁଥିଲା ଯାହା, ତା' ଆଖ ପାଖରେ କେତେ ଅବା ଜିନିଷ ସିଏ ଦେଖିବାକୁ ପାଉଥିଲା ? ଘର ତ ନଥିଲା, ତେଣୁ ଜିନିଷପତ୍ର କ'ଣ ଥିବ ? ହେଲେ ତମ୍ବା ତିଆରି କରି ଶିଖିବା ପରେ ମଣିଷର ଘରକରଣା ଆରମ୍ଭ ହେଲା । ପ୍ରଥମେ ସେ ମାଟିରେ ଘର ତିଆରି କଲା । ଏଇ ଛୋଟ ଛୋଟ କୁଡ଼ିଆ ଘର । ତମ୍ବା କୁରାଢ଼ିରେ କାଠ କାଟି ପାରିଲା। ଦାଆ ବି ତିଆରି କରି ପାରିଲା । ସେତେବେଳେ ଜଣେ ଜଣେ ଭାରି ବଢ଼ିଆ କୁରାଢ଼ି ତିଆରି କରି ପାରୁଥିଲେ । ପିଲାଏ ବି ଯାଇ ତା'ପାଖରେ ଅଳି କରୁଥିଲେ ଖଣ୍ଡେ ଖଣ୍ଡେ ଛୋଟ କୁରାଢ଼ି ତିଆରି କରିଦେବା ପାଇଁ । ହେଲେ ଜଣେ ମଣିଷ କେତେ ଆଉ କୁରାଢ଼ି ତିଆରି କରି ପାରିବ ! ତାକୁ ବି ତ ପୁଣି କ୍ଷେତରେ ଯାଇ କାମ କରିବାକୁ ପଡ଼ିବ ! ତେଣୁ ଲୋକମାନେ ତାକୁ କହିଲେ, "ଭାଇ, ଆମେ ତତେ କିଛି କିଛି ଶସ୍ୟ ଦେବୁ, ତୁ ଆମ ପାଇଁ କୁରାଢ଼ି ବନେଇ ଦେ।" ବାସ୍ କମାର ଭାଇକୁ ଆଉ କ୍ଷେତ ଯିବାକୁ ପଡ଼ିଲା ନାହିଁ । ସେ ତା' ଘରେ ବସି ବସି ଖାଲି କୁରାଢ଼ି ତିଆରି କଲା। ଲୋକମାନେ ତା'ଠାରୁ କୁରାଢ଼ି ନେଇ ତାକୁ ଶସ୍ୟ ଦେଇ ଯାଉଥିଲେ । ସେଇମିତି ମାଟି ତିଆରି ବାସନ କୁସନ ଆଉ ଅନ୍ୟ ଅନ୍ୟ ଦରବ ବି ଲୋକେ ଘରେ ବସି ବସି କରୁଥିଲେ । ମୁନି ତ ତା' କଣ୍ଢେଇ ନେଇ କେତେ ନା କେତେ ଖୁସି ହେଉଥିଲା । ମୁନା ଭାଇ ରଙ୍ଗ ଦେଇ ସେ ସବୁକୁ କେତେ ସୁନ୍ଦର କରି ଦେଇଛି । ମୁନିର କଣ୍ଢେଇ ଦେଖି ସାଙ୍ଗମାନେ ଆସି ଜିଗର କଲେ ତାଙ୍କ କଣ୍ଢେଇକୁ ବି ମୁନା ଭାଇ ସେମିତି ରଙ୍ଗ କରିଦେଉ । ମୁନା ତାଙ୍କ କଣ୍ଢେଇ ବି ସେମିତି ରଙ୍ଗେଇ ଦେଲା ।

□□□

Digitized by srujanika@gmail.com

(୧୮)
ମୁନିର ହାତୀ ସାଙ୍ଗ

ତମ୍ବାଯୁଗର ଲୋକମାନେ ଗାଁରେ ଘର କରି ରହୁଥିଲେ । ଗାଁ ଚାରିପାଖରେ ତାଙ୍କର କ୍ଷେତସବୁ ଥିଲା । ବହୁତ ମେହନତ କରି ଲୋକେ କ୍ଷେତରେ ଫସଲ କରୁଥିଲେ । ବର୍ଷାଦିନେ ତ ସବୁଜ ଧାନକ୍ଷେତସବୁ କେତେ ସୁନ୍ଦର ଦେଖାଯାଉ ଥିଲା । ହେଲେ ସେତେବେଳେ କ୍ଷେତ ଜମି ଅଳପ ଥିଲା, ଆଉ ଜଙ୍ଗଲ ବେଶି ଥିଲା । ଜଙ୍ଗଲରେ ଦିନରେ ବି ଡର ଲାଗୁଥିଲା; ଆଉ ରାତିହେଲେ ଜଙ୍ଗଲି ପଶୁ କ୍ଷେତରେ ଚରିବାକୁ ଚାଲି ଆସୁଥିଲେ । ଲୋକେ ଢୋଲ ବଜାଇ ନିଆଁ ଜାଳି ତାଙ୍କୁ ଡରାଉ ଥିଲେ । ହେଲେ ରାତିସାରା ତ ଆଉ ଜଗି ପାରିବେ ନାହିଁ । ଜଙ୍ଗଲରେ ହାତୀ ପଲସବୁ ଥିଲେ । ପଚିଶ ତିରିଶ ହାତୀ ଏକାଠି କ୍ଷେତ ଖାଇବାକୁ ପହଞ୍ଚି ଯାଉଥିଲେ । ହେଲେ ନିଆଁ ଦେଖିଲେ ହାତୀ ପଲ ବି ପଳାଉଥିଲେ ମାତ୍ର ତାଙ୍କ ପାଖକୁ ଗଲେ ବିପଦ । ଥରେ ମୁନାର ଗାଁ ଲୋକେ ହାତୀ ଦାଉରୁ ରକ୍ଷା ପାଇବା ପାଇଁ କ୍ଷେତ ଯିବା ରାସ୍ତାରେ ଗାତ ଖୋଳି ଦେଇ ଗାତ ଉପରେ ଘାସ, ପତ୍ର, ମାଟି ଏପରି ଭାବରେ ବିଛେଇ ଦେଲେ ଯେ ଜଣା ପଡ଼ିବ ନାହିଁ କି ତଳେ ଗାତ ଅଛି । ହାତୀ ଆସିଲେ । ଲୋକେ ଢୋଲ ପିଟି ପିଟି ପାଟି କରି କରି ପଦାକୁ ଆସିବାରୁ ହାତୀ ଅନ୍ୟଆଡ଼େ ପଳେଇଲେ । ସେପଟରୁ ଯେତେବେଳେ ଲୋକେ ହାତୀଙ୍କୁ ଖେଦିଲେ, ହାତୀ ଜଙ୍ଗଲ ଆଡ଼େ ପଳେଇଲେ । ହାତୀ ଏତେ ଚାଲାଖ ଥିଲେ ଯେ ସବୁ ବଡ଼ ହାତୀ ଗାତଠାରୁ ଦୂରରେ ରହି ଚାଲିଗଲେ, ହେଲେ ଛୁଆହାତୀଟାଏ ଦଉଡ଼ୁ ଦଉଡ଼ୁ ଜାଣି ନପାରି ସେଇ ଗାତରେ ପଡ଼ିଗଲା । ହାତୀପଲ ଏତେ ଡରି ଯାଇଥାନ୍ତି ଯେ ଆଉ ଛୁଆକୁ ନେବାକୁ ସାହସ କଲେ ନାହିଁ । ଲୋକେ ସେଇ

Digitized by srujanika@gmail.com

ହାତୀ ଛୁଆଟାକୁ ଗାତରୁ ଉଠେଇ ଗାଁକୁ ନେଇଗଲେ । ଏଥର ତ ଆଉ କ୍ଷୀର ଖାଇବାରେ ଅଭାବ ନାହିଁ । ଗାଈ କ୍ଷୀର ଆଣି ତାକୁ ପିଇବାକୁ ଦେଲେ । ହାତୀଛୁଆଟା ଗାଈ କ୍ଷୀର ପିଇ ପିଇ ବେଶ୍ ଟାଗଡ଼ା ହୋଇଗଲା । ହାଣ୍ଡିରେ କ୍ଷୀର ଆଣି ତା ଆଗରେ ରଖିଦେଲେ ସେ ଆଗ ଶୁଣ୍ଢ ବୁଡ଼ାଇ ଶୋଷି ନେଉଥିଲା ତା'ପରେ ଶୁଣ୍ଢକୁ ପାଟିରେ ଥୋଇ କ୍ଷୀରତକ ପିଇଦେଉଥିଲା । ଦିନେ ମୁନି ତ ହାତୀଛୁଆର କ୍ଷୀର ପିଇବା ଦେଖି ଲୋଭେଇଗଲା । ଦୌଡ଼ିଯାଇ ହାତୀ ପାଖରେ ପହଞ୍ଚିଗଲା । ହାତୀଛୁଆଟା ମଣିଷଛୁଆ, ଗାଈଛୁଆ ସମସ୍ତଙ୍କ ସାଥିରେ ଖେଳୁଥିଲା, କାହାର କିଛି କ୍ଷତି କରୁନଥିଲା । ସେଇଥିପାଇଁ ଦି'ବରଷର ମୁନି ନଡରି ତା'ପାଖକୁ ଚାଲିଗଲା ନା ! ହାତୀଛୁଆଟା କ୍ଷୀର ହାଣ୍ଡିରେ ଶୁଣ୍ଢ ବୁଡ଼େଇଛି କି ନାହିଁ ମୁନି ତାକୁ କହିଲା, "ତୁ ଏକା ସବୁ ପିଇ ଦେବୁ ନାହିଁ ମୋ ପାଇଁ ବି ରଖିବୁ ।" ଜାଣିଛ ! ହାତୀଛୁଆ କ'ଣ କଲା ! ତା ଶୁଣ୍ଢକୁ ନେଇ ମୁନି ପାଟିରେ ରଖିଦେଲା । ମୁନି ବି ପାଟି ଆଁ କରିଦେଲା । କେଡ଼େ ଦୁଷ୍ଟ ଥିଲା ଏଇ ମୁନିଟା ? ଘଡ଼ ଘଡ଼ କରି କ୍ଷୀରତକ ପିଇଦେଲା । ହେଲେ କେତେ ଆଉ ପିଇ ପାରନ୍ତା ! ଛୋଟ ପେଟଟା ତ, ଶୁଣ୍ଢ ପାଖରୁ ମୁହଁ ହଟେଇ ନେଇ କହିଲା, "ଏବେ ତୁ ପି " । ହାତୀଛୁଆଟା ତଥାପି ଶୁଣ୍ଢ ଆପଣା ମୁହଁରେ ପୂରାଉ ନଥାଏ । ସେଇ ଦିନଠାରୁ ମୁନି ଆଉ ହାତୀଛୁଆ ଦି'ଜଣ ବଡ଼ ସାଙ୍ଗ ହୋଇଗଲେ । ମୁନି ତ ଲଢ଼େଇ କରି ମାଆ ପାଖରୁ କ୍ଷୀର ହାଣ୍ଡି ଆଣି ହାତୀଛୁଆକୁ ଡାକିବ, "ମୁନୁ, ଆ କ୍ଷୀର ପିଇବୁ" । ହାତୀଛୁଆଟା ମୁନି ପାଟି ଶୁଣିଲା ମାତ୍ରେ ଶୁଣ୍ଢକୁ ଉଠାଇ ରଡ଼ି କରୁ କରୁ ଦଉଡ଼ି ଦଉଡ଼ି ଆସି ହାଜର ହୋଇଯିବ ମୁନି ପାଖରେ । ହେଲେ ମୁନିର ପୋଷା କୁକୁରକୁ ଏସବୁ କଥା ପସନ୍ଦ ହେଉ ନଥିଲା । କିନ୍ତୁ କ'ଣ କରିବ ବିଚରା ? ଯେତେ ଛୋଟ ହେଲେ ବି ସେଟା ତ ହାତୀ ନା ! ଡରି କରି ପୋଷା କୁକୁର ଦୂରକୁ ପଳାଏ । କେତେ ବଡ଼ ହେବାଯାକେ ମୁନି ହାତୀ ଶୁଣ୍ଢରୁ କ୍ଷୀର ପିଉଥିଲା, ହାତୀଛୁଆଟା ବଡ଼ ହେଇ ଗଲାରୁ କ୍ଷୀର ପିଇବା ଛାଡ଼ିଦେଲା । ଏଣିକି ଆଉ ମୁନିକୁ ବି କ୍ଷୀର ସୁଆଦ ଆଉ ଭଲ ଲାଗିଲା ନାହିଁ । ହାତୀଛୁଆ ତା ପିଠି ଉପରେ ମୁନିକୁ ବସାଇ ଜଙ୍ଗଲର ଫଳ ଗଛ

Digitized by srujanika@gmail.com

ପାଖକୁ ନେଇ ଯାଉଥିଲା । ମୁନି ହାତୀ ପିଠିରେ ବସି ଗଛରୁ ପାଚିଲା ଫଳ ତୋଳି ଖାଉଥିଲା । ସେତେବେଳେ ମଣିଷ ଫଳ ବଗିଚା କରି ଶିଖି ନଥିଲା । ଜଙ୍ଗଲ ଯାଇ ଫଳ ତୋଳିଆଣି ଏକାଠି କରୁଥିଲା । ହାତୀଟା ଯୁଆନ ହେଲାବେଳକୁ ମୁନି ବୁଢ଼ୀ ହୋଇଗଲାଣି । ସିଏତ ବହୁତ ବଡ଼ ରଙ୍ଗାହାତୀଟାଏ ହୋଇଗଲା । ସମସ୍ତେ ତାକୁ ଭଲ ପାଉଥିଲେ ।

(୧୯)
ତମ୍ବାଯୁଗରେ ପୁରୁଷଙ୍କ ରାଜ

ମୁଁ ପୂର୍ବରୁ କହିସାରିଛି କି ପଥର ଯୁଗରେ ଲକ୍ଷାଧିକ ବର୍ଷକାଳ ସ୍ତ୍ରୀମାନେ ହୁକୁମ ଚଳାଉଥିଲେ । ପରିବାର ଓ ଦଳର ମୁଖିଆ ଥିଲେ । ପୁରୁଷମାନେ ତାଙ୍କ କଥା ମାନୁଥିଲେ । ଯେତେବେଳେ ମଣିଷ ପୂରା ଜାନୁଆରଙ୍କ ଭଳି ଜଙ୍ଗଲି ଥିଲା ସେତେବେଳେ ଏପରି ହେଉଥିଲା । ହେଲେ ଯେତେବେଳେ ମଣିଷ ଘର ତିଆରି କରି ରହିଲା, କପଡ଼ା ପିନ୍ଧିବା ଜାଣିଲା, କ୍ଷେତ କଲା, ସେତେବେଳେ ଏପରି କଥା ଆଉ ଚଳିଲା ନାହିଁ । ରାଣୀଙ୍କ 'ରାଜ୍' ଉଠି ଯାଇ ରାଜା ଅର୍ଥାତ୍ ପୁରୁଷଙ୍କ 'ରାଜ୍' ଚାଲିଲା । ଆଜିକାଲି ଯେପରି ସବୁଆଡ଼େ ପୁରୁଷଙ୍କ ହୁକୁମ ଚାଲୁଛି ସେଇ ରାଜ ଆରମ୍ଭ ହେଲା ।

ସେଦିନ ତମ୍ବାଯୁଗର ମୁନି ଗୋଟିଏ ବଢ଼ିଆ ସପନ ଦେଖିଲା । ସିଏ ଦେଖିଲା ଗୋଟିଏ ପୋଖରୀ କୂଳରେ ବେଙ୍ଗମାନେ ସଭା କରୁଥାନ୍ତି । ହେଁ ବଡ ଫାଲୁଆ ହଳଦିଆ ବ୍ରାହ୍ମଣୀବେଙ୍ଗ ସଭାର ସଭାପତି ଆସନରେ ବସିଥାଏ । ସଭା ଆରମ୍ଭରେ ସବୁ ବେଙ୍ଗ ମିଶି ଗୀତ ଗାଇଲେ । କେମିତିକା ଗୀତ ଜାଣିଛ ! 'ଟର୍ର, ଟର୍ର' । ତାପରେ ବେଙ୍ଗୁଲିମାନେ ନାଚ ଆରମ୍ଭ କଲେ । ପଛ ଦି'ଗୋଡ଼କୁ ଭୂଇଁରେ ରଖି ଆଗ ଦି'ଗୋଡ଼ ଉପରକୁ ଉଠାଇ ଠିଆ ହୋଇ

Digitized by srujanika@gmail.com

ନାଚୁଥାନ୍ତି । ବେଙ୍ଗୁଲିମାନେ ଦଳ ହୋଇ ନାଚ କରୁଥାନ୍ତି, ହେଲେ ଢୋଲ ବାଜୁ ନଥିବାରୁ ନାଚଟା ଜମା ଜମୁ ନଥାଏ । ଏତିକିବେଳେ ବେକରେ ଢୋଲକ ଝୁଲେଇ ମୂଷା ଆସି ହାଜର ହୋଇଗଲା । ମୂଷାକୁ ଦେଖି ସବୁ ବେଙ୍ଗ 'ରାମ୍-ରାମ୍' କଲେ । ତାପରେ ଢୋଲକର ତାଳରେ ଆରମ୍ଭ ହୋଇଗଲା ମଜାଦାର ନାଚ ଯେ କେତେବେଳେ ରାତି ପାହିଗଲା କାହାକୁ ଜଣା ପଡ଼ିଲା ନାହିଁ । ନାଚିନାଚି ବେଙ୍ଗୁଲିମାନେ ହାଲିଆ ହୋଇଗଲେ ହେଲେ ମୂଷା ହାଲିଆ ହୋଇ ନଥାଏ । ଶେଷରେ ଢୋଲ ବଜାଉ ବଜାଉ ମୂଷା ବି ନାଚିବା ଆରମ୍ଭ କରିଦେଲା । ଏଣେ ରାତି ପାହୁ ନ ପାହୁଣୁ କୁଆ କୋଇଲିଙ୍କ କୋଳାହଳ ଆରମ୍ଭ ହୋଇଗଲା । ବେଙ୍ଗ ସବୁ ତରତର ହୋଇ ପାଣିରେ ପଶିଗଲେ । ମୂଷା ବିଚରାକୁ କୁଆଟାଏ ଝାମ୍ପି ନେବାକୁ ବସିଛି, ଏତିକିବେଳେ ମୁନିର ନିଦ ଭାଙ୍ଗିଗଲା । ତା' ସପନ କଥା ଶୁଣି ଅନ୍ୟମାନେ କହିଲେ , ବିଚରା ମୂଷାଟାକୁ ମୁନି ବଞ୍ଚେଇ ଦେଲା ।

(୨୦)

ପିଲାମାନଙ୍କ ମାଛଧରା



ତମ୍ବାଯୁଗର 'ମୁନା' ବଡ଼ ହୁସିଆର ଆଉ ଚାଲାଖ ଥିଲା। ଏଥର ମୁନା ବଡ଼ ମୁନି ସାନ ଥିଲା। ମୁନି ସବୁବେଳେ ମୁନା ଭାଇ ସାଙ୍ଗରେ ଲାଗି ରହିଥିବ। ଯେତେ କହିଲେ ବି ଶୁଣିବ ନାହିଁ । ଦିନେ ସବୁ ପିଲାଙ୍କ ସାଙ୍ଗରେ ମୁନା ଆଉ ମୁନି କ୍ଷେତ ଜଗିବାକୁ ଯାଇଥିଲେ । କ୍ଷେତର ଚାରିପାଖରେ ଜଙ୍ଗଲ ପୂର୍ଣ୍ଣ ଥାଏ। ମଉକା ମିଳିଲେ ଜଙ୍ଗଲି ଜାନୁଆର ଆସି କ୍ଷେତ ଚରିଯାଉଥିଲେ। ସେତେବେଳେ ଆଜିକାଲି ପରି ମକା ବିଦେଶରୁ ଆସୁ ନଥିଲା। ସମସ୍ତେ କ୍ଷେତରେ ଲଗାଉଥିଲେ । କ୍ଷେତ ପାଖରେ ପହଞ୍ଚିଲା ପରେ ସେମାନଙ୍କ ଭିତରୁ ଜଣେ କହିଲା, "ଦେଖ ଦେଖ, ପାଖ ପୋଖରୀରେ ପାଣି ଶୁଖି ଗଲାରୁ

Digitized by srujanika@gmail.com

ମାଛସବୁ କେମିତି ଉପରକୁ ଉଠି ଆସୁଛନ୍ତି ?" । ତା'କଥା ଶୁଣି ମୁନା ଚଟ୍ କରି କହି ପକେଇଲା, "ଚାଲ ବନ୍ଧ କରି ସବୁ ପାଣି ସେପାଖୁ ପକେଇ ଦେବା ତାହେଲେ ମାଛମାନେ ଧରା ପଡ଼ିବେ"। ସବୁପିଲା ରାଜି ହୋଇ ଲାଗିଗଲେ ସେଇ କାମରେ।

ପାଖରେ ଡମ୍ଫା କୋଦାଳ ଥିଲା । ସେଥିରେ ମାଟି ଖୋଳି ବନ୍ଧ ବାନ୍ଧି ଦେଲେ ଆଉ ସମସ୍ତେ ମିଶି ଏପାଖର ପାଣି ଆଞ୍ଜୁଳା ଆଞ୍ଜୁଳା କରି ବନ୍ଧ ସେପାଖକୁ ପକେଇ ଦେଲେ । ପାଣି ଶୁଖିଗଲା ପରେ ଖାଲି କାଦୁଅ ରହିଗଲା । ଯେଉଁ ମାଛ କାଦୁଅରେ ଲୁଚି ଯାଆନ୍ତି ସିଏ ସବୁ ଶୀଘ୍ର ଶୀଘ୍ର କାଦୁଅ ଭିତରେ ପଶିଗଲେ । ବାକି ଯେଉଁ ମାଛ ଉପରେ ରହିଗଲେ ପିଲାମାନେ ତାଙ୍କୁ ଧରି ଗୋଟିଏ ଶୁଖିଲା ଗାତରେ ରଖିଲେ । ଦେଖୁ ଦେଖୁ କେତେ ମାଛ ଗଦା ହୋଇଗଲା । ଏତେ ମାଛ ଦେଖି ପିଲାଙ୍କୁ ଭୋକ ଲାଗିଗଲା। ମୁନା କହିଲା, "କହିବ ଯଦି ଆମେ ଦି'ତିନି ଜଣ ଯାଇ ନିଆଁରେ ତୁମ ପାଇଁ ମାଛ ପୋଡ଼ି ଆଣିବୁ, ତୁମେ ମାଛ ଧରୁ ଧରୁ ଖାଇ ପାରିବ" । ସବୁପିଲା ଖୁସିରେ କହି ପକାଇଲେ, "ବାଃ, ଭାଇ ମୁନା, କେଡ଼େ ବଢ଼ିଆ ହେବ ! ଜଲଦି ଯାଆ । ଆମକୁ ଜୋର୍‌ରେ ଭୋକ ଲାଗିଲାଣି ।" ମୁନା ମୁନିଙ୍କ ସାଙ୍ଗରେ ଆଉ ଦି' ତିନିଜଣ ପିଲା ଗଲେ । ଜଣେ ଦୌଡ଼ି ଦୌଡ଼ି ଯାଇ ଗାଆଁରୁ ନିଆଁ ଆଣି ଆସିଲା। ଏପଟେ ମାଛ ଧରୁଥିବା ପିଲାମାନେ କାଦୁଅରେ ଲୁଚି ଯାଇଥିବା ମାଛଙ୍କୁ ଖୋଜି ଖୋଜି ଧରିବାରେ ଲାଗିଥାନ୍ତି । ଚେଙ୍ଗ, ଗଡ଼ିଶା ପହିଲେ ପହିଲେ ଭାରି ଛଟପଟ ହୁଅନ୍ତି ସିନା ହେଲେ ଶୀଘ୍ର ଧରା ପଡ଼ିଥା'ନ୍ତି । କିନ୍ତୁ ସିଙ୍ଗି, ମାଗୁର ! ଖାଇବାକୁ ସିନା ମିଠା, କଣ୍ଟା ଯଦି ମାରିବେ ଲହୁ ଲୁହାଣ କରିଦେବେ । ଦି'ଜଣ ବଡ଼ ପିଲା ଭାରି ହୁସିଆର ହୋଇ ସେଇ ମାଛଙ୍କୁ ଧରୁଥାନ୍ତି । କେତେବେଳେ ହାତରେ ଧରୁଥାନ୍ତି ଆଉ କେତେବେଳେ ବାଡ଼ିରେ ପିଟି ପିଟି ମାରି ଦେଉଥାନ୍ତି । ମୁନା ଆଉ ତା' ସାଙ୍ଗମାନେ ମାଛ ପୋଡ଼ି ମାଛଧରାଳିଙ୍କ ପାଟିରେ ଆଣି ଖୋଇ ଦେଉଥାନ୍ତି, କୁଆଡ଼େ ହାତ ଧୋଇବାକୁ ଯାଇଥାନ୍ତେ ? ସାଙ୍ଗକୁ ଖୋଇ ଦେଲାବେଳେ ଖଣ୍ଡେ ଅଧେ ନିଜ ପାଟିରେ ବି ପୂରେଇ ଦେଉଥାନ୍ତି । ମାଛ

Digitized by srujanika@gmail.com

ବଢ଼ିଆ କରି ପୋଡ଼ା ହୋଇଥାଏ, ଭାରି ସୁଆଦିଆ ଲାଗୁଥାଏ । ମାଛ ସାଙ୍ଗରେ କଙ୍କଡ଼ା ବି ଥାଆନ୍ତି, ସାପ ଭଳି ଡୋଡ଼ି କୋଚିଆ ମାଛ ବି ଧରା ପଡ଼ିଥା'ନ୍ତି । ପାଣିରେ ସିଝା ହୋଇଥିଲେ କ'ଣ ଏତେ ସୁଆଦ ଲାଗିଥାନ୍ତା ? ଗାଁ ବେଶି ଦୂର ନଥିଲା । ନିଆଁ ଆଣିବାକୁ ଯାଇଥିବା ପିଲାଟି ଗାଁରେ ସବୁକଥା କହି ଦେଇଥିଲା । ସେଇଠୁ ଗାଁରେ ଯେତେ ମାଆ, ମାଉସୀ, ଆଇ, ବୁଢ଼ୀମାଆ ଥିଲେ ସମସ୍ତେ ଆସି ପିଲାଙ୍କ ମାଛଧରା ଜାଗାରେ ଗୁଣ୍ଡ ହୋଇଗଲେ । ତାଙ୍କୁ ଦେଖି ପିଲାମାନେ ବଡ଼ ଖୁସି ହୋଇଗଲେ । ପିଲାଏ କହିଲେ- ଆଜି ଆମେ ତୁମ ସଭିଁଙ୍କୁ ମାଛ ପୋଡ଼ି ଖାଇବାକୁ ଦେବୁ ।

ବହୁତ ମାଛ ଥିଲା । ପିଲାଏ ମାଛ ପୋଡ଼ି ସମସ୍ତଙ୍କୁ ଖୁଆଇବାରେ ଲାଗିଗଲେ ।

(୨୧)

ମଣିଷ ଭିତରେ ଛୋଟ ବଡ଼ର ଭେଦ ଆରମ୍ଭ ହେଲା

ତମ୍ବାଯୁଗରେ ଅବଶ୍ୟ ପ୍ରଥମ କରି ମଣିଷ କ୍ଷେତ କାମ ଆରମ୍ଭ କଲା, ହେଲେ ସେତେବେଳେ ମଣିଷ ହଳ କରିବା କଥା ଜାଣି ନଥିଲା । ଛୋଟ ଛୋଟ

ତମ୍ବା ବା କାଠର ମୁନିଆ ହତିଆର ସାହାଯ୍ୟରେ ଗାତ ଖୋଳି ସେଇଥିରେ ମଞ୍ଜି ପକେଇ ଦେଲେ ଚାରା ଗଛ ହୋଇଯାଉଥିଲା । ବର୍ଷା ଠିକ୍ ସମୟରେ ହେଲା ତ ଫସଲ ହେଉଥିଲା, ନହେଲେ ଶୁଖି ଯାଉଥିଲା । ମଣିଷ ଯଦି ଖାଲି ଶସ୍ୟ ଉପରେ ନିର୍ଭର କରୁଥାନ୍ତା, ତାହେଲେ ଭୋକରେ ମରୁଥା'ନ୍ତା କି ନାହିଁ ! ତେଣୁ ମଣିଷ ନିଜ ପାଖରେ ପୋଷା ଜାନୁଆର, ଗାଈ, ବଳଦ ବି ରଖୁଥିଲା । ଶିକାର କେତେବେଳେ ମିଳୁଥିଲା ତ କେତେବେଳେ ନାହିଁ । ଯେଉଁଦିନ ବାହାର ଶିକାର ମିଳି ନଥାଏ ସେଦିନ ପୋଷା ଜାନୁଆରକୁ ମାରି

Digitized by srujanika@gmail.com

ଖାଉଥିଲେ । ସବୁଲୋକ ପଶୁ ଦୁଧ ପିଇବା କଥା ଜାଣି ନଥିଲେ । ଚୀନା ଲୋକ ତ ଏବେ ଏବେ ଦୁଧ ପିଇବା ଜାଣିଲେ । ସିଏ ପୁଣି ସହରରେ, ପିଲା ଆଉ ବେମାର ଲୋକ ପିଇଥାନ୍ତି । ତମ୍ବାଯୁଗର ଶେଷଆଡ଼କୁ ଯାଇ ମଣିଷ ଜାଣିଲା କି ହଳ କରି ଜମିରେ ଫସଲ ବୁଣାଯାଇ ପାରେ । ଲକ୍ଷାଧିକ ବର୍ଷ ଧରି ଜମିରେ ଗଛର ପତ୍ର ପଡ଼ି ପଡ଼ି ପଚି ସଢ଼ି ମାଟି ଏତେ ଉର୍ବର ହୋଇ ରହିଥିଲା ଯେ ମଞ୍ଜି ପୋତିବା ମାତ୍ରେ ଗଛ ହୋଇ ଯାଉଥିଲା । ଆଉ ଫସଲ ବି ବଢ଼ିଆ ହେଉଥିଲା ।

(ମୁନିଆକାଠରେ ଗାତ ଖୋଳି ମଞ୍ଜି ବୁଣୁଛନ୍ତି)

ସେଦିନ ପିଲାମାନେ ଖେଳରେ ଖେଳରେ କେତେ ମାଛ ଧରିଲେ, ଆଉ ସମସ୍ତଙ୍କୁ ଖାଇବାକୁ ଦେଲେ ! ପିଲାମାନଙ୍କର ଖେଳ ବି ସେଇ ପ୍ରକାର ଖେଳ ଥିଲା, ଯେଉଁଥିରେ କିଛି ନା କିଛି ଖାଇବା ଦରବ ମିଳି ଯାଉଥିଲା । ଏବେ ବି ମଣିଷ ଶିକାର କରିବା ଛାଡ଼ି ନଥିଲା । ସେତେବେଳେ ନା ବହି ଖାତା ଥିଲା ନା ପାଠପଢ଼ା

Digitized by srujanika@gmail.com

ଥିଲା । ମଣିଷ ଅକ୍ଷର ବି ଶିଖି ନଥିଲା, ପଢ଼ିବା ତ ଦୂରର କଥା । ବାସ୍ କିଛି କାହାଣି ଶୁଣୁଥିଲା । ଆଉ ଯେଉଁସବୁ ଗୀତ ଶୁଣି ଶୁଣି ମନେ ରଖୁଥିଲା ସେଇଆକୁ ଗାଉଥିଲା । ସେତେବେଳର ମଣିଷ କିନ୍ତୁ ବହୁତ ବଳୁଆ ଥିଲା । ଉତ୍ତରରେ ହଳଦିଆ ଗୋରା ରଙ୍ଗର କିରାତ ରହୁଥିଲେ ତ ଦକ୍ଷିଣରେ ପୂରା କୋଇଲା ଭଳି କଳା ରଙ୍ଗର ଲୋକ ରହୁଥିଲେ, ଯାହାଙ୍କୁ କୁହା ଯାଉଥିଲା ନିଷାଦ । ଦି'ଜାତିଙ୍କ ଭିତରେ ବେଳେବେଳେ ଶିକାର ଜାଗାକୁ ନେଇ ଲଢ଼େଇ ବି ଲାଗି ଯାଉଥିଲା । ଏଇ ଲଢ଼େଇ ବେଳେ ବହୁତ ମରାମରି ହେଉଥିଲା । ପିଲା ବୁଢ଼ା ଯାହାକୁ ପାଉଥିଲେ ମାରି ଦେଉଥିଲେ । ତେବେ ଏଇ ପ୍ରକାର ଲଢ଼େଇ ବେଶି ହେଉ ନଥିଲା । କାରଣ ଯେତିକି ମଣିଷ ଥିଲେ ତା ଠାରୁ ଢେର୍ ବେଶି ଜଙ୍ଗଲ ଆଉ କ୍ଷେତ ଜମି ଥିଲା ।

ସେତେବେଳେ ଶିକାର ଆଉ କ୍ଷେତ କରି ମଣିଷର ଖାଇବା କାମ ଚଳି ଯାଉଥିଲା । ଘର ପାଇଁ ନିଜେ ନିଜେ କୁଡ଼ିଆ ତିଆରି କରି ଦେଉଥିଲେ । ଶୀତ ସମୟରେ କେବଳ ପୋଷାକ ଦରକାର ହେଉଥିଲା, ଆଉ ସେଇ ପୋଷାକ ଚମଡ଼ା ନହେଲେ ଗଛର ପତ୍ର ଆଉ ଛାଲିରେ ହେଉଥିଲା । ପଥର ଯୁଗରେ ତ ସମସ୍ତେ ଗୋଟିଏ ଜାଗାରେ ଏକାଠି ରହୁଥିଲେ, ମିଳିମିଶି କାମ କରୁଥିଲେ ଆଉ ମିଳିମିଶି ଖାଉ ଥିଲେ । ଖାଇବାକୁ ନ ମିଳିଲେ ସମସ୍ତେ ଭୋକରେ ରହୁଥିଲେ । କିଏ ଖାଇବ ଆଉ କିଏ ଖାଇବାକୁ ପାଇବ ନାହିଁ, ଏପରି କଥା ସେତେବେଳେ ହେଉ ନଥିଲା । ଏବେ ତମ୍ବା ଯୁଗରେ ସମସ୍ତେ ଅଲଗା ଅଲଗା ରହିବାକୁ ଲାଗିଲେ । ଅଲଗା କୁଡ଼ିଆ ନିଜପାଇଁ କରି ନିଜର ସ୍ତ୍ରୀ, ପିଲାଙ୍କ ସହିତ ରହୁଥିଲେ । ନିଜ ନିଜର ରୋଜଗାର ଅଲଗା ତେଣୁ ଖାଇବା ପିଇବା ବି ଅଲଗା । ଯଦି କାହା ପାଖରେ ଅଧିକ ଖାଇବା ଦରବ ବଳୁଥିଲା ତ ସେ କେବେ କେବେ ଆଉ କାହାକୁ ବି ଦେଉଥିଲା । ହେଲେ ସେଇ ମିଳିଲେ ସମସ୍ତେ ଖାଇବା ନ ମିଳିଲେ ସମସ୍ତେ ଉପାସ ରହିବା କଥା ଆଉ ରହିଲା ନାହିଁ । ଏବଂ ଯେତେବେଳେ କେହି ଜଣେ ଆଉ କାହାକୁ ଖାଇବା ଦରବ ଦେଉଥିଲା ତ ତାକୁ କହୁଥିଲା,– "ତୁ ମୋ ପାଇଁ କାମ କର ତା'ହେଲେ ମୁଁ ତୋତେ ଖାଇବାକୁ ଦେବି ।" ମଣିଷ ପେଟ ପାଇଁ ଏ କଥାରେ ରାଜି ହୋଇ ଯାଉଥିଲା । ପେଟ ପାଇଁ

Digitized by srujanika@gmail.com

ଏବେ ମଣିଷକୁ ଅନ୍ୟର ଚାକର ଚାକରାଣି (ଦାସ, ଦାସୀ) ହେବାକୁ ପଡୁଥିଲା । ଯିଏ ପେଟ ପାଇଁ ଅନ୍ୟର କାମ କରୁଥିଲା ଲୋକେ ତାକୁ ଛୋଟ ବୋଲି ଭାବୁଥିଲେ । ଏହିପରି ଭାବରେ ନିଜ ନିଜ ଭିତରେ ଭେଦ ଭାବ ଆରମ୍ଭ ହୋଇଗଲା । ଏବେ ସବୁ ମଣିଷ ସମାନ ନ ରହି ବଡ଼, ସାନ, ମାଲିକ, ଚାକର ଭାବରେ ବାଣ୍ଟି ହୋଇଗଲେ । ବେଳେ ବେଳେ ମାଲିକ ରାଗି ଯାଉଥିଲେ ଚାକରକୁ ବହୁତ ପିଟୁଥିଲେ । ଆଜି ଆମେ ଯେଉଁ ମାଲିକ-ଚାକର ଦେଖୁଛନ୍ତି, ଇଏ ସେଇ କାଳରୁ ଆରମ୍ଭ ହୋଇଛି ।

(ମଣିଷ ସୂତାରୁ ଲୁଗା ବୁଣିବାକୁ ଲାଗିଲା)

ପଥର ଯୁଗରେ ମଣିଷ ମାଙ୍କଡ଼ ପରି ରହୁଥିଲା, ହେଲେ ସେତେବେଳେ କେହି କାହାର ମାଲିକ ନଥିଲେ କି କେହି କାହାର ଚାକର ନ ଥିଲେ । ଜନ୍ତୁ ଜାନୁଆରଙ୍କ ଭିତରେ କ'ଣ ମାଲିକ ଚାକର ଅଛନ୍ତି ? ବାବୁ ସାହେବ, ପାଠୂଆ ମୂରୁଖ କଥା ସେତେବେଳେ ନଥିଲା, ଧନୀ, ଗରିବ କଥା ବି ନଥିଲା । ସମସ୍ତେ ଆପଣା ଆପଣା ହାତରେ କାମ କରୁଥିଲେ ଆଉ ଖାଉଥିଲେ ।

□□□

Digitized by srujanika@gmail.com

(୨୨)

ପିଲାମାନେ ବିପଦରେ ପଡ଼ିଗଲେ



ତମ୍ବାଯୁଗର ଆମ ମୁନା ମୁନିମାନେ ଥରେ ଜବରଦସ୍ତ ବିପଦରେ ପଡ଼ି ଯାଇଥିଲେ । ଥରେ ଜାମୁକୋଳି ଖାଇବା ପାଇଁ ସାଙ୍ଗ ହୋଇ ସବୁ ପିଲା ଜଙ୍ଗଲ ଭିତରେ ବହୁତ ଦୂରକୁ ଚାଲି ଯାଇଥିଲେ । ସମସ୍ତଙ୍କ ହାତରେ ଧନୁତୀର ଥିଲା । ସମସ୍ତେ ଗଛ ଚଢ଼ି ଜାଣିଥିଲେ । ନଦୀ କୂଳରେ ଶହ ଶହ ଜାମୁଗଛର ଗୋଟିଏ ଛୋଟ ଜଙ୍ଗଲ ଥିଲା । ସେତେବେଳେ ମଣିଷ ନିଜେ ବଗିଚା କରିବା ଜାଣି ନଥିଲା । ଜାମୁଗଛରେ କଳା କଳା କୋଳି ଲଦି ହୋଇ ରହିଥାଏ । କୋଳିଗୁଡ଼ାକ ଭାରି ମିଠା ଥିଲା । କଳା କଳା ଭଅଁରମାନ କୋଳିର ମିଠା ସୁଆଦ ଚାଖୁଥାଆନ୍ତି । ତଳେ ବି କଳା କଳା ପାଚିଲା ମିଠା କୋଳି ଗଦା ହୋଇଥାଏ, ହେଲେ ପିଲାଏ ଗଛ ନଚଢ଼ି ମାନୁଛନ୍ତି କୁଆଡ଼େ ? ଉପରକୁ ଚଢ଼ି ଡାଳ ହଲେଇ ଦେଲାରୁ ଟୋକେଇ ଭର୍ତ୍ତି ଜାମୁ ଗଦା ହୋଇଗଲା । ସମସ୍ତେ ମିଳିମିଶି ପେଟ ଭର୍ତ୍ତି ଜାମୁକୋଳି ଖାଇଲେ । ଛୋଟଛୁଆ କୋଳି ଖାଉଥାନ୍ତି ତ କୋଳି ରସରେ ଦେହ ମୁହଁକୁ ବି କଳା କରି ପକାଉଥାନ୍ତି । ଏବେ ଏବେ ଗରମ ଦିନ ଯାଇ ବର୍ଷା ଆରମ୍ଭ ହୋଇଥାଏ । ଛୁଆଙ୍କ ଦେହରେ କପଡ଼ା ନଥାଏ । ପିଲାଏ ପାଖରେ ଟୋକେଇ ରଖିଥାନ୍ତି ବାଟରେ କିଛି ଖାଇବା ଦରବ ମିଳିଲେ ଗାଁକୁ ନେବେ ବୋଲି ।

ପେଟଭର୍ତ୍ତି ଜାମୁ ଖାଇସାରିବା ପରେ ଟୋକେଇ ବି ଭର୍ତ୍ତି କରିଦେଲେ । ବେଳ ବୁଡ଼ିବାକୁ ବହୁତ ବେଳ ବାକିଥାଏ । ତେଣୁ ପିଲାଏ ଫେରିବାକୁ ତରତର ହେଉ ନଥାନ୍ତି । ସବୁବେଳେ ସେମାନେ ନିଜ ପାଖରେ ବାଉଁଶ ତିଆରି ବାଜା, ବାଁସୁରି ଆଦି ରଖିଥାନ୍ତି । ବାସ୍ ଏଥର ଗୀତ ଗାଇ ନାଚିବାରେ ଲାଗିଗଲେ । ନାଚୁ

Digitized by srujanika@gmail.com

ନାଚୁ ଗୋଟିଏ ପିଲାର ନଜର ଦୂର ପାହାଡ଼ ଆଡ଼କୁ ଚାଲିଗଲା । ଦୂରରୁ କିଛି କଳା କଳା ଚିଜ ତାଙ୍କ ଆଡ଼କୁ ଆସୁଥିବାର ସେ ଦେଖି ପାରିଲା । ଶିକାରି ମଣିଷଙ୍କ ଆଖି, ନାକ ଆଉ କାନ ଭାରି ତେଜ ହୋଇଥାଏ । ପିଲାଟା ପାଟିକରି କହିଉଠିଲା, "ଆରେ, ହାତୀପଲ ଏଇଆଡ଼କୁ ଆସୁଛନ୍ତି ।" ପିଲାଏ ହାତୀପଲକୁ ଦେଖି ଗାଁ ଆଡ଼କୁ ଦୌଡ଼ିବାରେ ଲାଗିଲେ, ହେଲେ କ'ଣ କରିବେ, ଗାଁଆ ତ ସେଠୁ ବହୁତ ଦୂର । ହାତୀମାନେ ପାଖେଇ ଆସୁଥିଲେ । ବାଟରେ ଗୋଟିଏ ବଡ଼ ବରଗଛ ଥିଲା । ପିଲାଙ୍କ ଭିତରେ ସବୁଠାରୁ ସିଆଣା ପିଲାଟା ପାଟିକଲା, "ସେଇ ଗଛ ଉପରକୁ ସମସ୍ତେ ଚଢ଼ିଯାଅ ।" ଛୋଟ ପିଲାମାନଙ୍କୁ ସିଏ ନିଜେ ଗଛକୁ ଉଠେଇ ଦେଲା । ସମସ୍ତେ ଗଛର ବହୁତ ଉପରକୁ ଚଢ଼ିଯାଇ ଡାଳ ଉପରେ ବସିଗଲେ । ବଡ଼ ପିଲାଟା ସିନା ଭାରି ସାହସୀ ଥିଲା, ହେଲେ ଛୋଟ ଛୁଆଗୁଡ଼ାକ ଡରରେ ଖାଲି ଥରୁଥାନ୍ତି । ବଡ଼ପିଲା ଛୁଆଙ୍କୁ ସାହସ ଦେଉଥାଏ । ସେତେବେଳେ ତ ମଣିଷ ଜଙ୍ଗଲରେ ଜନ୍ତୁ ଜାନୁଆରଙ୍କ ଭିତରେ ରହୁଥିଲା । ଡରିଲେ ଚଳିବ କେମିତି ? କିଛି ସମୟ ପରେ ହାତୀ ପଲ ଆସି ସେଠି ପହଞ୍ଚିଗଲେ । ବଡ଼ ପିଲାଟା ଏକରୁ ଦଶ ପର୍ଯ୍ୟନ୍ତ ଗଣି ଜାଣିଥିଲା । ସେ ଏକ, ଦୁଇ କରି ହାତୀଙ୍କୁ ଗଣିଲା । ଦଶ ପରେ ବି ଆହୁରି ହାତୀ ସେ ଦଳରେ ଥାଆନ୍ତି । ହାତୀପଲରେ ଛୋଟ ବଡ଼ ସବୁ କିସମର ହାତୀ ଥିଲେ । ରଜାହାତୀଟା ପୂରା ଗୋଟିଏ ପାହାଡ଼ ପରି ହୋଇଥାଏ । ସବୁହାତୀ ଉପରକୁ ଶୁଣ୍ଢ ଉଠେଇ ପେଁ ପେଁ କରୁଥାନ୍ତି । ବଡ଼ ପିଲାଟା ଧୀରେ ଧୀରେ ଅନ୍ୟ ପିଲାଙ୍କୁ କହିଲା, "ଦେଖ, ଏଇ ଶୁଣ୍ଢ ହେଉଛି ହାତୀର ନାକ ଆଉ ପାଟି । ଶୁଣ୍ଢରେ ସେ ଶୁଙ୍ଘିଥାଏ ଆଉ ଖାଇବା ଦରବ, ପାଣି ଖାଇଥାଏ, ପିଇଥାଏ । ଶୁଣ୍ଢ ନଥିଲେ ହାତୀ ଖାଇ ପାରିବ ନାହିଁ କି ପାଣି ବି ପିଇ ପାରିବ ନାହିଁ, କାରଣ ତଳେ ଶୋଇଲେ ବି ହାତୀର ମୁହଁ ମାଟି ଛୁଇଁ ପାରନ୍ତା ନାହିଁ ।" ଶୁଙ୍ଘି ଶୁଙ୍ଘି ହାତୀ ଜାଣିପାରିଲେ କି ସେଟା ବରଗଛ ଆଉ ତା' ଉପରେ ଦଳେ ମଣିଷଛୁଆ ବସିଛନ୍ତି । ନିଆଁ ପାଇବା ପରଠାରୁ ତ ମଣିଷ ହାତୀର ଶତ୍ରୁ ହୋଇ ସାରିଥିଲା । ମଣିଷ ପିଲା ଶତ୍ରୁର ପିଲା । ତେଣୁ ତାଙ୍କୁ ଛାଡ଼ିବା କଥା ନୁହେଁ, ହେଲେ କରିବେ

Digitized by srujanika@gmail.com

କ'ଣ ? ଶୁଣ୍ଢ ତ ଛୁଆଙ୍କ ପାଖକୁ ପାଉ ନଥିଲା । ରାଗିଯାଇ ହାତୀଗୁଡ଼ା ଛୋଟ ଛୋଟ ଡାଳସବୁ ଭାଙ୍ଗି ପକାଉଥାନ୍ତି, ଗଛଟାକୁ ଧକ୍କା ମାରୁଥାଆନ୍ତି, ହେଲେ ଏତେବଡ଼ ଗଛଟାକୁ କ'ଣ ଭାଙ୍ଗି ପାରୁଛନ୍ତି ?

(୨୩)

ପିଲାମାନେ ଗଛ ଉପରେ, ସେମାନଙ୍କୁ ଜଗି ହାତୀମାନେ ଗଛତଳେ

କାଲିର କାହାଣିଟା ଆଜି ପୂରା ଶୁଣିବ ଆସ । କୋଡ଼ିଏ ସରିକି ପିଲା ବରଗଛ ଉପରେ ବସିଥାନ୍ତି, ଆଉ ସେତିକି ହେବେ ହାତୀ ତଳେ ଠିଆହୋଇ ଝୁଲୁଥା'ନ୍ତି । ହାତୀମାନେ ଉପରକୁ ଶୁଣ୍ଢ ଟେକି ପିଲାମାନଙ୍କୁ ଦେଖୁଥାଆନ୍ତି, ଆଉ ପିଲାଏ ହାତୀଙ୍କୁ । କେତେ ଉପରକୁ ଶୁଣ୍ଢ ଉଠେଇଲେ ବି ଛୁଆଙ୍କ ପର୍ଯ୍ୟନ୍ତ ହାତୀଙ୍କ ଶୁଣ୍ଢ ପହଞ୍ଚୁ ନଥାଏ । କିଛି କରି ନପାରି ବିଚରା ହାତୀଗୁଡ଼ା ଜୋର୍‌ରେ ଚିଲେଇବାରେ ଲାଗିଗଲେ । ତାଙ୍କ ଗର୍ଜ୍ଜନରେ ଜଙ୍ଗଲ କମ୍ପି ଯାଉଥାଏ । ହେଲେ ମଣିଷ ତ ସେତେବେଳେ ଅଧା ଜାନୁଆର ଥିଲା । ସେ ଅବା ଏଇ ଗର୍ଜ୍ଜନକୁ ଡରିବ କାହିଁକି ? ପିଲାମାନେ ଗଛ ଡାଳରେ ବସି ହାତୀଙ୍କ କାରନାମା ଦେଖୁଥାଆନ୍ତି । ଭୋକ ଲାଗିଲାରୁ ପାଖରେ ଥିବା ଜାମୁକୋଳି ଖାଇ ମଞ୍ଜିସବୁ ସେଇ ରଙ୍ଗାହାତୀ ଉପରକୁ ପକାଉଥାନ୍ତି । ଏଥିରେ ତ ରଙ୍ଗାହାତୀଟା ଆହୁରି ବିଗିଡ଼ିଗଲା, ଆଉ ଜୋର୍‌ରେ ଜୋର୍‌ରେ ଗଛଟାକୁ ଧକ୍କା ମାରିବାରେ ଲାଗିଗଲା । ଗଛ ଡାଳସବୁ ହଲି ଯାଉଥାଏ ହେଲେ ବେଶି ନୁହେଁ । ମୁନି ଏଥର ତା' ଦୁଷ୍ଟାମି ଆରମ୍ଭ କରିଦେଲା । କୋଳି ଖାଇ ହାତୀ ଉପରକୁ ମଞ୍ଜି ପକାଇଲା ଆଉ ପାଟି କରି ହାତୀଟାକୁ ଚିଡ଼େଇବାରେ ଲାଗିଗଲା ।

Digitized by srujanika@gmail.com

କିଛି ସମୟ ପରେ ବେଳ ବୁଡ଼ିଗଲା । ଆକାଶରେ ମେଘ ଅଳପ ଥାଏ । ତେଣୁ ଆକାଶଟା ନାରଙ୍ଗି ରଙ୍ଗରେ ଭରିଗଲା । ଆ'ପରେ କଳା ଅନ୍ଧାର ମାଡ଼ି ଆସିବ । ହେଲେ ହାତୀପଲଟା ସେଠୁ ଘୁଞ୍ଚିବାର ନାଁ ଧରୁନଥାନ୍ତି । ଛୁଆଙ୍କ ଦଳର ଦଳପତି ସେଇ ବଡ଼ ଆଉ ସାହସୀ ପିଲାଟା ହାତୀଙ୍କୁ କହିଲା, "ଭଲକଥା ରାତିସାରା ଏଇଠି ରୁହ, ଆମେ ଭୋକରେ ମରିବୁ ନାହିଁ ହେଲେ ତମେ ହାତୀସବୁ ନିଶ୍ଚେ ଭୋକରେ ଛଟପଟ ହେବ । ତୁମ ଦଳର ଛୁଆମାନେ ଯିଏ ତାଙ୍କ ଶୁଣ୍ଢରେ ମାଆଠାରୁ ଦୁଧ ପିଉଛନ୍ତି ତାଙ୍କୁ ଛାଡ଼ି ବାକି ସମସ୍ତେ ଭୋକରେ ବିକଳ ହେବ ଜାଣିଥା ।"

ଅନ୍ଧାର ହେଲା, ତଥାପି ହାତୀ ଦଳଟା ସେଠୁ ହଟିଲେ ନାହିଁ । ହେଲେ ମଣିଷ ଛୁଆମାନେ କ'ଣ ରାତିସାରା ସେଇ ଗଛରେ ରହନ୍ତେ ? ଘରକୁ ଫେରିବାକୁ ବିକଳ ହେବାରେ ଲାଗିଲେ । ଜାମୁକୋଳି ଖାଇଲେ ଭୋକ ସିନା ହେବ ନାହିଁ, ହେଲେ ନିଦ ତ ଲାଗିବ ! ନିଦରେ ଢୁଳେଇ ଢୁଳେଇ କେହି ଯଦି ତଳକୁ ଖସି ପଡ଼ିବ ହାତୀ କ'ଣ ତାକୁ ଛାଡ଼ିଦେବେ ! ଶୁଣ୍ଢରେ ଉଠେଇ ତାକୁ ଗୋଡ଼ ତଳେ ପକେଇ ଦଳି ଦେବେ ନାହିଁ !

ଅଧା ଜଙ୍ଗଲି ମଣିଷ ଛୁଆଗୁଡ଼ାକ ଖାଲି ଟୋକେଇ ନୁହେଁ, ବାନ୍ଧିବାକୁ ରସି ବି ସାଥିରେ ଆଣିଥିଲେ । ବଡ଼ ପିଲାମାନେ ସେଇ ରସିରେ ଆଗ ଛୋଟ ପିଲାମାନଙ୍କୁ ଗଛ ଡାଳରେ ଭଲ କରି ବାନ୍ଧିଦେଇ ପରେ ନିଜକୁ ବି ବାନ୍ଧିଦେଲେ । ସମସ୍ତେ ଏବେ ତଳେ ପଡ଼ି ନଯିବା ବିଷୟରେ ନିଶ୍ଚିନ୍ତ ହୋଇଗଲେ । ଧୀରେ ଧୀରେ ରାତି ବଢ଼ିବାରେ ଲାଗିଲା ଆଉ ସମସ୍ତଙ୍କ ଆଖି ନିଦରେ ଭାରି ହେବାରେ ଲାଗିଲା । ତଳେଥିବା ହାତୀପଲଙ୍କ ଭିତରୁ ଛୁଆହାତୀମାନେ ବି ତଳେ ଶୋଇ ପଡ଼ିଲେ । ସେତେବେଳେ ଯଦି କେହି ସେ ହାତୀ ଛୁଆମାନଙ୍କୁ ପଚାରିଥା'ନ୍ତା ତ ସିଏ କହି ଦେଇଥାନ୍ତେ, "ଏଇ ମଣିଷ ପିଲାଗୁଡ଼ାଙ୍କୁ କାହିଁକି ଘେରିଛ ! ଇଏତ ଆମର କିଛି କ୍ଷତି କରି ନାହାନ୍ତି ! ଏମାନଙ୍କୁ ଏବେ ଛାଡ଼ିଦିଅ ।"

Digitized by srujanika@gmail.com

ପିଲାମାନେ ଜାଣି ଯାଇଥିଲେ ରାତିସାରା ହାତୀମାନେ ସେମିତି ଗଛତଳେ ତାଙ୍କୁ ଜଗିକି ରହିବେ ବୋଲି । ହେଲେ ରାତି ପହରେ ହେବ କି ନାହିଁ ହାତୀପଲ ଶୁଣ୍ଢ ଟେକି ପିଲାମାନଙ୍କର ଗାଁ ଆଡ଼କୁ ଅନେଇବାରେ ଲାଗିଲେ । ସବୁହାତୀ ସତର୍କ ହୋଇ ଠିଆ ହୋଇ ପଡ଼ିଲେ । ଦୂରରୁ କିଛି ହଲ୍ଲାଗୁଲ୍ଲାର ଶବ୍ଦ ପିଲାମାନଙ୍କୁ ବି ଶୁଣାଗଲା । ଇଏତ ମଣିଷମାନଙ୍କର ପାଟି, ହାତୀମାନଙ୍କ ଆଡ଼କୁ ଶବ୍ଦଟା ପାଖେଇ ଆସୁଥିଲା । ମଣିଷପିଲାମାନଙ୍କୁ ପତ୍ର ଆଢୁଆଳରେ ଭଲକରି ଦେଖାଯାଉ ନଥିଲେ ବି ଦୂରରୁ ଆଲୁଅ ଦେଖାଗଲା । ଆପଣା ପିଲାମାନେ ରାତି ପର୍ଯ୍ୟନ୍ତ ଘରକୁ ଫେରି

ମଣିଷ ନିଆଁ ଜଳେଇବାର ନୂଆ ପଦ୍ଧତି ଆବିଷ୍କାର କରିପାରିଲା

Digitized by srujanika@gmail.com

ନଥିବାରୁ ଆଲୁଅ ଆଉ ହାତ ହତିଆର ନେଇ ପିଲାଙ୍କ ମାତା ପିତା ଖୋଜିବାକୁ ବାହାରି ପଡ଼ିଥିଲେ। ଦୂରରୁ ଆଲୁଅ ଆଉ ପାଟିଗୋଳ ଶୁଣି ହାତୀମାନେ ଡରିଗଲେ। ସିଏ କ'ଣ ମଣିଷଙ୍କୁ ଡରୁଥିଲେ ! ଏବେ ତ ମଣିଷ ପାଖରେ ଖାଲି ସେଇ ତମ୍ବାର କିଛି ଛୋଟ ମୋଟ ହତିଆର ଅଛି। ସେସବୁକୁ ହାତୀ କାହିଁକି ଡରନ୍ତେ ମ! ତାଙ୍କର ଡର ଖାଲି ସେଇ ଅଗ୍ନି ଦେବତାଙ୍କୁ। ଯେବେଠାରୁ ଅଗ୍ନିଦେବତା ମଣିଷର ସାଥି ହୋଇଯାଇଥିଲେ, ସେବେଠାରୁ ସବୁ ଜନ୍ତୁ ଜାନୁଆର ମଣିଷଙ୍କୁ ଡରିବାକୁ ଆରମ୍ଭ କରି ଦେଇଥିଲେ। ସତରେ ସେଇଆ ହେଲା। ମଣିଷମାନେ ସେଠାରେ ପହଞ୍ଚିବା ଆଗରୁ ହାତୀପଲ ସେ ଜାଗା ଛାଡ଼ି ପଳେଇଲେ।

(୨୪)

ମଣିଷ ସମାଜରେ ଦାସପ୍ରଥାର ଆରମ୍ଭ

ତମ୍ବାଯୁଗରେ ମଣିଷ ତମ୍ବାର ତଲୱାର ତିଆରି କରିବା ପରେ ଆହୁରି ସାହସୀ ହୋଇଗଲା। ହେଲେ ସେଇ ସମୟରୁ ସମାଜ ବ୍ୟବସ୍ଥାରେ ସ୍ତ୍ରୀମାନେ ଛୋଟ ହୋଇଗଲେ ଆଉ ପୁରୁଷମାନେ ସବୁ କଥାରେ ନିଜକୁ ବଡ଼, ଆଉ ଶ୍ରେଷ୍ଠ ବୋଲି ବିଚାରିବାକୁ ଆରମ୍ଭ କଲେ। ବାହାରେ ଯାହା କିଛି ଉପାର୍ଜନ କରିବାର କାମ ପୁରୁଷ କରୁଥିଲା। ସିଏ ଗାଈ, ଛେଳି, ମେଣ୍ଢା ଚରାଉଥିଲା, କ୍ଷେତରେ ହଳ କାମ କରୁଥିଲା। ଆଉ ସ୍ତ୍ରୀମାନେ କେବଳ ଘର ଭିତର କାମ କରୁଥିଲେ। ହଁ ସେତେବେଳେ ଆହୁରି ଗୋଟିଏ ମନ୍ଦ କଥା ଆରମ୍ଭ ହେଲା। ସ୍ତ୍ରୀ ପୁରୁଷମାନେ ହାଟ ବଜାରରେ ବିକ୍ରି ଖର୍ଦ୍ଦି ହେବା ଆରମ୍ଭ ହେଲା। ମଣିଷ ଯେତେବେଳେ ଗୁମ୍ଫାରେ ରହୁଥିଲେ ସେତେବେଳେ ଦୁଇଟା ଗୁମ୍ଫାର ଲୋକଙ୍କ ଭିତରେ ଲଢ଼େଇ ଲାଗୁଥିଲେ ଗୋଟିଏ ଦଳ ଆର ଦଳର ଲୋକଙ୍କୁ ଜୀବନରୁ ମାରି ଦେଉଥିଲେ ।

Digitized by srujanika@gmail.com

ସେତେବେଳେ ମଣିଷଙ୍କର କାମ ଥିଲା ଶିକାର କରିବା, ମାଛ ଧରିବା ଆଉ ଗଛରୁ ଫଳ ତୋଳି ଆଣିବା। ଏଇ ସବୁକାମ ସବୁମଣିଷ ନିଜ ହାତରେ କରୁଥିଲେ । ସେତେବେଳେ ନିଜ ପାଇଁ ଖାଇବା ଦରବ ଯୋଗାଡ଼ କରିବା ପାଇଁ ତ ମଣିଷକୁ ବହୁତ କଷ୍ଟ କରିବାକୁ ପଡୁଥିଲା, ପୁଣି ଲୋକ ଲଗାଇ କାମକଲେ ତାଙ୍କୁ ଖାଇବାକୁ କୁଆଡୁ ଆଣି ଦେଇଥା'ନ୍ତା ! ଏବେ ତମ୍ବା ଯୁଗରେ ମଣିଷ ଆଉ ମଣିଷ ମାଂସ ଖାଉ ନଥିଲା କିନ୍ତୁ ଅନ୍ୟ ମଣିଷଙ୍କୁ ଆପଣାର ଦାସ କରି ରଖୁଥିଲା ।

କ୍ଷେତକାମ ଆରମ୍ଭ ହେଲା ପରେ କ୍ଷେତରେ ବହୁତ ଖଟିବାକୁ ପଡ଼ିଲା। ପୋଷା ଜନ୍ତୁ ଜାନୁଆରଙ୍କ ପାଇଁ ବି ଅଧିକ କାମ କରିବାକୁ ପଡୁଥିଲା । ସେଥିପାଇଁ ବାହାରୁ ଲୋକଙ୍କୁ ଧରି ଆଣି ଖାଇବାକୁ ଦେଇ ତାଙ୍କୁ କାମରେ ଲଗାଗଲା, ଯେପରି ଗାଈ ବଳଦଙ୍କୁ କାମରେ ଲଗାଯାଏ । ଏମାନଙ୍କୁ ଦାସ, ଦାସୀ କୁହା ଯାଉଥିଲା। ଏମାନଙ୍କ ସହିତ ପଶୁ ଭଳି ବ୍ୟବହାର କରା ଯାଉଥିଲା । ଏମାନଙ୍କୁ ବାଡ଼ିରେ ପିଟା ଯାଉଥିଲା, ସବୁଠାରୁ ଖରାପ ଖାଇବା ଆଉ ଖରାପ କପଡ଼ା ଏମାନଙ୍କୁ ଦିଆ ଯାଉଥିଲା। ଥରକର କଥା ଶୁଣ । ଘର ମାଲିକାଣି ଗାଈ ଦୁହୁଁଥାଏ। ଗାଈଟା ବହୁତ ବଡ଼ ଥିଲା। ସିଏ ପାଖରେ ଥିବା ତା'ଦାସୀକୁ କହିଲା, "ଆଲୋ କାଳୀ, ଦେଖୁଛୁ କ'ଣ ? ନଇଁ ପଡ଼ିବୁଟି ।" କାଳୀ ହାମୁଡ଼େଇ ପଡ଼ିଲା, ଆଉ ମାଲିକାଣି ତା ପିଠି ଉପରେ ବସି କ୍ଷୀର ଦୁହିଁବାରେ ଲାଗିଲା। ସେତେବେଳେ ଦାସଦାସୀମାନେ ମାଲିକଙ୍କର ଗାଈ ବାଛୁରୀ ସହିତ ସମାନ ଥିଲେ। ମାଲିକ ଯେତେବେଳେ ଭାବୁଥିଲା, ଦାସ - ଦାସୀଙ୍କର ବେଶି ପିଲା ଝିଲା ହୋଇଗଲାଣି ତେଣୁ ତାଙ୍କୁ ବିକ୍ରି କରିଦେବା ଦରକାର, ସେତେବେଳେ ତାଙ୍କୁ ନେଇ ବଜାରରେ ବିକ୍ରି କରି ଦିଆଯାଉଥିଲା। ଦାସ ଦାସୀଙ୍କ କିଣା ବିକା ପାଇଁ ବଜାର ବସୁଥିଲା। ମାଆ କାନ୍ଦୁଥିଲା ବେଳେ ତା'ରି ଆଖି ସାମ୍ନାରେ ତା' ଛୁଆକୁ ନେଇ ବଜାରରେ ବିକ୍ରି କରି ଦିଆଯାଉଥିଲା। ତମ୍ବାଯୁଗରେ ଏଇ ଦାସ ଦାସୀ କିଣା ବିକାର ପ୍ରଥାଟି ଆରମ୍ଭ ହେଲା ।

Digitized by srujanika@gmail.com

ଦାସ ଦାସୀମାନେ ମାତ୍ର ଡର ହେତୁ ମାଲିକର ବହୁତ କାମ କରୁଥିଲେ। ସକାଳୁ ଅନ୍ଧାର ଥାଉ ଥାଉ କାମରେ ଲାଗି ଯାଉଥିଲେ ଆଉ ଅଧ ରାତି ହେବା ପୂର୍ବରୁ ତାଙ୍କୁ କାମରୁ ଛୁଟି ମିଳୁ ନଥିଲା । ଜଣେ ଜଣେ ମାଲିକାଣି ଭଲ ସ୍ୱଭାବର ଥିଲେ । ସେପରି ମାଲିକାଣି ଦାସଦାସୀଙ୍କ ଉପରେ ଅତ୍ୟାଚାର କରୁନଥିଲେ ।

ନିଜ ଦାସ ଦାସୀଙ୍କର ଭଲ ଖିଆଲ ରଖୁଥିଲେ । ଧନୀ ଲୋକମାନେ ଦାସ ଦାସୀ ରଖୁଥିଲେ। ପଥର ଯୁଗରେ ଧନୀ ଗରିବ ନଥିଲେ । ଯେଉଁସବୁ ଖାଇବା ଦରବ ଜଙ୍ଗଲରେ ମିଳୁଥିଲା, ସମସ୍ତେ ଦଳରେ ମିଶି ତାକୁ ଏକାଠି ଜମା କରୁଥିଲେ ଆଉ ଏକାଠି ମିଶି ଖାଉଥିଲେ । ତମ୍ବା ଯୁଗରେ ସମସ୍ତେ ଅଲଗା ଘର କରି ରହିଲେ ଆଉ ଅଲଗା ଅଲଗା କରି ନିଜ ଜିନିଷ ପତ୍ର ରଖିବାରେ ଲାଗିଲେ। ଧୀରେ ଧୀରେ ଜଣେ ଜଣେ ଅନ୍ୟ ମାନଙ୍କଠାରୁ ଅଧିକ ଧନୀ ହେବାରେ ଲାଗିଲେ । କିଛି ଲୋକ ଗରିବ ବି ଥିଲେ ।

ପ୍ରଥମେ ସ୍ତ୍ରୀ ବଳୁଆ ଥିଲା, ଏବେ ପୁରୁଷ ବଳୁଆ ହୋଇଗଲା,

ଦାସ ଦାସୀ ରହିବା ପରେ ଧନୀ ତ ଆହୁରି ଧନୀ ହେବାରେ ଲାଗିଗଲା ।

Digitized by srujanika@gmail.com



ଆର୍ଯ୍ୟଲୋକମାନେ ପଶୁପାଳନ କରୁଥିଲେ

ଲୋକେ ପୋଷା ପଶୁଠାରୁ ଦୁଧ ଦୁହିଁବାକୁ ଲାଗିଲେ



ସ୍ତ୍ରୀ ଲୋକମାନେ ପାଣି ଭରିବା, ବୋହିବା ଆଦି କାମ କଲେ।

Digitized by srujanika@gmail.com

(୨୫)
ମୁନା ଭଲପିଲା ହେଲା

ତମ୍ବାଯୁଗ (ତାମ୍ରଯୁଗ) ଦୁଇ, ଅଢ଼ାଇ ହଜାର ବର୍ଷରୁ ଅଧିକ ରହିଲା। ଏହି ସମୟରେ ମନୁଷ୍ୟ ଗଣିବା ଶିଖିଲା । ତେବେ ଅକ୍ଷର ଜାଣି ନଥିଲା । ଏଇ ସମୟରେ ଯେଉଁ ମୁନା ମୁନି ଭାଇ ଭଉଣି ଦି'ଜଣ ଥିଲେ, ତାଙ୍କ ଭିତରୁ ମୁନା ଛୋଟ ଆଉ ମୁନି ବଡ଼ ଥିଲା । ବାବା ମାଆ ଯାହା କହୁଥିଲେ, ମୁନି ତାଙ୍କ କଥା ସବୁ ମାନି ଯାଉଥିଲା, ହେଲେ ମୁନା ସବୁ କଥା ମାନୁ ନଥିଲା ।

ମୁନା ବାପା ମାଆଙ୍କ କଥା ମାନୁ ନଥିଲା ବୋଲି ସମସ୍ତେ ଜାଣିଗଲେ । ମୁନା ତ ମଣିଷ ! ତାର ଦେହ ଗୋଟିଏ ଥିଲା, ହେଲେ ତା'ଭିତରେ ମନ ଦିଇଟା ଥିଲା । ଗୋଟିଏ ଭଲ ମନ, ଗୋଟିଏ ଦୁଷ୍ଟ ମନ । ଯେତେବେଳେ ବାପା ମାଆ ତାକୁ କିଛି କରିବାକୁ କହୁଥିଲେ, ତା'ର ଦୁଷ୍ଟ ମନଟା ଆଗ ବାହାରି ପଡ଼ି କହୁଥିଲା, "ନା, କାମ କରନା ।" ମୁନା ତା କଥାରେ ପଡ଼ି ଯାଉଥିଲା ।

ବେଳେ ବେଳେ ବିଚରା ମୁନା ତା ଦୁଷ୍ଟ ମନକୁ ବହୁତ ବୁଝାଉଥିଲା । ହେଲେ ତା' ମନ ଭିତରେ ଥିବା ଦୁଷ୍ଟ ସୈତାନ ତା' କଥା ମାନୁ ନଥିଲା । ଦିନେ ମୁନା ବାବା କଥା ନଶୁଣିବାରୁ ସେ ବହୁତ ରାଗିଗଲେ । ସେତେବେଳେ ବାବା ମାଆ ରାଗିଗଲେ ପିଲାଙ୍କୁ ପିଟି ପକାଉଥିଲେ । ମୁନା ବେଳେ ବେଳେ ମାଡ଼ ଖାଉଥିଲା । କିନ୍ତୁ ମାଡ଼ ଖାଇଲେ ତାକୁ ବେଶି ଦୁଃଖ ହେଉ ନଥିଲା । ହେଲେ ତା ଭଉଣି ମୁନିର ମନ ଦୁଃଖ ହୋଇ ଯାଉଥିଲା । ସେ ମୁନାର ମାଡ଼ ଖାଇଥିବା ପିଠି ଆଉଁଷି ଦେଉଥିଲା ଆଉ ଗେଲ କରି କହୁଥିଲା, "ତୁ କାହିଁକି ଏପରି କରୁଛୁ ?" ମୁନା

Digitized by srujanika@gmail.com

ଭଉଣି ବେକରେ ଓହଳି ପଡ଼ି କହୁଥିଲା, "ଦିଦି, ମୁଁ କ'ଣ କରିବି ? ମୋ ଭିତରେ ତ ଦିଇଟା ମୁନା ଅଛନ୍ତି । ଜଣେ ଭଲ ଆଉ ଜଣେ ଖରାପ । ଜଣେ କହୁଛି, ବାବା ମାଆ ଆମକୁ କେତେ ଭଲ ପାଆନ୍ତି । ଆମର କେତେ ମଙ୍ଗଳ କାମନା କରନ୍ତି, ତେଣୁ ତାଙ୍କ କଥା ମାନିବା ଦରକାର । ହେଲେ ଦୁଷ୍ଟ ମୁନାଟା କହେ- ନା, କଥା ମାନନା । ସେଇଥି ପାଇଁ ମୁଁ ଏମିତି ଅମାନିଆ ହୋଇଯାଏ।"

ମୁନି ତା'କଥା ଶୁଣି କହୁଥିଲା, "ଦୁଷ୍ଟ, ଖଳର କଥା ମାନିବା ଉଚିତ୍ ନୁହଁ । ମାଆ ଯାହା କହେ ତା'କଥା ମାନିବା ଉଚିତ୍ । ସେଇ କାମ କରିବା ଉଚିତ୍ । ସେଇ କଥା କଲେ ମନ ଭିତରେ ଥିବା ଦୁଷ୍ଟ ବିଚାର କମ୍‌ଜୋର୍ ହୋଇଯିବ ।" ମୁନା ପଚାରେ, "ଦିଦି, ତୋ ଭିତରେ ବି କ'ଣ ଏମିତି ଦି'ଟା ମନ ଅଛି ?" ମୁନି କହେ, "ହଁ ଆମ ସମସ୍ତଙ୍କ ଭିତରେ ଏପରି ଦି'ଟା ବିଚାର ଅଛି ହେଲେ ଆମେ ସେଇ ଦୁଷ୍ଟ ମନର କଥା କଦାପି ମାନିବା ଉଚିତ୍ ନୁହେଁ । ସେଇ ଦୁଷ୍ଟ ମନଟା 'ଚୋର' ଯିଏ ମାଆ ବାବାଙ୍କ କଥା ନମାନିବାକୁ ଫୁସୁଲେଇଥାଏ । ସେଇ ଚୋର ମନଟା ନିଦ ଭାଙ୍ଗିଲେ ବି ବିଛଣାରୁ ଉଠିବାକୁ ଚାହୁଁ ନଥାଏ । ମଣିଷକୁ ଅଳସୁଆ କରାଇଥାଏ । ତା' କଥା ମାନିଲେ କିଛି କାମ କରିପାରିବ ନାହିଁ ।"

ଦିଦି କଥା ଶୁଣି ମୁନା ସେଦିନ ସବୁକଥା ବୁଝିପାରିଲା । ସେଦିନଠାରୁ ତା' ଭିତରେ ଥିବା ସେଇ ଚୋର ଦୁଷ୍ଟ ମନଟା ପ୍ରତି ସେ ସଜାଗ ରହିଲା । ଦିନେ ମାଆ କହିଲା, "ମୁନା, ଯା' ବାଛୁରି ପାଇଁ କେରାଏ ଘାସ କାଟି ଆଣ ।" ଚୋର ମନଟା ସାଙ୍ଗେ ସାଙ୍ଗେ ଚୁପ୍ କରି ଶିଖେଇଲା- "କରନା ଏ କାମ ।" ମୁନା, ତାକୁ କହିଲା- "କାହିଁକି କରିବି ନାହିଁ ?" -ଘାସ କାଟିବା ପରିଶ୍ରମର କାମ। ଏତେ କଷ୍ଟ କରିବୁ କାହିଁକି' ? ଚୋର ମନ କହିଲା । ମୁନା ତାକୁ ବୁଝାଇଲା - "ଏମିତି କହନ୍ତି ନାହିଁ କି କରନ୍ତି ନାହିଁ ।" ବାସ୍ ଚୋର ମନଟା କୁଆଡ଼େ ଛପିଗଲା ।

□□□

Digitized by srujanika@gmail.com

(୨୬)

ଆର୍ଯ୍ୟଜାତିଙ୍କ ଆଗମନ

ପଥର ଯୁଗରେ କଳା ଆଉ ହଳଦିଆ ରଙ୍ଗର ଲୋକଙ୍କ ଭିତରେ ଲଢ଼ାଇ ହେଉଥିଲା ବୋଲି ପ୍ରଥମରୁ କହିଥିଲି । ଏହାପରେ ଯେ ଲଢ଼ାଇ ହେଉ ନଥିଲା ସେ କଥା ନୁହେଁ । ଦି'ଜାତିଙ୍କ ଭିତରେ ପ୍ରାୟ ଲଢ଼େଇ ଲାଗୁଥିବାରୁ ପରସ୍ପର ଠାରୁ ଏମାନେ ଦୂରେଇ ରହୁଥିଲେ । ପରେ ଆଉ ଏକ ଜାତିର ଲୋକ ଆସି ପହଞ୍ଚିଲେ । ଏମାନେ କଳା ନଥିଲେ କି ହଳଦିଆ ନଥିଲେ, ବାସ୍ ଖାଲି ଗୋରା ଦେଖା ଯାଉଥିଲେ । ଆଗ ଦୁଇଜାତିଙ୍କ ଠାରୁ ଏମାନେ ଗୋଟିଏ କଥାରେ ବେଶ୍ ଆଗୁଆ ଥିଲେ । ଏମାନେ ତମ୍ବାରେ ନାନା ପ୍ରକାର ହତିଆର ତିଆରି କରି ବ୍ୟବହାର କରୁଥିଲେ । ଖାଲି ନଦୀରେ ନୁହେଁ ସମୁଦ୍ରରେ ବି ଜାହାଜ ଚଳେଇ ଯିବା ଆସିବା କରି ପାରୁଥିଲେ । ତେବେ ସେଇ ଜାହାଜ ଲୁହାର ନଥିଲା । ଲୁହାର ବ୍ୟବହାର ତ ମଣିଷ ସେତେବେଳେ ଜାଣି ନଥିଲା । କାଠ ତିଆରି ବଡ଼ ବଡ଼ ଜାହାଜରେ କାଠର ପାଲ ଟାଙ୍ଗି ଦେଉଥିଲେ । ଆଉ ପବନ ସେଇ ଜାହାଜକୁ ଜୋର୍‌ରେ ପେଲି ପେଲି ନେଇ ଯାଉଥିଲା । ଲଢ଼େଇ କରିବାରେ ବି ଏମାନେ ଧୁରନ୍ଧର ଥିଲେ । ଲେପ୍‌ଚା-ତମାଙ୍ଗ ଜାତିର ବାପ ଅଜା କିରାତମାନେ ବଡ଼ ଲଢୁଆ ଥିଲେ, ଆଉ କଳା ନିଷାଦ ବି କମ୍ ନଥିଲେ । ହେଲେ ଏଇ ଗୋରା ଲୋକମାନେ ଭାରି କୌଶଳରେ ଲଢ଼େଇ କରୁଥିଲେ । ଅନେକ ପ୍ରକାରର କପଡ଼ା ତିଆରି କରି ପାରୁଥିଲେ, କ୍ଷେତରେ ବହୁତ ପ୍ରକାରର ଫସଲ ବି କରୁଥିଲେ । ଗାଈ, ବଳଦ ଇତ୍ୟାଦି ପଶୁ ବି ପାଳନ କରୁଥିଲେ । ଗୋଟାଏ ପ୍ରକାର ରଥ ତିଆରି କରି ସେଥିରେ ବଳଦ ଯୋଚି ବେଶ୍ ଜୋର୍‌ରେ ଚଳାଉଥିଲେ । ଖାଲି ଗାଁ ନୁହେଁ

Digitized by srujanika@gmail.com

ସହରମାନ ତିଆରି କରି ସେଠାରେ ବି ରହୁଥିଲେ। ପଞ୍ଜାବର ଅମୃତସର ସହରର ଆହୁରି ପଶ୍ଚିମକୁ ସିନ୍ଧୁନଦୀ କୂଳରେ ଏମାନେ ପ୍ରଥମେ ରହୁଥିଲେ। ଧୀରେ ଧୀରେ ଏମାନେ ପୂର୍ବ ଦିଗ ଆଡ଼କୁ ଆସିବାରେ ଲାଗିଲେ । ନଦୀକୂଳମାନଙ୍କରେ ସହର ଗଢ଼ି ଏମାନେ ରହୁଥିଲେ । ବଡ଼ ବଡ଼ ନାଆରେ ଯିବା ଆସିବା କରୁଥିଲେ, ଆଉ ସେଥିରେ ଜିନିଷ ପତ୍ର ନେଇ ଅଲଗା ଅଲଗା ଯାଗାରେ ବିକ୍ରି କରୁଥିଲେ ।

ଏଇ ସିନ୍ଧୁକୂଳର ଲୋକେ ଆଗକୁ ଆଗକୁ ଆସି ବନାରସ ପର୍ଯ୍ୟନ୍ତ ଆସିଗଲେ । ଏଠାରେ ପହଞ୍ଚି ଦୁର୍ଗ, ସହର ତିଆରି କଲେ, ଦୋକାନ ବି ଖୋଲିଲେ । କିରାତ ଆଉ ନିଷାଦ ଜଙ୍ଗଲରେ ରହୁଥିଲେ । ଏମାନେ ଶିକାର କରି ବାଘଛାଲ, ମୃଗଛାଲ, ମହୁ, ଜଙ୍ଗଲି ଫଳ ଆଉ ଶସ୍ୟ ଆଣି ସିନ୍ଧୁବାଲାଙ୍କ ପାଖରେ ବିକ୍ରି କରୁଥିଲେ ଏବଂ ସେମାନଙ୍କ ଠାରୁ ତାଙ୍କ ଜିନିଷସବୁ ନେଇ ଯାଉଥିଲେ । ଜଙ୍ଗଲି ମଣିଷ ବଡ଼ ସରଳ ଥିଲେ କିନ୍ତୁ ସିନ୍ଧୁବାଲା ଚାଲାଖ । ସେମାନେ ଜଙ୍ଗଲି ଜିନିଷସବୁ ଶସ୍ତାରେ କିଣି ନେଉଥିଲେ ହେଲେ ନିଜ ଜିନିଷ ବିକ୍ରି କରୁଥିଲେ ମହଙ୍ଗାରେ । ବେଳେ ବେଳେ ଏଇ କଥାକୁ ନେଇ ଦି'ପକ୍ଷ ଭିତରେ ଲଢ଼େଇ ଝଗଡ଼ା ବି ଲାଗି ଯାଉଥିଲା ଯେ ସେଥିରେ ବହୁତ ଲୋକ ମରୁଥିଲେ । ଏଇ ଜଙ୍ଗଲି ମଣିଷଙ୍କ ଭିତରୁ ଅନେକଙ୍କୁ ସିନ୍ଧୁବାଲା ଲୋକେ ଦାସ ଭାବରେ ବି କିଣି ନେଉଥିଲେ । ବୁଦ୍ଧିଆ ହୋଇଥିବାରୁ ଧୀରେ ଧୀରେ ସିନ୍ଧୁବାଲା ଲୋକଙ୍କର ଶକ୍ତି ବଢ଼ିବାରେ ଲାଗିଲା । ଅନ୍ୟ ଜାତିର ଲୋକେ ସେମାନଙ୍କୁ ଡରିବାରେ ଲାଗିଲେ । ସିନ୍ଧୁ ଲୋକଙ୍କ ରାଜାଙ୍କୁ ଭୟରେ ନିଜ ରାଜା ବୋଲି ମାନିଲେ, ଆଉ ପ୍ରତ୍ୟେକ ବର୍ଷ ତାଙ୍କୁ ବହୁତ ଧନ ଦେବାକୁ ଲାଗିଲେ ।

ପ୍ରଥମ ଦୁଇ ଜାତିର ଲୋକେ ଲେଖାପଢ଼ା ଜାଣି ନଥିଲେ । ହେଲେ ସିନ୍ଧୁକୂଳର ଲୋକେ ଆଗ ଲେଖାପଢ଼ା ଜାଣିଲେ । ଅକ୍ଷର ଯଦି ନଥା'ନ୍ତା ଆମେ କ'ଣ କାହା ପାଖକୁ ଚିଠିପତ୍ର ଲେଖି ପାରୁଥାନ୍ତେ! ସେହିପରି ପୁରୁଣା ଯୁଗରେ ଯେତେବେଳେ ରେଳଗାଡ଼ି, ଉଡ଼ାଜାହାଜ ନଥିଲା, ଲୋକେ ମାସ ମାସ ଧରି ଚାଲି ଚାଲି ଦୂର ଜାଗାମାନଙ୍କୁ ଯାଉଥିଲେ, ଅକ୍ଷର ଲେଖା ଜଣା ନଥିବାରୁ ଲୋକେ ଦୂର

Digitized by srujanika@gmail.com

ଜାଗାରେ ଥିବା ତାଙ୍କ ନିଜ ଲୋକଙ୍କ ପାଖକୁ ଲୋକଙ୍କ ଦ୍ୱାରା ଖବର ପଠାଉଥିଲେ । ହେଲେ ଖବର ନେଇଯିବା ଲୋକ କେତେ ଲୋକଙ୍କ ଖବର ମନେ ରଖି କହିପାରନ୍ତା ! ସେମାନେ ଯେତେବେଳେ ସିନ୍ଧୁକୂଳର ଲୋକଙ୍କୁ କାଠ ଉପରେ ପତର ଉପରେ ଚିଠି ପଢ଼ିବାର ଦେଖିଲେ (ଅନ୍ୟ ଜାତିର ଲୋକମାନେ) ଭାରି ଆଚମ୍ବିତ ହୋଇଗଲେ । ପ୍ରଥମେ ତ ଏକଥାକୁ ଜାଦୁ ମନ୍ତବୋଲି ଭାବିଲେ । ସେତେବେଳେ ସବୁ ମଣିଷଙ୍କୁ ବି ଲେଖି ଆସୁ ନଥିଲା । କାଗଜ ନଥିଲା କି ସ୍ଲେଟ ଖଡ଼ି ବି ନଥିଲା । କେବେ ଚମଡ଼ା ଉପରେ ଲେଖୁଥିଲେ ତ କେବେ କାଠପଟା ଉପରେ ଲେଖୁଥିଲେ ।

(୨୭)

ପିଲାଙ୍କୁ ଚୋରେଇ ନେଇ ବିକ୍ରି କଲେ

ଏବେ ଆମେ ଜାଣିଲେ ଗୋରା, କଳା ଆଉ ହଳଦିଆ ଏଇ ତିନି ଜାତିର ଲୋକ ରହିଲେ । ତେବେ ସମସ୍ତେ ଆପଣା ଆପଣା ବାଗରେ ଅଲଗା ଅଲଗା ରହୁଥିଲେ । ଯେତେବେଳେ ଲଢ଼େଇ ଝଗଡ଼ା ହେଉ ନଥିଲା ତ ମିଳିମିଶି ହସଖୁସି ବି ହେଉଥିଲେ । ହେଲେ ତିନି ଜାତିଙ୍କର କହିବାର ବୋଲି ଅଲଗା ଅଲଗା ଥିଲା । କେହି କାହା ଭାଷା ବୁଝି ପାରୁନଥିଲେ ।

ଏଇ କଥାଟି 'ବନାରସ' ପାଖର ଗୋଟିଏ ଜାଗାର କଥା । ସହର ପାଖରେ ଜଙ୍ଗଲ ବି ଥିଲା, ଯେଉଁଠାରେ ହାତୀ, ବାଘ, ସିଂହ ବି ରହୁଥିଲେ । ସେଇ ଜଙ୍ଗଲରେ ନିଷାଦ ଲୋକଙ୍କର ଗାଁ ଥିଲା । ଘାସ ପତରରେ ତିଆରି କୁଡ଼ିଆର ଗାଁ । ବେଳେ ବେଳେ ସେଇ ଗାଁକୁ ଛାଡ଼ି ସେମାନେ ଅନ୍ୟ ଜାଗାକୁ ବି ଚାଲିଯାଉଥିଲେ । ସେ ସମୟରେ ସିନ୍ଧୁକୂଳର ଲୋକେ ବନାରସରେ ଇଟାଘର ତିଆରି କରି ରହୁଥିଲେ । ସଡ଼କରେ ବଳଦ ଟଣା ରଥ ବି ଚଳାଉଥିଲେ । ସିନ୍ଧୁ ବେପାରିମାନେ ଯେଉଁ ସବୁ ଜାଗାକୁ ବେପାର କରିବାକୁ ଯାଉଥିଲେ ସେ

Digitized by srujanika@gmail.com

ଜାଗାମାନଙ୍କରେ ନିଜ ଲୋକଙ୍କୁ ରଖୁଥିଲେ । ସେମାନେ ସେଠାକାର ବେପାର ଦେଖାରଖା କରୁଥିଲେ । ସବୁ ଜିନିଷକୁ ନେଇ ଏମାନେ ବେପାର ବଣିଜ କରୁଥିଲେ । ସବୁ ଜାତିର ଲୋକେ ମଝିରେ ମଝିରେ ମନଖୁସି ଲାଗି ନାଚ ଗୀତ କରୁଥିଲେ । ନିଷାଦ ଗାଁର ପୁଅ ଝିଅମାନେ ବି ନାଚ ଗୀତ କରୁଥିଲେ । ଦିନେ ନିଷାଦ ପିଲାମାନେ ଜଙ୍ଗଲରେ ନାଚ ଗାନା କରୁ କରୁ ଡେରି ହୋଇଗଲା । ଘରକୁ ଫେରିବା କଥା ଭୁଲିଗଲେ । ହଠାତ୍ ଜଙ୍ଗଲ ଭିତରୁ ଦଳେ ଲୋକ ବାହାରି ଆସି ସେଇ ନିଷାଦ ପିଲାଙ୍କୁ ଚାରିଆଡୁ ଘେରିଗଲେ । ନାଚ ଗାନା ବନ୍ଦ ହୋଇଗଲା । ପିଲାମାନେ ଭୟରେ ଠିଆ ହୋଇଗଲେ । ସେଇ ଆଗନ୍ତୁକ ଲୋକମାନେ ତଲୱାର ଦେଖାଇ ପିଲାଙ୍କୁ ଡରାଇଲେ, କହିଲେ, "ଖବରଦାର, ପାଟି କରିବ ନାହିଁ । ନହେଲେ ଏଇ ତଲୱାର ତୁମ ପେଟରେ ଭୁସିଦେବୁ ।" ଏକଥା ଶୁଣି ପିଲାମାନେ ଡରିଯାଇ ଚୁପ୍ ହୋଇଗଲେ ।

ସେଇ ଲୋକଙ୍କ ଭିତରୁ ଜଣେ ନିଷାଦଙ୍କ ଭାଷାରେ କହିଲା ; "ଚାଲ, ଆମ ଆଗେ ଆଗେ ।" ସେମାନେ ପିଲାମାନଙ୍କୁ ମଗହୀ ନଦୀ ପାଖକୁ ନେଇ ଗଲେ । ନଦୀ କୂଳରେ ନାଆ ଥିଲା । ସେମାନେ ପିଲାମାନଙ୍କ ହାତ ବାନ୍ଧିଦେଇ ନାଆ ଉପରେ ବସେଇ ଦେଲେ । ଜାଣିଛ କେତେ ପିଲା ଥିଲେ ? ପୂରା ଷୋହଳଜଣ ଝିଅ ଆଉ ପୁଅ ଥିଲେ । ତାଙ୍କୁ ଧରିଆଣିଥିବା ଲୋକମାନେ ବି ସେଇ ନାଆରେ ବସିଗଲେ । ବର୍ଷାଦିନ, ତେଣୁ ନଦୀରେ ବହୁତ ପାଣି ଥିଲା । ନହେଲେ ଏଇ ଛୋଟ ନଦୀରେ ନାଆ କେଉଁଠୁ ଚାଲି ପାରନ୍ତା ! ଏଇସବୁ କାମ ଏମିତି ଚୁପ୍‌ଚାପ୍ ହୋଇଗଲା କି କାହାକୁ ପତ୍ତା ବି ଲାଗିଲା ନାହିଁ / ଗାଆଁ ଲୋକ କେହି କିଛି ଜାଣି ପାରିଲେ ନାହିଁ । ପିଲାଗୁଡ଼ାଙ୍କ ବୟସ ଆଠ ବରଷରୁ ଷୋହଳ ବରଷ ଭିତରେ । ବିଚରା ଭୟରେ ଜୋର୍‌ରେ ପାଟି ବି କରିପାରୁ ନଥିଲେ । ଜଣେ ପିଲା ଜୋର୍‌ରେ ପାଟି କରି କାନ୍ଦିଲା ବୋଲି ଦୁଷ୍ଟ ଲୋକମାନେ ତା କାନକୁ କାଟିଦେଲେ । କାନରୁ ରକ୍ତଧାର ବୋହି ଯାଉଥାଏ । ଅନ୍ଧାର ଭିତରେ ନାଆ ଯେମିତି ଉଡ଼ି ଚାଲିଥାଏ । ପିଲାମାନେ ଜାଣିଲେ ତାଙ୍କୁ ଧରି ନେଉଥିବା

Digitized by srujanika@gmail.com

ଲୋକମାନେ କିରାତ ଜାତିର। ପିଲାଙ୍କ ଭିତରୁ ଜଣେ ଅଳ୍ପ ଅଳ୍ପ କିରାତ ଭାଷା କହି ବୁଝି ପାରୁଥିଲା । ପିଲାଙ୍କ ପାଟି ସିନା ଚୁପ୍ ଥିଲା ହେଲେ ଆଖିରୁ ଲୁହ ଧାର ବହି ଚାଲିଥିଲା । ରାତିରେ ପିଲାଗୁଡ଼ାଙ୍କୁ କିଛି ରୁଟି ଆଉ ପୋଡ଼ାମାଛ ଖାଇବାକୁ ଦିଆଗଲା । ମାତ୍ର ଡର ହେତୁ ତାଙ୍କୁ ଭୋକ ବି ହେଉ ନଥିଲା । ଛୋଟ ମୁନା ତ ସୁଁ ସୁଁ ହୋଇ କହୁଥାଏ, "ମାମୁଁ, ମାଆ ପାଖକୁ ଯିବି, ମୋତେ ମାଆପାଖୁ ନେଇଚାଲ ।"

ମାମୁ କହିଲା, "ସେଇଠିକି ତ ନେଉଛି ।"

ଏତେ ଡରରେ ବି ସବୁପିଲା ହସି ପକାଇଲେ ।

ରାତି ଭିତରେ ନାଆ ମଗହୀ ନଦୀରୁ ଗଙ୍ଗା ନଦୀ ଭିତରକୁ ଚାଲିଆସିଲା । ଗଙ୍ଗା ନଦୀରେ ଆହୁରି ବଡ଼ ନାଆଟାଏ ଠିଆ ହୋଇଥିଲା । ଏଇ ଲୋକମାନେ ପିଲାମାନଙ୍କୁ ନେଇ ସେଇ ନାଆରେ ଚଢ଼ାଇ ଦେଲେ । କିରାତ ଲୋକେ ସେଇଠୁ ଫେରିଗଲେ । ଏବେ ପିଲାମାନେ ଯେଉଁମାନଙ୍କ ପାଖରେ ଥିଲେ ସେମାନେ ପିଲାଙ୍କ ଭାଷାରେ କଥାବାର୍ତ୍ତା କରୁଥିଲେ । ତାଙ୍କ ଭିତରୁ ଜଣେ କହିଲା, "ଆମେ ତୁମକୁ ଜଙ୍ଗଲରୁ ବାହାର କରି ଏବେ ସହରକୁ ନେଇଯାଉଛୁ ।" ଶେଷରେ ସେମାନେ ପିଲାଗୁଡ଼ାଙ୍କୁ ବନାରସର ଦାସ ହାଟକୁ (ଯେଉଁଠାରେ ଦାସ ଦାସୀ ବିକା କିଣା ହୁଅନ୍ତି) ନେଇ ସେଠି ଗଛ ମୂଳେ ବସାଇଦେଲେ । କିଛି ସମୟ ଭିତରେ ସମସ୍ତଙ୍କୁ ଖାଇବାକୁ ପିଇବାକୁ ଦିଆଗଲା । ସେତିକିବେଳେ ବହୁତ ସିନ୍ଧୁ ଲୋକ ଆସିଗଲେ । ସେମାନେ ତମ୍ବାଖଣ୍ଡ ବଦଳରେ ପିଲାମାନଙ୍କୁ କିଣି ନେଇଗଲେ । ତାପରେ ଅସଲ କିଣିଲାବାଲା ମାଲିକ ଆସି ପିଲାମାନଙ୍କୁ ନିଜ ନିଜ ଭିତରେ ବାଣ୍ଟି ନେଇଗଲେ । ପିଲାମାନେ ଆଉ କେବେ ବି ତାଙ୍କ ମାଆ ବାପାଙ୍କୁ ଦେଖିବାକୁ ପାଇଲେ ନାହିଁ । କେଡ଼େ ଖରାପ କଥା କହିଲ ?

❑❑❑

Digitized by srujanika@gmail.com

(୨୮)

ମୁନାର ପୋଷା ମାଙ୍କଡ଼

ତିମ୍ବାଯୁଗର ମୁନା ବଡ଼ ଚାଲାଖ ଥିଲା । ଥରେ ମାଙ୍କଡ଼ ଧରିବା ଲାଗି ପିଲାମାନେ ଜଙ୍ଗଲରେ ଫାନ୍ଦ ବସାଇଥାନ୍ତି । ବଡ଼ ଫାନ୍ଦ ମଝିରେ ଛୋଟ ଗାତଟିଏ ଖୋଳି ତା'ଭିତରେ ଖାଇବା ଦରବ ରଖି ଦେଇଥା'ନ୍ତି । ଫାନ୍ଦର ଲମ୍ବା ରସିକୁ ଧରି ବହୁତ ଦୂରରେ ମୁନା ଆଉ ତା ସାଙ୍ଗମାନେ ବସିଥା'ନ୍ତି । ମାଙ୍କଡ଼ମାନେ ଆସିଲେ, ଖାଇବା ଦରବ ଦେଖିଲେ ଆଉ ଫେରିଗଲେ । ମାଙ୍କଡ଼ମାନେ ବି ବୁଝି ପାରୁଥିଲେ ମଣିଷର ଚାଲାଖି । କଥା କହିପାରୁ ନଥିଲେ ବୋଲି, ନହେଲେ କହିଥାନ୍ତେ, "ମଣିଷ ଆମରିଠାରୁ ଜନ୍ମ ହୋଇ ଆମକୁ ବୁଦ୍ଧୁ ଭାବୁଛି !" ପିଲାମାନେ ଦିନସାରା ଫାନ୍ଦ ଜଗି ବସି ରହିଲେ, ହେଲେ ଗୋଟିଏ ବି ମାଙ୍କଡ଼ ଫାନ୍ଦରେ ପଡ଼ିଲେ ନାହିଁ ।

ମୁନା ଏଥିରେ ଉଦାସ ହେଲାନାହିଁ । ପରଦିନ ପୁଣି ଗଲା ଆଉ ଦି'ଟା ଫାନ୍ଦ ବସାଇଦେଲା । ସକାଳ ପହରୁ ବସି ବସି ଆସି ଦିପହର ହେଲା । ପ୍ରଥମ ଦିନ ମାଙ୍କଡ଼ ଦଳ ମୁଖିଆ ସମସ୍ତଙ୍କୁ ଡରାଇ ଦେଇଥିଲା, ସେଥିପାଇଁ ଫାନ୍ଦ ପାଖକୁ ଗୋଟିଏ ବି ମାଙ୍କଡ଼ ଆସି ନଥିଲେ । ହେଲେ ପରଦିନ ଅନ୍ୟ କୁଆଡୁ ଅଲଗା ବଡ଼ ମାଙ୍କଡ଼ଟାଏ ଆସି ପହଞ୍ଚିଗଲା । ସିଏ ଲଢ଼େଇ କରିବାକୁ ଆସିଥିଲା । ବାସ୍, ଦଳ ମୁଖିଆ ସାଙ୍ଗରେ ଲାଗିଗଲା ଲଢ଼େଇ, କୁସ୍ତା କୁସ୍ତି । ଜଣେ ଆଉ ଜଣକୁ ଆମ୍ପୁଡ଼ି ପକାଉଥାଏ ତ ଆଉ ଜଣକ ତାକୁ କାମୁଡ଼ି ପକାଉଥାଏ । ଦି'ଜଣଯାକ ଭାରି ରାଗି ଯାଇଥାନ୍ତି । ତାଙ୍କର ଏ ରକ୍ତମୁଖା ଲଢ଼େଇ ଦେଖି ଅନ୍ୟ ମାଙ୍କଡ଼ମାନେ ଡରରେ ଦୂରକୁ ହଟି ଯାଇଥାନ୍ତି । ଦଳ ମୁଖିଆ ଟିକିଏ ଭୁଲ୍ ଦେଖିଲେ ନିଜ ଦଳର

Digitized by srujanika@gmail.com

ମାଙ୍କଡ଼ଙ୍କୁ ବି ଜୋର୍‌ରେ ମରାମରି କରୁଥିଲା, ତେଣୁ ତାକୁ ନିଜ ଦଳରେ ବି କେହି ସୁଖ ପାଉ ନଥିଲେ ।

ଏପଟେ ଜୋର୍ ଲଢ଼େଇ ଚାଲିଥିଲାବେଳେ ସେପଟେ ଦି'ଟା ଛୁଆମାଙ୍କଡ଼ ଚୁପ୍ କରି ଦଳରୁ ଖସିଯାଇ ଫାନ୍ଦ ପାଖକୁ ଚାଲିଗଲେ । ଖାଇବା ଜିନିଷଗୁଡ଼ାକ ତାଙ୍କୁ ଭାରି ଲୋଭିଲା ଲାଗୁଥିଲା, ଯେମିତି ସେଆଡ଼କୁ ହାତ ବଢ଼େଇଛନ୍ତି ମୁନା ଦି'ଟାଯାକ ଫାନ୍ଦର ରସିକୁ ଜୋର୍‌ରେ ଧରି ଟାଣିଦେଲା, ହେଲେ ଟିକିଏ ଡେରି ହୋଇଗଲାରୁ ଗୋଟାଏ ମାଙ୍କଡ଼ ଖସି ପଳେଇଲା। ମାତ୍ର, ଆରଟାର ହାତ ଫାନ୍ଦରେ ଫସିଗଲା। ମୁନା ପାଟି କରି ସାଙ୍ଗମାନଙ୍କୁ ଡାକ ପକେଇଲା । ସାଙ୍ଗମାନେ ମାଙ୍କଡ଼ ଦଳଟାକୁ ଗୋଡ଼େଇ ତଡ଼ିଦେଲେ । ଫାନ୍ଦରେ ପଡ଼ିଥିବା ମାଙ୍କଡ଼ ଛୁଆଟାକୁ ଦେଖି ଜଣେ କହିଲା, "ଚାଲ, ଏଇଟାକୁ ପୋଡ଼ି ଖାଇଦେବା ।"ସେ ସମୟରେ ଲୋକେ ମାଙ୍କଡ଼କୁ ବି ମାରି ଖାଉଥିଲେ ।

ହେଲେ ଏକଥା ଶୁଣି ମୁନା କାନ୍ଦିବାରେ ଲାଗିଗଲା। ମାଙ୍କଡ଼ଛୁଆଟାକୁ ନେଇ ତା'କୋଳରେ ଲୁଚେଇଦେଲା। ଛୁଆଟା ବଞ୍ଚିଗଲା। ମୁନା ତାକୁ ଘରକୁ ନେଇ ଛେଳିଦୁଧ ପିଇବାକୁ ଦେଲା, ଫଳ ମୂଳ ଖାଇବାକୁ ଦେଲା । ଦି-ଚାରିଦିନ ମାଙ୍କଡ଼ ଛୁଆଟା ଡରିଲା, ତାପରେ ମୁନାକୁ ଆଦରି ନେଲା। ମୁନା ବି ତାକୁ ସାଙ୍ଗରେ ରଖି କେତେକଥା ଶିଖାଇଲା। ମାସ କେଇଟା ପରେ ମାଙ୍କଡ଼ଛୁଆ ଦି'ଗୋଡ଼ରେ ଚାଲିବାକୁ ବି ଶିଖିଗଲା। ଆଗ ଗୋଡ଼ ଦି'ଟାରେ ବାଡ଼ିଟାଏ କାନ୍ଧରେ ରଖି ଠୁକୁ ଠୁକୁ ଚାଲୁଥିବ। ପିଲାମାନଙ୍କୁ ଏକଥା ଦେଖି ଭାରି ମଜା ଲାଗେ।

ମାଙ୍କଡ଼ଛୁଆଟା ମୁନାକୁ ଆଦରି ଯାଇଥିଲା, ମୁନା କଥା ମାନୁଥିଲା, ହେଲେ ଅନ୍ୟ ଛୁଆମାନେ ପାଖକୁ ଆସିଲେ ଦାନ୍ତ ଦେଖାଇ ଖତେଇ ହେଉଥିଲା । ଖିଁ ଖିଁ କରି ପାଖକୁ ଦଉଡ଼ି ଯାଉଥିଲା । ଛୋଟ ପିଲାଏ ତାକୁ ଦେଖିଲେ ବହୁତ ଡରି ଯାଉଥିଲେ । ମୁନା ଯଦି କେଉଁ ପିଲା ଆଡ଼କୁ ହାତ ଦେଖାଇ ଧରିବାକୁ କହୁଥିଲା ତ ମାଙ୍କଡ଼ ଯାଇ ସେଇ ପିଲାର କାନ୍ଧ ଉପରେ ହାତ ରଖି ଦେଉଥିଲା । ପିଲାଟା ଭାବୁଥିଲା, ଏଥର ମୋତେ ଇଏ କାମୁଡ଼ି ଦେବ । ହେଲେ ସିଏ କାହାକୁ କାମୁଡୁ

Digitized by srujanika@gmail.com

ନଥିଲା । ମୁନା ସେତେବେଳକୁ ଦଶ ବରଷର ହେଲାଣି। ସିଏ ବାହାରକୁ ବାହାରିଲା ମାତ୍ରେ ମାଙ୍କଡ଼ ଛୁଆଯାଇ ତା'କାନ୍ଧ ଉପରେ ବସି ଯାଉଥିଲା, ଆଉ ମୁନା ମୁଣ୍ଡରୁ ଉକୁଣି ବାଛି ଖାଇବାରେ ଲାଗି ଯାଉଥିଲା । ସେତେବେଳେ ଲୋକମାନେ ବାଳ ସଫା ରଖୁ ନଥିଲେ କି ମୁଣ୍ଡ କୁଣ୍ଡାଉ ନଥିଲେ । ପାନିଆ ବି ତ ନଥିଲା । ସବୁବେଳେ ଗାଧୁଆ ପାଧୁଆ ବି କରୁ ନଥିଲେ । ସେଥିପାଇଁ ସମସ୍ତଙ୍କ ମୁଣ୍ଡରେ ଉକୁଣି ଭର୍ତ୍ତି ହୋଇ ରହୁଥିଲା । ମାଙ୍କଡ଼ ଏତେ ଶୀଘ୍ର ଶୀଘ୍ର ଦି'ହାତରେ ଉକୁଣିଗୁଡ଼ାକ ବାଛି ପାଟିରେ ପକାଉଥିବ ଯେ କହିବାର ନୁହେଁ ।

(୨୯)

ଶୁଆ କଥା କହେ

ମୁନାର ଛୋଟ ଭଉଣି ଥିଲା ମୁନି । ସିଏତ ଭାଇର ଗେହ୍ଲା ଭଉଣି ଥିଲା । ସବୁବେଳେ ଭାଇ ସହିତ ଲାଗି ରହିଥିବ । ଭାଇର ପୋଷା ମଙ୍କଡ଼ଟାକୁ ଦେଖି ତା' ମନଟା ବି କିଲିବିଲି ହୋଇ ଯାଉଥିଲା । ମୁନା ତାକୁ କହୁଥିଲା, "ନେଇଯା ଏଇଟାକୁ, ଖେଳିବୁ।" ହେଲେ ମୁନିର ମାଙ୍କଡ଼ଟାକୁ ଭାରି ଡର । ଦିନେ ମୁନି ଗୋଟିଏ ଗଛ ଉପରେ ଶୁଆ ପକ୍ଷୀର ବସା ଦେଖିଲା । ବସାରେ ଦ'ଟା ଛୋଟ ଶୁଆ ଥିଲେ । ତାଙ୍କ ମାଆ ସେତେବେଳେ ବସାରେ ନଥିଲା । କୁଆଡ଼େ ଅଧାର ଆଣିବାକୁ ଯାଇଥିଲା । ବାସ୍- ମୁନି ସେଥିରୁ ଗୋଟିଏ ଛୁଆ ଉଠେଇ ଆଣିଲା । ଛୋଟ ଛୋଟ ପୋକ ଧରି ତାକୁ ଖାଇବାକୁ ଦେଲା । ସୁନ୍ଦର ପିଞ୍ଜରାଟାଏ ତିଆରି କରି ଛୁଆଟାକୁ ତା'ଭିତରେ ରଖିଦେଲା । ଶୁଆ କୁଆଡ଼େ ଆଉ ଯାଇପାରିଲା ନାହିଁ । ମୁନି ତାକୁ ଭାରି ଶରଧା କରେ । ତା'ସାଙ୍ଗରେ ଗପସପ କରେ । କହେ, "ନେ, ଏଇ ମିଠା ଫଳଟା ଖାଇ ଦେ । ଭୋକ କରୁଥିବ।" ଶୁଆକୁ ଧରିବାର ତିନି ଚାରି ମାସ ହୋଇ ଯାଇଥାଏ । ସୁନ୍ଦର ସୁନ୍ଦର

Digitized by srujanika@gmail.com

ଶାଗୁଆ ପରସବୁ ତା ଦେହରେ ଉଠି ଯାଇଥାଏ । ମୁନିର ମାଆ କହିଲା, "ଶୁଆଟାକୁ ବାହାରକୁ ଛାଡ଼ିବୁ ନାହିଁ, ଡେଣା ଉଠିଗଲାଣି, ଉଡ଼ି ପଳାଇବ ।" ମୁନି ପଚାରିଲା, "କାହିଁକି ଉଡ଼ିଯିବ ? ମୁଁ ତ ତାକୁ କେତେ ଗେଲ କରୁଛି, ଭଲ ମିଠା ମିଠା ଫଳ ଖାଇବାକୁ ଦେଉଛି ।"

ମୁନିର ମାଆ କହିଲା, "ତୋ ପରି ତା'ର ବି ତ ମାଆ ଅଛି । ସିଏ ତା' ମାଆ ପାଖକୁ ଉଡ଼ି ପଳାଇବ ।" ଏକଥା ଶୁଣି ମୁନି ଶୁଆଟାକୁ ଯେତେ ଭଲ ପାଇଲେ ବି ଜମା ପିଞ୍ଜରାରୁ ପଦାକୁ କାଢୁ ନଥିଲା ।

ଦିନେ ମୁନି ଶୁଣିଲା, ଶୁଆ କହୁଛି, "ଭୋକ ହେଲାଣି, ଆମ୍ବ ଦେ, କଦଳୀ ଦେ ।" ମୁନି ତ ଏକଥା ଶୁଣି ପୂରା ତାଟକା ହୋଇଗଲା ! ଶୁଆଟା ପୁଣି ଆମ ମଣିଷଙ୍କ ପରି କଥା କହୁଛି ! ତାଙ୍କ ଗାଆଁରେ ସେଇଟା ପ୍ରଥମ ପୋଷା ଶୁଆ ଥିଲା, ଯାହାକୁ ମୁନି ପାଳିଥିଲା । ଏହା ଆଗରୁ ମଣିଷକୁ ଜଣା ନଥିଲା କି ଶୁଆ ବି ମଣିଷ ଭଳି କଥା କହିପାରେ । ମୁନି ତା ଶୁଆକୁ ପିଞ୍ଜରାରେ ଧରି ଆଉ ମୁନା ତା ମାଙ୍କଡ଼କୁ ସାଙ୍ଗରେ ଧରି ବାହାରକୁ ଖେଳିବାକୁ ନେଉଥିଲେ । ଦିନେ ମୁନି ତା ଶୁଆକୁ ସାଙ୍ଗରେ ନେଇ ବାହାରକୁ ଖେଳିବାକୁ ଯାଇଥାଏ । ପିଞ୍ଜରାଟାକୁ ତଳେ ରଖିଦେଇ ଖେଳୁଥିଲା ବେଳେ ପାଖରେ ଦି'ଜଣ ସ୍ତ୍ରୀ ଲୋକ ଏତେ ଜୋର୍‌ରେ କଳି ଆରମ୍ଭ କରିଦେଲେ ଯେ ତାଙ୍କ କଳି ଦେଖୁ ଦେଖୁ ମୁନି ଶୁଆ କଥା ପୂରା ଭୁଲିଗଲା, ଆଉ ଶୁଆକୁ ସେଠାରେ ଛାଡ଼ିଦେଇ ଘରକୁ ଚାଲିଆସିଲା । ରାତି ହେଲେ ଶୁଆ କିଛି କଥା କହି ନଥାଏ, ଚୁପ୍‌ଚାପ୍ ରହେ । ଶୁଆ ସେମିତି ପିଞ୍ଜରା ଭିତରେ ରାତିସାରା ବାହାରେ ରହିଲା । ସକାଳ ହେଲାରୁ ପାଖ ଆଖ ଗଛରେ ଚଢ଼େଇମାନେ ଚୁଁ ଚାଁ ଆରମ୍ଭ କରିଦେଲେ । କାଉ ତ ଦେଖିବାକୁ କଳା ଆଉ କର୍କଶ ସ୍ୱରରେ କାଆ କାଆ ବି କରୁଥିଲା । ହେଲେ ଅନ୍ୟ ଯେଉଁ ଚଢ଼େଇମାନେ ଥିଲେ ବେଶ୍ ମିଠା ମିଠା ସ୍ୱରରେ ଗୀତ ଗାଉଥିଲେ । ସକାଳୁ ମୁନି ଆସି ପିଞ୍ଜରା ସହିତ ଶୁଆଟାକୁ ଘରକୁ ନେଇଗଲା । ମିଠା ମିଠା ଫଳ ତାକୁ ଖାଇବାକୁ ଦେଲା ।

Digitized by srujanika@gmail.com

ଫଳ ଖାଇ ଶୁଆ କଥା କହିବାକୁ ଆରମ୍ଭ କଲା । ହେଲେ ତା' କଥା ଶୁଣି ମୁନି ପୂରା ଆଚମ୍ୱିତ ହୋଇଗଲା । ଶୁଆ ମଣିଷର ଭାଷା କହୁଥିଲା । ଗତକାଲି ଯେଉଁ ଝଗଡ଼ାର କଥା ସିଏ ଶୁଣିଥିଲା, ସେଇ କଥା କହୁଥିଲା, "ତୁ ମର୍ ଯା' । ନା, ମୁଁ କାହିଁକି ମରିବି, ତୁ ମର୍ ଯା, ତତେ କୁକୁର ଶିଆଳ ଖାଆନ୍ତୁ ।" ଆହୁରି କେତେ କେତେ ଗାଳି କଥା କହି ପକାଇଲା । ଏକଥା ଶୁଣି ମୁନିକୁ ବଡ଼ ଖରାପ ଲାଗିଲା । ହେଲେ ଶୁଆ ଯେତେବେଳେ ଖୁସି ରହୁଥିଲା କହୁଥିଲା, "ମୁନି ଜୀ, କ'ଣ କରୁଛ ? ଖାନା ଖାଉଛ; ଖାନା ଆଣ । ମିଠା ପାଣି ପିଅ । ମୁନି ଜୀ ମୋତେ ଭୋକ ଲାଗିଲାଣି , ଖାଇବାକୁ ଦିଅ ।" ହେଲେ ସେତେବେଳେ ତାକୁ ଭୋକ ହେଉ ନଥିବ, ଖାଲି କଥା କହିବାକୁ ଏମିତି ସବୁ କହି ଚାଲିଥିବ ।

ମୁନି ବୁଢ଼ୀ ହୋଇଗଲା, ମୁନିର ଝିଅ ବି ବଡ଼ ହୋଇଗଲା, ହେଲେ ଶୁଆ ସେମିତି ଥିଲା । ଶୁଆମାନେ ବହୁତ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି । ମୁନି ତା ନାତୁଣିମାନଙ୍କୁ କହୁଥିଲା , "ମୁଁ ଛୋଟ ଥିଲାବେଳେ ଏଇ ଶୁଆକୁ ପାଳିଥିଲି ।" ଏବେ ତ ଶୁଆ ଆହୁରି କେତେ କଥା କହୁଥିଲା ।

ଶୁଆମାନେ କେମିତି ମଣିଷଙ୍କ ପରି କଥା କହିଥା'ନ୍ତି କେଜାଣି !

(୩୦)

ଅନେକ କାଳ ପରେ ଆଉ ଗୋଟିଏ ମୁନା ହେଲା । ମ୍ୟୁଗ ସେତେବେଳେ ବି ଚାଲିଥାଏ । ଥରେ ସେଇ ମୁନା ଦେଖିଲା, ବଡ଼ ଚିଲଟାଏ ଆକାଶରେ ଉଡ଼ି ଯାଉଛି । ପକ୍ଷୀ ଡେଣା କିଛି ନ ହଲାଇ ସିଏ ଆକାଶରେ ଉଡୁଥାଏ । ମୁନା ମାଆକୁ କହିଲା, "ମାଆ, ମୁଁ ବି ଚିଲ ଭଳି ଆକାଶରେ ଉଡ଼ିବି ।" ପାଖରେ ମୁନି ଥିଲା, କହିଲା, "ତୁ ଚିଲ ହୋଇ ଯାଉନୁ ।"

Digitized by srujanika@gmail.com

ମୁନା କହିଲା, "ଚିଲ କେମିତି ହେବି ? ମୁଁ ଚିଲ ହୋଇ ଯାଆନ୍ତି ଯେ, ହେଲେ କେମିତି ହେବି ?" ସେଇଠୁ ମୁନି କହିଲା, "ଚିଲ ନହେଲେ ଉଡ଼ିବୁ କେମିତି ? ମୁନା ଭାବୁଥିଲା- "ମୁଁ ତ ସପନରେ ଉଡ଼ି ପାରୁଛି । ଏମିତି କାହିଁକି ଉଡ଼ି ପାରୁନାହିଁ ?"ମାଆ ତାକୁ ବୁଝାଇଲେ, "ନାଇଁରେ ପୁଅ, ମଣିଷ ଉଡ଼ି ପାରେନା, ମାଛ, କଙ୍କଡ଼ା, କଇଁଛ ବି ଉଡ଼ି ପାରନ୍ତି ନାହିଁ । ସିଂହ, ହାତୀ ବି ଉଡ଼ନ୍ତି ନାହିଁ ।" ବିଚରା ମୁନା ! ଛୋଟ ପିଲା ତ, ଏକଥା ଶୁଣି ତାକୁ ବଡ଼ ଦୁଃଖ ଲାଗିଲା । ସିଏ ପାଣିରେ ପହଁରି ପାରୁଥିଲା । ଦିନେ ମାଆକୁ କହିଲା, "ମାଆ, ଆମେ ତ ମାଛ ନୁହଁନ୍ତି, କିନ୍ତୁ ପାଣିରେ ପହଁରି ପାରୁଛନ୍ତି, ହେଲେ ଉଡ଼ି ପାରିବା ନାହିଁ କାହିଁକି ?" ମାଆ ତାକୁ ବହୁତ ବୁଝେଇଲେ ବି ସେ ଜମା ବୁଝିଲା ନାହିଁ । ଖାଲି କାନ୍ଦୁଥାଏ। ମୁନି ମାଆକୁ ପଚାରିଲା, "ମାଆ, ଖାଲି କଣ ପକ୍ଷୀମାନେ ଆକାଶରେ ଉଡ଼ି ପାରନ୍ତି ଆଉ କେହି ନୁହେଁ ?"ମାଆ କହିଲା, "ଯେଉଁମାନଙ୍କର ଥଣ୍ଟ ଆଉ ଡେଣା ଥାଏ ସେଇମାନେ ଉଡ଼ି ପାରନ୍ତି । ବାଦୁଡ଼ି ଏକା ଥଣ୍ଟ ନଥିବା ଜୀବ, ଯାହାର ଦାନ୍ତ ଅଛି ଆଉ ସିଏ ତା ଚମଡ଼ା ଡେଣାରେ ଉଡ଼ିଥାଏ।" ଏକଥା ଶୁଣି ମୁନା କହିଉଠିଲା, "ତାହେଲେ ମୁଁ ଚମଡ଼ାର ଡେଣା ଲଗାଇ ଦେବି ।" ମାଆ ମୁନାକୁ ଗେଲ କରି କହିଲା, "ବାହାରେ ଖାଲି ଡେଣା ଲଗାଇଦେଲେ କ'ଣ ହୋଇଯିବ ? ପକ୍ଷୀମାନଙ୍କର ଡେଣା ତ ଜନ୍ମରୁ ତାଙ୍କ ସହିତ ଉଠିଥାଏ ।" ମୁନାକୁ ବହୁତ ଦୁଃଖ ହେଉଥିଲା କି ସିଏ ଉଡ଼ି ପାରୁ ନଥିଲା । ଶେଷରେ ସିଏ ତା ମନକୁ ବୁଝାଇ ଦେଲା ଆଉ କହିଲା,- "ମଣିଷ କେବେ ଉଡ଼ି ପାରିବ ନାହିଁ । ମଣିଷ କେବେ ଉଡ଼ି ନଥିଲା କି କେବେ ଉଡ଼ି ପାରିବ ନାହିଁ, କାହିଁକି ନା ମଣିଷର ଡେଣା ନାହିଁ, ପୁଣି ମଣିଷର ଦାନ୍ତ ବି ଅଛି ।" ମୁନା ମନେ ମନେ ଭାବୁଥିଲା- ଯଦି ଆମ ଦାନ୍ତ ଆମ ଥଣ୍ଟହୋଇ ଯାଆନ୍ତା, ଆଉ ଆମର ଡେଣା ଉଠିଯାଆନ୍ତା, ତାହେଲେ କେଡ଼େ ମଜା ନ ହୁଅନ୍ତା !

ମୁନା ଯେତେବେଳେ ବଡ଼ ହୋଇଗଲା, ସେତେବେଳେ ସିଏ ତ ମାନି ଯାଇଥିଲା କି ମଣିଷ କେବେ ମଧ ଉଡ଼ି ପାରିବ ନାହିଁ । ଏହା ବାଦ୍ ପୁଣି ନୂଆ ମୁନା

Digitized by srujanika@gmail.com

ଆସିଲା । ସିଏ ବି ନିଜକୁ ସପନରେ ଉଡୁଥିବାର ଦେଖୁଥିଲା । ଚଢ଼େଇ ଉଡୁଥିବାର ଦେଖୁଥିଲା । ତେଣୁ ତା' ମନରେ ବି ଉଡ଼ିବା ଲାଗି ଇଚ୍ଛା ହେଲା । ସବୁ ମୁନା ଉଡ଼ିବା ଲାଗି କାନ୍ଦୁଥିଲେ ।

ଶେଷରେ, ବାବା ଯେତେବେଳେ ଛୋଟ ପିଲା ଥିଲେ ସେତେବେଳେ ତ ମଟରଗାଡ଼ି ବି ନଥିଲା, ଉଡ଼ାଜାହାଜ କଥା କ'ଣ କହିବା ! ହେଲେ ଆଜିକାଲିର ମୁନା ମୁନି, ଦେଖ ତ ଆକାଶରେ ଉଡ଼ି ପାରୁଛନ୍ତି । ପୁଣି କେତେ ବେଗରେ ଉଡୁଛନ୍ତି ! କୌଣସି ପକ୍ଷୀ ବି ଏତେ ବେଗରେ ଉଡ଼ି ପାରିବ ନାହିଁ । ମଣିଷ ଯେତେବେଳେ ପ୍ରଥମ କରି ଉଡ଼ାଜାହାଜ ତିଆରି କଲା, ସେତେବେଳେ ତାକୁ ବହୁତ ପାଠ ପଢ଼ିବାକୁ ପଡ଼ିଲା । ରାତି ରାତି ବସି ପାଠ ମୁଖସ୍ଥ କରିବାକୁ ପଡ଼ିଲା । ସେ ଲୁହା ତିଆରି କଲା, ତାପରେ ଆହୁରି ଟାଣ ଲୁହା, ଇସ୍ପାତ ତିଆରି କଲା । ପ୍ରଥମେ ବେଲୁନ୍ ତିଆରି କରି ସେଥିରେ ଉଡ଼ିଲା, ଶେଷରେ ଯାଇ ଉଡ଼ାଜାହାଜ ତିଆରି କରିପାରିଲା । ଆଉ ଆମେ ଏବେ କେତେ ଆରାମରେ ଉଡ଼ାଜାହାଜରେ ବସି ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ଉଡ଼ି ଯାଉଛୁ କହିଲ ! ଏତେ ଆରାମ ନା ରେଳରେ ଅଛି ନା ମଟର ଗାଡ଼ିରେ ଅଛି ! ମୁନାମାନେ ଉଡ଼ିବା କଥା ଭାବିବାରୁ ସିନା ଏପରି ସବୁ ହୋଇପାରିଲା !

-- ୦ --

Digitized by srujanika@gmail.com

9 788193 741573

MANISARA KAHANI
A Nabapallav Publication 2018
Rs. 75.00

Digitized by srujanika@gmail.com